

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ♦VOLUME- 43 ♦ISSUE-105 ♦SATURDAY ♦11 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୫ ♦ଶନିବାର ♦୧୧ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ମାରିଆ ମାଚାଡ଼ୋଙ୍କୁ 'ନୋବେଲ ଶାନ୍ତି'



**ଟ୍ରମ୍ପ ନିରାଶ**

■ **ଷ୍ଟକହାମ୍, ୧୦।୧୦ (ଏଜେନ୍ସି):** ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ନିଜ ସପକ୍ଷରେ ବିଶ୍ୱବ୍ୟାପୀ ସମର୍ଥନ ଜୁଟାଇବାର ବହୁ ପ୍ରୟାସ ଓ ପ୍ରଚାର ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିରାଶ ହେବାକୁ ପଡ଼ିଛି। ଲାଟିନ ଆମେରିକୀୟ ଦେଶ ଭେନେଜୁଏଲାର ଆଇରନ ଲେଡି ଭାବେ ପରିଚିତ ୫୮ ବର୍ଷୀୟା ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବିରୋଧୀ ଦଳ ନେତ୍ରୀ ମାରିଆଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଏବେ ଅଜ୍ଞାତବାସରେ ଅଛନ୍ତି। ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଦୀର୍ଘ ୨୦ ବର୍ଷଧରି ନିରବଚ୍ଛିନ୍ନ ଭାବେ ପ୍ରୟାସ କରିଆସୁଥିବା ମାରିଆଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ସ୍ୱିଡିଶ ଏକାଡେମୀ ପକ୍ଷରୁ ▶ପୃଷ୍ଠା-୧୦

**ପୁଲିସ ଚାକିରି ବିକ୍ରି**

## ପୂର୍ବତନ ଜେଲ୍ ଅଧିକାରୀଙ୍କୁ ପଚରାଉଚରା

■ **ଭୁବନେଶ୍ୱର, ୧୦।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ଓଡ଼ିଶା ସୀମା ଡେ଼ଇଁ ଜାତୀୟସ୍ତରରେ ପହଞ୍ଚିଛି। ଯୋଜନାବଦ୍ଧ ଭାବରେ ହୋଇଥିବା ଏହି ଚାକିରି ବିକ୍ରି ଷଡ଼ଯନ୍ତ୍ର ମଧ୍ୟପ୍ରଦେଶର କୁଖ୍ୟାତ ବ୍ୟାପମ୍ ସ୍କାମକୁ ବି ଟପି ଯାଇଥିବା କୁହାଯାଉଛି। ଏହି କ୍ରମରେ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଜି ଜଣେ ପୂର୍ବତନ ଜେଲ ଅଧିକାରୀଙ୍କୁ ପଚାରାଉଚରା କରିଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଏହି ଘଟଣା ସମ୍ପର୍କରେ ତାଙ୍କୁ ପ୍ରାୟ ୪୫ ମିନିଟ ଧରି ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଛନ୍ତି। ପୁଲିସ ଚାକିରି ପାଇଁ ଜଣ ପିଛା ୨୫ରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ରେଟ୍ ଛିଡ଼ିଥିବା ଓ ପ୍ରାୟ ୫ରୁ ୧୦ ଲକ୍ଷ ଟଙ୍କା ଅଗ୍ରୀମ ନିଆଯାଇଥିବା କୁହାଯାଉଛି। ସେହିପରି ଜେଲ୍ ବିଭାଗ ଡିଜି ସମ୍ପ୍ରତି ଓପିଆର୍‌ବି ଅଧକ୍ଷ ଥିବାରୁ ଏହି ଘଟଣାରେ ଜେଲ୍ ବିଭାଗର ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ତେଣୁ କ୍ରାଇମବ୍ରାଞ୍ଚ ଆଜି ତାଙ୍କୁ ଜେରା କରିଥିବା କୁହାଯାଉଛି। ▶ପୃଷ୍ଠା-୧୦

**ଗିରଫ ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅଛନ୍ତି ପୂର୍ବ ଡିଆଇଜିଙ୍କ ପୁଅ**

**ପରୀକ୍ଷା ସବ୍‌ଲେଟ୍ ସମ୍ପର୍କରେ ସବୁ ଜାଣି ଚୁପ୍ ଥିଲା ଓପିଆରବି**

**ଟେଣ୍ଡର ନେଇଥିବା ଆଇଟିଆଇ ଲିମିଟେଡ୍‌କୁ ପଠାଇଲା ନୋଟିସ**

## ଦିଲ୍ଲୀରୁ ଫେରିଲେ ନବୀନ



**ଖୁବ୍ ଶୀଘ୍ର ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ନାମ ଘୋଷଣା**

■ **ଭୁବନେଶ୍ୱର, ୧୦।୧୦ (ସମିସ):** ଶୁକ୍ରବାର ଅପରାହ୍ନରେ ଦିଲ୍ଲୀରୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗତମାସରେ ନବୀନ ବ୍ୟକ୍ତିଗତ କାର୍ଯ୍ୟବଶତଃ ନୂଆଦିଲ୍ଲୀ ଯାଇଥିଲେ ଓ ନିଜ ବାସଭବନରେ ଅବସ୍ଥାନ କରୁଥିଲେ। ଏହି ସମୟରେ ସେ ନିଜ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କୁ ମଧ୍ୟ ଭେଟିଥିଲେ। ଦିଲ୍ଲୀରେ ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ୱାଇଲ୍ଡଲାଇଫ୍ ଫଟୋ ପ୍ରଦର୍ଶନୀ ସହ ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୟେଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀରେ ମଧ୍ୟ ନବୀନଙ୍କୁ ଦେଖିବାକୁ ମିଳିଥିଲା। ଏହା ସତ୍ତ୍ୱେ ନବୀନ ଓଡ଼ିଶାରେ ଘଟୁଥିବା ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖୁଥିବା ଓ ନିୟମିତ ଭାବରେ ସାମାଜିକ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ଦେଉଥିବା ଦେଖା ଯାଇଥିଲା। ▶ପୃଷ୍ଠା-୧୦




mahindra with you hamesha 1800-209-6006 | xmart by mahindra SMART BUY. SMART EXCHANGE. | UDAY

ଦଶ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା

ପ୍ରଦର୍ଶିତ ସହ-ଉପକରଣସବୁ ମାନକ ଉପକରଣର ଭାଗ ନୁହେଁ।

*GST ମୂଲ୍ୟ ହ୍ରାସ ଯୋଗୁଁ ନୂଆ ମୂଲ୍ୟ ୨୨ ସେପ୍ଟେମ୍ବର ୨୦୨୫ ରୁ ଲାଗୁ। *ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।

BASANTI AUTO AGENCY: BALASORE, BHADRAK, BARIPADA, JALESWAR: 7574808557,
UTKAL AUTOMOBILES: BARBIL, KEONJHAR: 9873942631

# ନାଟୋରୁ ସ୍ପେନ୍‌କୁ ବିଦା କରିବାକୁ କହିଲେ ଟ୍ରମ୍ପ



ନ୍ୟୁୟର୍କ, ୧୦।୧୦ (ଏଜେନ୍ସି): ସାମରିକ ମେଣ୍ଟ ନାଟୋରୁ ସ୍ପେନ ଭଳି ୟୁରୋପୀୟ ଦେଶକୁ ବାଦ ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଯଦି ସ୍ପେନ୍ ନିଜର ପ୍ରତିରକ୍ଷା ବ୍ୟୟ ଅର୍ଥାତ ଡିଫେନ୍ସ ବଜେଟ୍ ବୃଦ୍ଧି ନକରେ ତେବେ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍ବଙ୍କ ସହ ଏକ ବୈଠକ ପରେ ଟ୍ରମ୍ପ ସାମ୍ବାଦିକମାନଙ୍କୁ ଏହି କଥା କହିଛନ୍ତି। ପୂର୍ବରୁ ଜୁନ୍‌ରେ ଟ୍ରମ୍ପ ଏ ସଂକ୍ରାନ୍ତରେ ସ୍ପେନ୍‌କୁ ଧମକ ମଧ୍ୟ ଦେଇଥିଲେ। ଗତ କିଛି ମାସ ହେବ ଟ୍ରମ୍ପ ନାଟୋରେ ସାମିଲ ଥିବା ଦେଶଗୁଡିକୁ ନିଜ ପ୍ରତିରକ୍ଷା ବ୍ୟୟ ବଢ଼ାଇବାକୁ କ୍ରମାଗତ ଭାବେ ଚାପ ପକାଇ ଆସୁଛନ୍ତି। ନାଟୋ ଶିଖର ସମ୍ମିଳନୀରେ ଟ୍ରମ୍ପ ସବୁ ଦେଶକୁ ଡିଫେନ୍ସ ବଜେଟକୁ ଜିଡିପିର ୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ କହିଥିଲେ। କିନ୍ତୁ ସେତେବେଳେ ସ୍ପେନ ଏହାକୁ ଖାରଜ କରିଥିଲା। ଡିଫେନ୍ସ ବଜେଟ ବୃଦ୍ଧି କଲେ ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ନକରାତ୍ମକ ଭାବେ ପ୍ରଭାବିତ ହେବ। ଏଥିରେ ଖର୍ଚ୍ଚ କାଟ କରିବାକୁ ହେବ ଓ ଆଦୌ ଠିକ୍ ନୁହଁ ବୋଲି ସ୍ପେନ ପ୍ରଧାନମନ୍ତ୍ରୀ ପଡ୍ରୋ ସାଞ୍ଚେଜ ଯୁକ୍ତି ବାଢ଼ିଛନ୍ତି। କିନ୍ତୁ ନାଟୋ ପ୍ରତି ସ୍ପେନ ସମର୍ପିତ ରହିଛି ଓ ଆମେରିକା ଭଳି ନିଜ ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି।

# ଆମେରିକାକୁ ବଗରାମ ଏୟାରବେସ୍ ଦେବନି ତାଲିବାନ୍

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଥିବା ତାଲିବାନ ବିଦେଶମନ୍ତ୍ରୀ ଅମିର ଖାନ ମୁତ୍ତକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି। ଆମେରିକାକୁ ବଗରାମ ଏୟାରବେସ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଏହା ସହିତ କୌଣସି ଦେଶ ବିରୋଧରେ ଆଫଗାନ ମାଟିକୁ ବ୍ୟବହାର କରିବାକୁ ଦେବୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ଗତ ମାସରେ ଟ୍ରମ୍ପ ଏହି ଏୟାରବେସ ପୁଣି ଫେରି ପାଇବାକୁ ଦାବି କରିଥିଲେ। ଏପରି ନ କଲେ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ମୁତ୍ତକି କହିଛନ୍ତି ଯେ ନିଜ ଦେଶରେ ବିଦେଶୀ ସେନାକୁ ଆଫଗାନ ନାଗରିକ ସ୍ୱୀକାର କରିବେ ନାହିଁ। ମାତ୍ର କୂଟନୈତିକ ଭାବେ ଆଫଗାନ ସହ କୌଣସି ଦେଶ ସମ୍ପର୍କ ବୃଦ୍ଧି କରିପାରିବେ। ଏହା ସହିତ ଚାବାହର ବନ୍ଦରରୁ କଟକଣା ହଟାଇବା ପାଇଁ ମୁତ୍ତକି ଆମେରିକାକୁ ଅନୁରୋଧ କରିଛନ୍ତି। ଏ ନେଇ ଭାରତ-ଆମେରିକା ଚର୍ଚ୍ଚା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏହି କଟକଣା ହଟିଲେ ପାକିସ୍ତାନ ନ ଯାଇ ସିଧାସଳଖ ଆଫଗାନ ସହ କାରବାର କରିହେବ।

# ଆଫଗାନିସ୍ତାନରେ ପୁଣି ଦୂତାବାସ ଆରମ୍ଭ କରିବ ଭାରତ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଭାରତ ପୁଣି ଥରେ ଆଫଗାନିସ୍ତାନରେ ଦୂତାବାସ ଆରମ୍ଭ କରିବ। ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ଆଫଗାନିସ୍ତାନର ତାଲିବାନ ସରକାରଙ୍କ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ଶୁକ୍ରବାର ଦ୍ୱିପାକ୍ଷିକ ବୈଠକରେ ମିଳିତ ହୋଇଥିଲେ ଓ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଏହି ବୈଠକରେ ଭାରତ କିମ୍ବା ଆଫଗାନିସ୍ତାନର ପତାକା ଦେଖିବାକୁ ମିଳି ନଥିଲା। ଭାରତ ଏପର୍ଯ୍ୟନ୍ତ ଆଫଗାନିସ୍ତାନର ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରି ନଥିବାରୁ ବୈଠକର ପ୍ରଚ୍ଛଦରେ କୌଣସି ପତାକା ଦେଖିବାକୁ ମିଳି ନଥିଲା। ତାଲିବାନ କ୍ଷମତାକୁ ଆସିବା ପରେ ୨୦୨୧ରେ ଭାରତ ତା'ର ଦୂତାବାସକୁ ବନ୍ଦ କରିଥିଲା। କାବୁଲରେ ଥିବା ବୈଷୟିକ ମିସନକୁ ଭାରତ ଏବେ ଦୂତାବାସରେ ପରିଣତ କରିବ। ଦୂତାବାସକୁ ବନ୍ଦ କରିବାର ଗୋଟିଏ ବର୍ଷ ପରେ ଭାରତ ଚିକିତ୍ସା ସହାୟତା ଓ ମାନବୀୟ ସହାୟତା ଉପଲବ୍ଧ କରାଇବାକୁ କାବୁଲରେ ଏକ ଛୋଟ ମିଶନ ଖୋଲିଥିଲା। ଆଫଗାନିସ୍ତାନର ବିକାଶରେ ଭାରତ ରୁଚି ରଖୁଛି ବୋଲି ଜୟଶଙ୍କର କହିଛନ୍ତି। ମୁତ୍ତାକି ମଧ୍ୟ ବିଭିନ୍ନ ପ୍ରକାର ସହାୟତା, ସହଭାଗିତା ଓ ବନ୍ଧୁତା ପାଇଁ ଭାରତକୁ କୃତଜ୍ଞତା ଜଣାଇଛନ୍ତି। ଆଫଗାନିସ୍ତାନରେ ଯେତେବେଳେ ଭୂକମ୍ପ ଆସିଥିଲା ଭାରତ ପ୍ରଥମ ଦେଶ ଭାବେ ସାହାଯ୍ୟ ଓ ସୁବିଧା ସୁଯୋଗ ଉପଲବ୍ଧ କରାଇଥିଲା ବୋଲି ମୁତ୍ତାକି କହିଛନ୍ତି। ମୁତ୍ତାକି ତାଜମହଲ ଓ ଦେଓବନ୍ଦ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

# କରୁର ଦଳାଚକଟା: ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ



ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): କରୁର ଦଳାଚକଟା ମାମଲାରେ ସୁପ୍ରିମକୋର୍ଟ ସିବିଆଇ ଯାଞ୍ଚ କରିବା ଓ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ଏସ୍‌ଆଇଟି ଗଠନ ଆଦେଶକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ରାୟକୁ ସୁରକ୍ଷିତ ରଖିଛନ୍ତି। ତାମିଲ ଅଭିନେତା ବିଜୟଙ୍କ ନବଗଠିତ ପାର୍ଟି ଟିଭିକେ ଓ ବିଜେପି ନେତା ଉମା ଆନନ୍ଦନ ଏହି ଅବେଦନ ଦାଖଲ କରିଥିଲେ। ଟିଭିକେ ତରଫରୁ ଆଡଭୋକେଟ ଗୋପାଳ ସୁବ୍ରମନିୟମ ଓ ସିଏ ସୁନ୍ଦରନ ତର୍କ ଉପସ୍ଥାପନ କରିଥିଲେ। ସେପଟେ ତାମିଲନାଡୁ ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଙ୍ଘଭି ସିବିଆଇ ଯାଞ୍ଚର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏହି ଦଳାଚକଟା ଘଟଣାରେ ପୁଲିସର ବିଫଳତା ସାବ୍ୟସ୍ତ ହୋଇନାହିଁ ବୋଲି ସେ ତର୍କ ଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭର୍ତ୍ସନା କରିଛନ୍ତି। ସକାଳୁ ଭିଡ଼ ହୋଇଥିବାରୁ ଏହି ଦଳାଚକଟା ହୋଇଥିଲା ବୋଲି କୁହାଯାଇଥିଲା। କିନ୍ତୁ ବିଜୟ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୭ରେ ହୋଇଥିବା ଏହି ଦଳାଚକଟାରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ଜଣ ଆହତ ହୋଇଥିଲେ। ଅକ୍ଟୋବର ୪ରେ ବିଜୟଙ୍କ ପାର୍ଟି ଉତ୍ତରଦାୟିତ୍ୱରୁ ବର୍ତ୍ତି ପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ବିଜୟଙ୍କ ପାର୍ଟି ଏସ୍‌ଆଇଟି ଗଠନକୁ ବିରୋଧ କରିଥିଲା।

# ଜାମ୍ମୁ- କଶ୍ମୀରକୁ ରାଜ୍ୟ ମାନ୍ୟତା: କେନ୍ଦ୍ରକୁ ଜବାବ ତଲବ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୁଣି ଥରେ ରାଜ୍ୟ ମାନ୍ୟତା ଦେବା ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ତେବେ ଏ ନେଇ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ମଧ୍ୟରେ କଥାବାର୍ତ୍ତା ଚାଲିଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଶୁଣାଣି ବେଳେ କହିଥିଲେ। ଜମ୍ମୁ-କଶ୍ମୀରରେ ବିକାଶ ତ୍ୱରାନ୍ୱିତ ହୋଇଛି ଓ ୯୯.୯ ପ୍ରତିଶତ ଲୋକ ସରକାରଙ୍କ ସହ ରହିଛନ୍ତି। କିନ୍ତୁ କିଛି ଲୋକ ମିଛ ଖବର ପ୍ରଚାର କରୁଛନ୍ତି ଓ ଲୋକଙ୍କୁ ଭ୍ରମିତ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ଅଗଷ୍ଟ ୧୪ରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ୮ ସପ୍ତାହ ମଧ୍ୟରେ ଏହି ମାମଲାରେ ଲିଖିତ ଜବାବ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ତଳେ ୨୦୧୯ ଅଗଷ୍ଟ ୫ରେ ୩୭୦ ଧାରା ହଟାଇବା ପରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ର ଶାସିତ ପ୍ରଦେଶର ମାନ୍ୟତା ଦେଇଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିକୋର୍ଟରେ ଆବେଦନ ହୋଇଥିଲା।

# ବିଷାକ୍ତ କଫ୍ ସିରପ୍ ମାମଲା: ରଙ୍ଗନାଥନ୍‌ଙ୍କୁ କୋର୍ଟରେ ଆକ୍ରମଣ

ଭୋପାଳ, ୧୦।୧୦(ଏଜେନ୍ସି): ବିଶାକ୍ତ କଫ୍ ସିରପ୍ ସେବନ ଯୋଗୁଁ ଶିଶୁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଶ୍ରୀସାନ ଫାର୍ମାସିଟିକାଲ କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କ ଉପରେ ପରାସିଆ କୋର୍ଟରେ ଆକ୍ରମଣ ହୋଇଛି। ଓକିଲଙ୍କ ସମେତ ସେଠାରେ ଏକାଠି ହୋଇଥିବା ଲୋକ ତାଙ୍କୁ ଫାସୀ ଦେବାକୁ ଦାବି କରିଛନ୍ତି। ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ରଙ୍ଗନାଥନଙ୍କୁ ଶୁକ୍ରବାର ଅପରାହ୍ଣ ୧୧ଟାରେ ପରାସିଆ କୋର୍ଟରେ ହାଜର କରିଥିଲା। ଶ୍ରୀସାନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଶାକ୍ତ କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ୨୫ ଜଣ ପିଲା ମୃତ୍ୟୁବରଣ କରିଥିଲେ। ସେପଟେ ଏହି ମାମଲାରେ ସିବିଆଇ ଦ୍ୱାରା ଯାଞ୍ଚ ପାଇଁ ହେଉଥିବା ଦାବିକୁ ସୁପ୍ରିମକୋର୍ଟ ପ୍ରତ୍ୟାଖାନ କରିଛନ୍ତି। ରଙ୍ଗନାଥନଙ୍କ ପାଇଁ କୌଣସି ଓକିଲ କୋର୍ଟରେ ଲଢ଼ିବେ ନାହିଁ ବୋଲି ପରାସିଆ ବାର ଆସୋସିଏସନ ଅଧ୍ୟକ୍ଷ ଶ୍ୟାମ କୁମାର ସାହୁ କହିଛନ୍ତି। ପୁଣି ଯଦି ବାହାରୁ କୌଣସି ଓକିଲ ତାଙ୍କ ପାଇଁ କେସ୍ ଲଢ଼ନ୍ତି, ତାଙ୍କୁ ବିରୋଧ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋର୍ଟ ପରିସରରେ ଲୋକଙ୍କ ଭିଡ଼ ବଢୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ମଧ୍ୟପ୍ରଦେଶ ଓ ତାମିଲନାଡୁ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନ କ୍ରମେ ଶ୍ରୀସାନ ଫାର୍ମା କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ସେପଟେ ତାମିଲନାଡୁରେ ପ୍ରସ୍ତୁତ ହେଉଥିବା କଫ୍ ସିରିପ ତଥା ଔଷଧର ଯାଞ୍ଚକୁ ଅଣଦେଖା କରାଯାଇଛି ବୋଲି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଡ୍ରଗ୍ ଟେଷ୍ଟିଂରେ ସାଂଘାତିକ ଅବହେଳା କରାଯାଇଛି ବୋଲି କୁହାଯାଇଛି।

### ଅବସରପ୍ରାପ୍ତ ସିଭିଲ ଇଞ୍ଜିନିୟରଙ୍କ ଲୋକାୟୁକ୍ତ ଚଢ଼ାଉ

# ୨.୬ କେଜି ସୁନା, ୧୭ ଟନ୍ ମହୁ ଜବତ



ଭୋପାଳ, ୧୦।୧୦ (ଏଜେନ୍ସି): ମଧ୍ୟପ୍ରଦେଶ ଭୋପାଳରୁ ବାସ୍ତବ ଜୀବନର ଏକ କ୍ରାଇମ-ଥ୍ରିଲର ସାମ୍ନାକୁ ଆସିଛି। ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି)ର ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ଜିପି ମେହେଟ୍ଟାଙ୍କ ଘର ଏବଂ ଅନ୍ୟ ଠିକଣାରେ ଗୁରୁବାର ଦୁର୍ନୀତି ବିରୋଧୀ ସଂସ୍ଥା ଲୋକାୟୁକ୍ତ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରୁ ଧନର ପାହାଡ଼ର ସନ୍ଧାନ ମିଳିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତରୁ ଆରମ୍ଭ ହୋଇଥିବା ଏହି କାହାଣୀ ରାଜ୍ୟର ପ୍ରମୁଖ ଦୁର୍ନୀତିରେ ସାମିଲ ହୋଇଯାଇଛି। ଘରୁ ଏତେ ଧନ ସମ୍ପତ୍ତି ମିଳିଛି ଯେ ତାହା ଦେଖି ଅଧିକାରୀ ଜଳକା ହୋଇଯାଇଛନ୍ତି। ଏତେ ଟଙ୍କା ଜବତ ହୋଇଛି ଯେ ତାହାକୁ ଗଣିବା ପାଇଁ ଗଣତି ମେସିନ ମଗାଯାଇଛି। ସୁନା ଏବଂ ରୁପା କେଜି ଆକାରରେ ଜବତ ହୋଇଛି। ମାତ୍ର ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେହେଟ୍ଟାଙ୍କ ଫାର୍ମ ହାଉସରୁ ୧୭ ଟନ୍ ମହୁ ଜବତ କରାଯାଇଛି। ଏହାକୁ ମହଜୁଦ କରି ସଜାଇ ରଖାଯାଇଥିଲା।

ସୂଚନା ଅନୁଯାୟୀ ଲୋକାୟୁକ୍ତର ୪ ଡିଏସ୍‌ପି ର୍ୟାଙ୍କ ଅଧିକାରୀ ଗୁରୁବାର ବଡି ଭୋରରେ ମେହେଟ୍ଟାଙ୍କ ଭୋପାଳ ଏବଂ ନର୍ମଦାପୁରମ ସ୍ଥିତ ଚାରି ଠିକଣାରେ ଚଢ଼ଉ କରିଥିଲେ। ମଣିପୁର କଲୋନୀରେ ଥିବା ତାଙ୍କ ଘରୁ ୮.୭୯ ଲକ୍ଷ ଟଙ୍କା, ୫୦ ଲକ୍ଷର ଅଳଙ୍କାର, ୫୬ ଲକ୍ଷର ଫିକ୍ସଡ ଡିପୋଜିଟ ମିଳିଥିଲା। କିନ୍ତୁ ଅସଲ ସମ୍ପତ୍ତି ତାଙ୍କ ଦ୍ୱିତୀୟ କୋଠାରେ ଥିଲା। ଦାନା ପାନି ନିକଟରେ ଥିବା ବିଳାଶପୂର୍ଣ୍ଣ ଆପାର୍ଟମେଣ୍ଟରୁ ବିପୁଳ ସୁନା ମିଳିଥିଲା। ଏଠାରୁ ୨୬ ଲକ୍ଷ ଟଙ୍କା, ୩.୦୫ କୋଟି ଟଙ୍କାର ୨.୬ କେଜି ସୁନା ଏବଂ ୫.୫ କେଜି ରୁପା ମିଳିଥିଲା। ସହରର ସମ୍ପତ୍ତିଗୁଡ଼ିକ ଦେଖି ଆଖି ଖୋସି ହେଉଥିଲେ ମଧ୍ୟ ସୋହାଗପୁର (ନର୍ମଦାପୁରମ) ତହସିଲର ସାଇନି ଗ୍ରାମରେ ମେହରାଙ୍କ ଫାର୍ମହାଉସରୁ ସମ୍ପତ୍ତିର ବଡ଼ ସାମ୍ରାଜ୍ୟ ସାମ୍ନାକୁ ଆସିଥିଲା। ଏଠାରୁ ୧୭ ଟନ୍ ମହୁ, ଛଅଟି ଟ୍ରାକ୍ଟର, ୩୨ଟି ନିର୍ମାଣାଧୀନ କୁଟୀର, ନିର୍ମାଣ ସରିଥିବା ୭ଟି କୋଠା, ମାଛ ଚାଷ ସୁବିଧା ସହିତ ବିଶାଳ ପୋଖରୀ, ଗୋଶାଳା, ମନ୍ଦିର ଏବଂ ଏକ ଫୋର୍ଡ ଏଣ୍ଡେଭର, ସ୍କୋଡା ସ୍ଲାଭିଆ, କିଆ ସୋନେଟ୍ ଏବଂ ମାରୁତି ସିଆଜ୍ ଆଦି କାର୍ ଦେଖିବାକୁ ମିଳିଥିଲା। ଏହି ସବୁ କାର୍ ମେହରା ପରିବାରଙ୍କ ନାମରେ ପଞ୍ଜିକୃତ ହୋଇଥିଲା। ସେହିପରି ଗୋବିନ୍ଦପୁର ଶିଳ୍ପାଞ୍ଚଳରେ ମେହେରାଙ୍କ ଅଫିସ ଥିଲା। ଏଠାରୁ ଅନେକ ସାମଗ୍ରୀ, କଞ୍ଚାମାଲ, ୧.୨୫ ଲକ୍ଷ କ୍ୟାସ ଏବଂ ତାଙ୍କ ପରିବାର ସମ୍ବନ୍ଧିତ ଅନେକ ସମ୍ପତ୍ତି କାଗଜପତ୍ର ମିଳିଥିଲା। ସନ୍ଧ୍ୟା ସୁଦ୍ଧା ତାଙ୍କ ଠିକଣାରୁ ୩୬.୦୫ ଲକ୍ଷ ଟଙ୍କା, ୨.୬୪୯ କେଜି ସୁନା, ୫.୫୨୩ କେଜି ରୁପା, ଏଫଡି, ବୀମା, ଅନେକ ସମ୍ପତ୍ତି, ୪ ବିଳାଶପୂର୍ଣ୍ଣ କାର୍ ଜବତ ହୋଇଥିଲା।

# ବେଆଇନ ବାଲି ଖନନ ପାଇଁ ପଶ୍ଚିମବଙ୍ଗରେ ୧୯ ଗିରଫ

ପୁରୁଲିଆ, ୧୦।୧୦(ଏଜେନ୍ସି): ପଶ୍ଚିମବଙ୍ଗର ପୁରୁଲିଆରେ ବେଆଇନ ବାଲି ଖନନ ପାଇଁ ବିଜେପୀ ବିଧାୟକ ଓ କର୍ମୀଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୁରୁଲିଆରେ ଉତ୍ତେଜନା ଦେଖା ଦେଇଛି। ବେଆଇନ ବାଲି ଖନନରେ ସାମିଲ ଥିବା ୧୯ଜଣଙ୍କୁ ପୁଲିସ ଶୁକ୍ରବାର ଗିରଫ କରିଛି। ବୁଧବାର ବିଳମ୍ବିତ ରାତିରେ ପୁଲିସ ଚଢ଼ାଉ କରିଥିଲା। ବାଲି ଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ମଧ୍ୟ ପୁଲିସ ଅଟକ ରଖିଛି। ବେଇଆଇନ ବାଲି ଖନନ ନେଇ ପୁରୁଲିଆ ବିଧାୟକ ସୁଦୀପ ମୁଖାର୍ଜୀଙ୍କ ସହ କର୍ମୀ ଥାନାରେ ହିଁ ମୁହାଁମୁହିଁ ହୋଇଥିଲେ। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବେଆଇନନ ବାଲି ଖନନ ଓ ଚାଲାଣ ନେଇ ଅଭିଯୋଗ ହେଉଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା। ଗିରଫ୍ ହୋଇଥିବା ୧୯ଜଣଙ୍କୁ ଶୁକ୍ରବାର ପୁରୁଲିଆ ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା।

# କାବୁଲ୍‌ରେ ପାକ୍ ବାୟୁସେନାର ଆକ୍ରମଣ

କାବୁଲ, ୧୦।୧୦(ଏଜେନ୍ସି): ପାକିସ୍ତାନ ଗୁରୁବାର ରାତିରେ ଆଫଗାନିସ୍ତାନ ରାଜଧାନୀ କାବୁଲରେ ତେହରିକ-ଏ- ତାଲିବାନ ପାକିସ୍ତାନ (ଟିଟିପି)ର କେତୋଟି ଠିକଣା ଉପରେ ଆକାଶ ମାର୍ଗରୁ ଆକ୍ରମଣ କରିଛି। ଏଥିରେ ଟିଟିପି ମୁଖ୍ୟ ମୌଲାନା ନୁର ୱାଲି ମେହସୁଦ ମୃତ୍ୟୁବରଣ କରିଛନ୍ତି ବୋଲି ପାକିସ୍ତାନ ବାୟୁସେନା ଦାବି କରିଛି। ପୂର୍ବ କାବୁଲ୍‌ରେ ଟିଟିପିର ଠିକଣାରେ ମେହସୁଦ ଥିଲେ ବୋଲି ପାକିସ୍ତାନ ଗଣମାଧ୍ୟମ ଦାବି କରିଛି। ମେହସୁଦ ୨୦୧୮ରୁ ଟିଟିପିର ନେତୃତ୍ୱ ନେଇ ଆସୁଛନ୍ତି। ତାଲିବାନ ସମର୍ଥନରେ ସେ ଏହି ସଂଗଠନ ପରିଚାଳନା କରି ଆସୁଛନ୍ତି। ତାଲିବାନ ସରକାରଙ୍କ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଭାରତ ଗସ୍ତରେ ଆସିଥିବା ବେଳେ ପାକିସ୍ତାନ ବାୟୁସେନା ଏହି ଆକ୍ରମଣ କରିଛି। ମୁତ୍ତାକି ଭାରତରେ ୭ ଦିନ ରହିବେ। କୌଣସି ପ୍ରକାର ଆକ୍ରମଣ ହୋଇନାହିଁ ବୋଲି ମେହସୁଦ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛି। ଏହି ଆକ୍ରମଣରେ କୌଣସ ପ୍ରକାର କ୍ଷତି ହୋଇନାହିଁ ଓ ସବୁକିଛି ନିୟନ୍ତ୍ରଣରେ ରହିଛି ବୋଲି ତାଲିବାନ ସରକାର ତରଫରୁ କୁହାଯାଇଛି। ମେହସୁଦ ଟିଟିପିର ଚତୁର୍ଥ ମୁଖ୍ୟ ଭାବେ ଦାୟିତ୍ୱରେ ରହିଛନ୍ତି। ଟିଟିପି ଏବେ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁଠାରୁ ବଡ଼ ବିପଦ ଭାବେ ଉଭା ହୋଇଛି ଓ ପାକିସ୍ତାନ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଉଲ୍ଲେଖଥାଉ କି, ୨୦୦୧ରେ ଆଫାଗାନିସ୍ତାନ ଉପରେ ଆମେରିକା ଆକ୍ରମଣ କରିଥିଲା। ଏହାକୁ ବିରୋଧ କରି ବାଇତୁଲ୍ଲା ମେହସୁଦ ୨୦୦୭ରେ ୧୩ଟି ବିଦ୍ରୋହୀ ତଥା ଉଗ୍ରବାଦୀ ସଂଗଠନକୁ ଏକାଠି କରି ଟିଟିପି ଗଠନ କରିଥିଲେ।

# ହିମାଚଳରେ ତୁଷାରପାତ: ମନାଲୀ- ଲେହ ହାଇୱେ ୪ ଦିନ ବନ୍ଦ




ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ହିମାଳୟ କ୍ଷେତ୍ରରେ ଥିବା ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ତୁଷାରପାତ ଜାରି ରହିଛି। ଏହାର ପ୍ରଭାବରେ ସମତଳ ଅଞ୍ଚଳରେ ତାପମାତ୍ରା ତଳକୁ ଖସିଛି। ବାୟୁର ଗତିପରିବର୍ତ୍ତନ ଫଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି। ହରିୟାଣା, ପଞ୍ଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶର କେତେକାଞ୍ଚଳରେ ତାପମାତ୍ରା ୨୦ ଡିଗ୍ରୀ ତଳକୁ ଖସିଛି। ସକାଳୁ ଶୀତ ଅନୁଭୂତ ହେବା ସହ କୁହୁଡି ଦେଖିବାକୁ ମିଳିଥିଲା। ମଧ୍ୟପ୍ରଦେଶ ରାଜଗଡ଼ରେ ଗୁରୁବାର ତାପମାତ୍ରା ୧୫.୬ ଡିଗ୍ରୀରେ ପହଞ୍ଚିଥିଲା। ଭୋପାଳରେ ଏହା ୧.୬ ଡିଗ୍ରୀ କମି ୧୮ ଡିଗ୍ରୀରେ ପହଞ୍ଚିଥିଲା। ପ୍ରବଳ ବରଫପାତ କାରଣରୁ ମନାଲୀ- ଲେହ ରାଜପଥ ଗତ ୪ ଦିନ ହେବ ବନ୍ଦ ରହିଛି। ହିମାଚଳରେ କ୍ରମାଗତ ଚତୁର୍ଥଦିନ ବର୍ଷା ଓ ତୁଷାରପାତ ପରେ ଗୁରୁବାର ପାଗ ସଫା ରହିଥିଲା। କିନ୍ତୁ କୁଲ୍ଲୁ, ଲାହୋଲ-ସ୍ପିତି, କିନ୍ନାର, ଚମ୍ବା, ମଣ୍ଡି, କାଂଗ୍ରା ଓ ଶିମଲାରେ କିନ୍ତୁ ବରଫର ଚାଦର ଦେଖିବାକୁ ମିଳିଥିଲା। ଲାହୋଲ-ସ୍ପିତିର କେଲାଙ୍ଗରେ ଗତପାଲି ତାପମାତ୍ରା -୧ ଡିଗ୍ରୀରେ ପହଞ୍ଚିଛି। କୁକୁମସୋରୀରେ ତାପମାତ୍ରା -୦.୯ ଓ ସିମ୍‌ଲାରେ ୯.୮ ଓ ମନାଲୀରେ ୭.୭ ଡିଗ୍ରୀରେ ପହଞ୍ଚିଛି।

# ଜୁବିନଙ୍କ ଦୁଇ ସୁରକ୍ଷା ଅଧିକାରୀ ଗିରଫ

ଗୌହାଟୀ, ୧୦।୧୦(ଏଜେନ୍ସି): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ସ୍ପେଶାଲ ଇନ୍‌ଭେଷ୍ଟିଗେସନ ଟିମ (ଏସ୍‌ଆଇଟି) ଜୁବିନ୍‌ଙ୍କ ସଂଦୀଗ୍ଧ ମୃତ୍ୟୁ ମାମଲାରେ ତାଙ୍କର ଦୁଇଜଣ ସୁରକ୍ଷା ଅଧିକାରୀ ବା ପର୍ସନାଲ ସିକ୍ୟୁରିଟି ଅଫିସର (ପିଏସ୍‌ଓ)ଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଏହି ଦୁଇ ପିଏସ୍‌ଓ ହେଲେ ନନ୍ଦେଶ୍ୱର ବୋରା ଓ ପରେଶ ବୈଶ୍ୟ। ଏହି ଦୁଇଜଣ ଜୁବିନଙ୍କ ସୁରକ୍ଷା ଅଧିକାରୀ ଭାବେ ଦୀର୍ଘଦିନ ଧରି ଦାୟିତ୍ୱରେ ରହିଆସୁଥିଲେ। ଗତ ୪ରୁ ୫ ବର୍ଷ ମଧ୍ୟରେ ଏହି ଦୁଇଜଣଙ୍କ ବ୍ୟାଙ୍କ ଖାତାରେ ଏକକୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ନେଣଦେଣ ହୋଇଛି। ଏଥିପାଇଁ ପୁଲିସ ଏମାନଙ୍କୁ ଗିରଫ କରିଛି ବୋଲି କହିଛି। ନନ୍ଦେଶ୍ୱରଙ୍କ ବ୍ୟାଙ୍କ ଖାତାକୁ ୭୦ ଓ ପରେଶଙ୍କ ଖାତାକୁ ୪୦ ଲକ୍ଷ ଟଙ୍କା ଆସିଥିଲା। ଫଳରେ ଦୁଇ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ଜୁବିନଙ୍କ ମୃତ୍ୟୁ ମାମଲାରେ ଗିରଫ ସଂଖ୍ୟା ଏବେ ୭ରେ ପହଞ୍ଚିଛି। ଏଥିରେ ଜୁବିନଙ୍କ ସମ୍ପର୍କୀୟ ଭାଇ ତଥା ଡିଏସ୍‌ପି ସନ୍ଦୀପନ ଗର୍ଗ, ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ସହ ଗାୟିକା ଅମୃତପ୍ରଭା ମହନ୍ତ, ନର୍ଥ ଇଷ୍ଟ ଫେଷ୍ଟିଭାଲ ଆୟୋଜକ ଶ୍ୟାମକାନୁ ମହନ୍ତ, ବ୍ୟାଣ୍ଡ ଡ୍ରମ ମାଷ୍ଟର ଶେଖର ଜ୍ୟୋତି ଗୋସ୍ୱାମୀ ସାମିଲ ଅଛନ୍ତି। ଉଲ୍ଲେଖଥାଉ କି, ଗତ ସେପ୍ଟେମ୍ବର ୧୯ ରେ ସିଙ୍ଗାପୁରରେ ଜୁବିନ ସ୍କୁବା ଡାଇଭିଂ କରିବା ଅବସରରେ ସମୁଦ୍ରରେ ବୁଡିବା କାରଣରୁ ମୃତ୍ୟୁବରଣ କରିଥିଲେ। ସେ ନର୍ଥ ଇଷ୍ଟ ଫେଷ୍ଟିଭାଲ ଯୋଗ ଦେବାକୁ ସିଙ୍ଗାପୁର ଯାଇଥିଲେ। ସେତେବେଳେ ଜୁବିନଙ୍କ ନୌକାରେ ମୋଟ ୧୭ ଜଣ ଲୋକ ଉପସ୍ଥିତ ଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ଆସାମ ସରକାର ୧୭ ଦିନ ପରେ ମଧ୍ୟ ଜୁବିନଙ୍କ ଦ୍ୱିତୀୟ ପୋଷ୍ଟମର୍ଟମ ରିପୋର୍ଟ ସାର୍ବଜନୀନ କରିନାହାନ୍ତି। ଫଳରେ ଏ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ଆଇଟି ଏପର୍ଯ୍ୟନ୍ତ ଏହି ମାମଲାରେ ବିଭିନ୍ନ ରାଜ୍ୟରେ ୧୦ ଜଣ ଲୋକଙ୍କ ବିରୋଧରେ ୬୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ କରାଯାଇଛି।

# ଫିଲିପାଇନ୍ସରେ ଭୂକମ୍ପ; ୬ ମୃତ



ମାନିଲା, ୧୦।୧୦ (ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ତଥା ଦକ୍ଷିଣପୂର୍ବ ଏସୀୟ ଦେଶ ଫିଲିପାଇନ୍ସରେ ଶୁକ୍ରବାର ସକାଳେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହି ଭୂକମ୍ପର ତ୍ରୀବ୍ରତା ରିକ୍ଟର ସ୍କେଲରେ ୭.୬ ଥିଲା। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି କାରଣରୁ ସୁନାମୀ ସତର୍କତା ଜାରି କରାଯାଇଥିଲା। କିନ୍ତୁ ପରେ ସୁନାମୀ ସତର୍କତାକୁ କାଢ଼ି ନିଆଯାଇଛି। ସ୍ଥିତି ଏବେ ସାମାନ୍ୟ ଅଛି ବୋଲି ପ୍ୟାସିଫିକ ସୁନାମୀ ୱାର୍ଣ୍ଣିଂ ସେଣ୍ଟର ତରଫରୁ କୁହାଯାଇଛି। ଏବେ ଆହୁରି କେତୋଟି ଭୂକମ୍ପର ଝଟ୍‌କା ଅର୍ଥାତ ଆଫଟର ସକ୍ ଅନୁଭୂତ ହେବ ବୋଲି ଫିଲିପାଇନ୍ସ ଆର୍ଥକ୍ୱେକ୍ ଏଜେନ୍ସି କହିଛି। ଭୂକମ୍ପର ଅଧଘଣ୍ଟା ମଧ୍ୟରେ ୫.୯ ଓ ୫.୬ ତୀବ୍ରତାର କେତୋଟି ଝଟ୍‌କା ଅନୁଭୂତ ହୋଇଥିଲା। ଏକ ଭୟଙ୍କର ସୁନାମୀ ଆସିବ ବୋଲି ଏହି ଏଜେନ୍ସି ପୂର୍ବରୁ ସତର୍କତା ଜାରି କରିଥିଲା। କେନ୍ଦ୍ର ଓ ଦକ୍ଷିଣ ଫିଲିପାଇନ୍ସର ଉପକୂଳବର୍ତ୍ତୀ ସହରଗୁଡିକରେ ଲୋକଙ୍କୁ ଉଚ୍ଚ ସ୍ଥାନକୁ ଯିବା ପାଇଁ କୁହାଯାଇଥିଲା। ଏପର୍ଯ୍ୟନ୍ତ ସେଭଳି କୌଣସ ବଡ଼ ଧରଣର କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ତେବେ ଲୋକଙ୍କୁ ଆଗକୁ ସତର୍କ ରହିବା ପାଇଁ କୁହାଯାଇଛି। ଭୂକମ୍ପ ପାଇଁ କିନ୍ତୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀମାନେ ସାମାନ୍ୟ ପ୍ରଭାବିତ ହୋଇଥିଲେ। ସେପଟେ ଭୂକମ୍ପ ପରେ ଇଣ୍ଡୋନେସିଆରେ ସୁନାମୀ ସତର୍କତା ଜାରି କରାଯାଇଥିଲା। ପୂର୍ବରୁ ସେପ୍ଟେମ୍ବର ୩୦ରେ ଫିଲିପାଇନ୍ସର ସେବୁ ରାଜ୍ୟରେ ୬.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା ଓ ଏଥିରେ ୬୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫୦ ଜଣ ଆହତ ହୋଇଥିଲେ।

## ଇସ୍ରାଏଲ- ହମାସ୍ ଅସ୍ତ୍ରବିରତି ପ୍ରକ୍ରିୟା ଆରମ୍ଭ

# ଗାଜାକୁ ଫେରୁଛନ୍ତି ନାଗରିକ



ଗାଜା, ୧୦।୧୦(ଏଜେନ୍ସି): ଦୀର୍ଘ ଦୁଇବର୍ଷ ଧରି ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷ ଶେଷ ହେବାକୁ ଯାଉଛି। ଏବେ ଏହି ସଂଘର୍ଷ ଶାନ୍ତି ରୂପେ ନେବାକୁ ଯାଉଛି। ଇସ୍ରାଏଲ୍ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ପାଲେଷ୍ଟାଇନ୍‌ରୁ ସ୍ଥାନାନ୍ତର ହୋଇଥିବା ହଜାର ହଜାର ନାଗରିକ ଶୁକ୍ରବାର ନିଜ ପରିତ୍ୟକ୍ତ ଘରକୁ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି। ଶୁକ୍ରବାର ଅପରାହ୍ଣ ୨.୩୦ରେ ଅସ୍ତ୍ରବିରତି ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲା। ସେହିପରି ଗାଜାରୁ ଇସ୍ରାଏଲ ତା'ର ସୈନ୍ୟ ଫେରାଇବା ଆରମ୍ଭ କରିଛି। ସେପଟେ ଅସ୍ତ୍ରବିରତି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ସହ ତା'ର ତଦାରଖ ପାଇଁ ଆମେରିକା ତା'ର ୨୦୦ ସୈନ୍ୟ ଗାଜାକୁ ପଠାଇଛି। ତେବେ ଏହି ସୈନ୍ୟ ଗାଜାରେ ପ୍ରବେଶ କରିବେ ନାହିଁ ବୋଲି କୁହାଯାଇଛି।

### ସୈନ୍ୟ ହଟାଇଲା ଇସ୍ରାଏଲ

### ତଦାରଖ ପାଇଁ ୨୦୦ ସୈନ୍ୟ ପଠାଇଲା ଆମେରିକା

ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବା ପରେ ଉଭୟ ଇସ୍ରାଏଲ ଓ ଗାଜାର ନାଗରିକମାନେ ଖୁସିରେ ଆତ୍ମହରା ହୋଇଛନ୍ତି ଓ ଏହି ଅସ୍ତ୍ରବିରତି ପ୍ରକ୍ରିୟାକୁ ସ୍ୱାଗତ କରିଛନ୍ତି। ନୂତନ ନିର୍ଦ୍ଧାରିତ ସ୍ଥାନରେ ସୈନ୍ୟ ନିୟୋଜିତ ହେବା ପରେ ଅସ୍ତ୍ରବିରତି ଲାଗୁ କରାଯିବ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ତରଫରୁ କୁହାଯାଇଥିଲା। ବହୁ ସଂଖ୍ୟାରେ ଗାଜା ନାଗରିକ ଗାଜାର ଉତ୍ତରାଞ୍ଚଳରୁ ଗାଜା ସିଟିଆଡକୁ ଯାତ୍ରା କରିଛନ୍ତି। ଚୁକ୍ତି ଅନୁସାରେ ଅସ୍ତ୍ରବିରତି ଲାଗୁ ହେବାର ୭୨ ଘଣ୍ଟା ମଧ୍ୟରେ ହମାସ ଇସ୍ରାଏଲ ପଣବନ୍ଦୀଙ୍କୁ ଖଲାସ କରିବ। ପ୍ରତିବଦଳରେ ଇସ୍ରାଏଲ ମଧ୍ୟ ଶହଶହ ପାଲେଷ୍ଟାଇନ୍ ବନ୍ଦୀକୁ ମୁକ୍ତ କରିବ। ଇସ୍ରାଏଲର ନେତାନ୍ୟାହୁ ସରକାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସ୍ତ୍ରବିରତି ଓ ପଣବନ୍ଦୀ ମୁକ୍ତ ଚୁକ୍ତିକୁ ସ୍ୱୀକୃତି ଦେବା ପରେ ଶାନ୍ତିର ରାସ୍ତା ଫିଟିଥିଲା। ଗତ ଗୁରୁବାର ଇସ୍ରାଏଲ ଓ ହମାସ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଥିଲେ। ଗତ ଦୁଇବର୍ଷ ଧରି ଚାଲିଥିବା ଏହି ସଂଘର୍ଷରେ ଗାଜାରେ ୬୬, ୦୦୦ରୁ ଉର୍ଦ୍ଧ୍ୱଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଅନାହାରରେ ପ୍ରାଣ ହରାଇଥିଲେ। ଗାଜାରେ ଦୁର୍ଭିକ୍ଷ ଭଳି ସ୍ଥିତି ସୃଷ୍ଟି ହୋଇଥିଲା।

## ପୁଲିସ ଏସ୍‌ଆଇ ଚାକିରି ବେପାର

# ସିବିଆଇ ତଦନ୍ତ ଦାବିରେ ଗର୍ଜିଲା ଯୁବ ବିଜେଡି



ବ୍ରହ୍ମପୁର,୧୦।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ଘଟଣାରେ ରାଜରାସ୍ତାକୁ ଓହ୍ଲାଇଛି ବିଜୁ ଜନତା ଦଳ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଛି। ଏହି କ୍ରମରେ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ଛାତ୍ର ବିଜେଡି

### ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ଧରିବାରେ ପୁଲିସ ବିଫଳ

ସଭାପତି ଈପ୍‌ସିତା ସାହୁଙ୍କ ଆହ୍ୱାନରେ ଗଞ୍ଜାମ ଜିଲ୍ଲା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ରାମଲିଙ୍ଗମ ପାର୍କରୁ ଏକ ବିରାଟ ବିକ୍ଷୋଭ ଶୋଭାଯାତ୍ରା ବାହାରି ଖଲ୍ଲିକୋଟ କଲେଜ ଛକରେ ପହଞ୍ଚିଥିଲା। ସେଠାରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ପୁଲିସ ଏସ୍‌ଆଇ ଚାକିରି ଜାଲିଆତି ଘଟଣାରେ ପୁଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ୧୧୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯଦିଓ ୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି, କିନ୍ତୁ ଏହା ପଛରେ ଥିବା ମୁଖ୍ୟ ଅଭିଯୁକ୍ତମାନେ ଏବେ ବି ଖୁଲମଖୁଲା ବୁଲୁଛନ୍ତି। ମୁଖ୍ୟ ଅଭିଯୁକ୍ତ ଭାବେ ଫେରାର୍ ଥିବା ଶଙ୍କର ପୃଷ୍ଟିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବିଜେପି ସରକାର ଏହି ଜାଲିଆତି ଘଟଣାରେ ସମ୍ପୃକ୍ତ ରହିଛି। ଏଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏପରି କରି ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଉଥିବା ଅଭିଯୋଗ କରି ଛାତ୍ର ଓ ଯୁବ ବିଜେଡି ନେତାମାନେ ଭୀଷଣ ବର୍ଷିଥିଲେ।

ବିକ୍ଷୋଭ ବେଳେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମେୟର୍ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଦେବାନନ୍ଦ ମହାପାତ୍ର, ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଛାତ୍ର ବିଜେଡି ଜୋନ୍ ସଭାପତି ଜ୍ୟୋତିରଞ୍ଜନ ସାହୁ, ଜିଲ୍ଲା ସୋସିଆଲ ମିଡିଆ କୋର୍ଡିନେଟର୍ ଦୁର୍ଗାପ୍ରସାଦ ପଣ୍ଡା, ଅଜୟ ମହାରଣା, ନଚିକେତା ସ୍ୱାଇଁ, ଦୁର୍ଗା ଲାୟକ, ଜିଲ୍ଲା ଯୁବ ସଭାପତି ଭବାନୀ ସାହୁ, ବ୍ରହ୍ମପୁର ଯୁବ ସଭାପତି ଅଜିତ ପଣ୍ଡା, ବ୍ରହ୍ମପୁର ଛାତ୍ର ସଭାପତି ଶୋଭନ ନାୟକଙ୍କ ସମେତ ବହୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ବିଜେପି ପ୍ରଭାରୀଙ୍କ ଆଡ଼କୁ କଂଗ୍ରେସର ଅଙ୍ଗୁଳି ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୦(ସମିସ): ରାଜ୍ୟରେ ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ବଡ଼ ମୁଣ୍ଡଙ୍କୁ ଯୋଡ଼ିଛି ରାଜ୍ୟ କଂଗ୍ରେସ। ଏହି କେଳେଙ୍କାରୀରେ ବିଜେପିର କେନ୍ଦ୍ରୀୟନେତୃତ୍ୱଙ୍କ ମଧ ସମ୍ପୃକ୍ତି ରହିଛି ବୋଲି କଂଗ୍ରେସ କହିଛି। ବିଜେପିର ଏହି କେନ୍ଦ୍ରୀୟ ନେତୃତ୍ୱ ତାଙ୍କର ଜଣେ ଅତ୍ୟନ୍ତ ଅନୁଗାମୀଙ୍କ ଜରିଆରେ ଏହି କେଳେଙ୍କାରୀରେ ସାମିଲ ଥିବା କଂଗ୍ରେସ ଅଭିଯୋଗ କରିଛି।

ଦଳ ପକ୍ଷରୁ ଶୁକ୍ରବାର କଂଗ୍ରେସ

### ପ୍ରଭାବଶାଳୀ ଅତୁଲ ପ୍ରଭାକରଙ୍କ ଭୂମିକା ବି ସନ୍ଦେହରେ

ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ଓପିଆରବିର ବରିଷ୍ଠ ପୁଲିସ ଅଧିକାରୀ, ରାଜ୍ୟ ସରକାରଙ୍କର ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦଙ୍କ ବିନା ଅଗୋଚରରେ ଏହି କେଳେଙ୍କାରୀ ହୋଇପାରିବ ନାହିଁ। ବିଜେପି ନେତାଙ୍କ ସହ ଏହି କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଘନିଷ୍ଠ ସମ୍ପର୍କ ରହିଥିଲା। ଏହାସହିତ ଅତୁଲ ପ୍ରଭାକର ନାମକ ଜଣେ ବ୍ୟକ୍ତି ମଧ ଉଭୟ ବିଜେପି ନେତା ଓ ଶଙ୍କର ପୃଷ୍ଟିଙ୍କ ସହ ଘନିଷ୍ଠ ଥିଲେ। ଏହି ଅତୁଲ ପ୍ରଭାକର କିଏ ? ସେ ଶଙ୍କର ପୃଷ୍ଟିଙ୍କୁ କିଭଳି ଜାଣିଲେ? ଅତୁଲ ପ୍ରଭାକରଙ୍କ ସହ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ୍ ସିଂ ତୋମାରଙ୍କ କି ସମ୍ପର୍କ ଅଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ରଜନୀ ମହାନ୍ତି କହିଛନ୍ତି ଯେ ଅତୁଲ ପ୍ରଭାକର ମହାରାଷ୍ଟ୍ରର ଅଧିବାସୀ। ମାତ୍ର ତାଙ୍କର ଓଡ଼ିଶାରେ କି କାର୍ଯ୍ୟ? ଭୁବନେଶ୍ୱରରେ ସେ ମାସ ମାସ ଧରି ରହୁଛନ୍ତି କାହିଁକି? ଶଙ୍କର ପୃଷ୍ଟିଙ୍କ ସହ ତାଙ୍କର ନିବିଡ ସମ୍ପର୍କ କେବେ ଠୁଁ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ପୁଲିସ ଚାକିରି ବିକ୍ରି ରାକେଟକୁ ଶଙ୍କର ପୃଷ୍ଟି ସହିତ



ଅତୁଲ ପ୍ରଭାକର ଚଳାଉଛନ୍ତି ବୋଲି କଂଗ୍ରେସ ସନ୍ଦେହ କରିଛି।

ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ ଏସଆଇ ନିଯୁକ୍ତି ପରୀକ୍ଷାର ମହାଦୁର୍ନୀତିର ଚେର ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି ଓ ଆଜି ପର୍ଯ୍ୟନ୍ତ ଗିରଫ ହୋଇଥିବା ମଧ୍ୟସ୍ଥ ଏବଂ ପରୀକ୍ଷାର୍ଥୀଙ୍କ ଭିତରେ ସୀମିତ ନାହିଁ। ଯେଉଁମାନେ ବିଜେପିର ଓଡ଼ିଶା ଦାୟିତ୍ୱରେ ରହିଛନ୍ତି, ସେମାନଙ୍କ ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ୧୫ ମାସ ଭିତରେ ୧୬ଟି ନିଯୁକ୍ତିଭିତ୍ତିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌ଠାରୁ ଆରମ୍ଭ କରି ଚାକିରି ଦେବା ପାଇଁ ଅର୍ଥ ଆଦାୟର ଅଭିଯୋଗ ହେବା ପରେ ଏହାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ରାଜ୍ୟରେ ଖାଲିପଡ଼ିଥିବା ୯୩୩ ପଦବୀ ପୂରଣ କରିବା ପାଇଁ ଲିଖିତ ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କ ଆଇଟିଆଇ ସଂସ୍ଥା ସହିତ ଚୁକ୍ତିନାମା କରିଥିଲେ। ଉକ୍ତ ଚୁକ୍ତିନାମାରେ ସର୍ତ୍ତାବଳୀ ଅନୁସାରେ ଆଇଟିଆଇ ସଂସ୍ଥା ପରୀକ୍ଷା ପରିଚାଳନା କରିବା ପାଇଁ ଅନ୍ୟ କୌଣସି ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବେ। ସେହି ଅନୁସାରେ ସିଲିକନ ଟେକ୍ ଲାବକୁ ଆଇଟିଆଇ ସଂସ୍ଥା ସବ୍ କଣ୍ଟ୍ରାକ୍ଟ ଦେଇଥିଲା। କିନ୍ତୁ ସବ୍ କଣ୍ଟ୍ରାକ୍ଟ ପାଇଥିବା ସଂସ୍ଥା ଅନ୍ୟ ଏକ ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବ ନାହିଁ। କିଭଳି ଭାବରେ ସମସ୍ତ ନିୟମକୁ ଉଲଂଘନ କରି ପଞ୍ଚସଫ୍ଟକୁ ପରୀକ୍ଷା କରିବାକୁ ଦିଆଗଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଯେହେତୁ ଏହି ଘଟଣାରେ ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ସମ୍ପର୍କ ନେଇ ସନ୍ଦେହ ସୃଷ୍ଟି ହୋଇଛି, ତେଣୁ ରାଜ୍ୟ ସରକାର ଏହାର ନିରପେକ୍ଷ ତଦନ୍ତ କରି ଅତୁଲ ପ୍ରଭାକରଙ୍କୁ ତଦନ୍ତ ପରିସର ଭୁକ୍ତ କରାନ୍ତୁ ବୋଲି ଦଳ ଦାବି କରିଛି।

# ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ ନିଲମ୍ବିତ

ଭଦ୍ରକ, ୧୦।୧୦(ସମିସ): ଏକ ଘରୋଇ ମାମଲା ରୁଜୁ ପରେ ତଦନ୍ତ ପାଇଁ ଯାଇଥାନ୍ତେ ଅଧିକାରୀ; କିନ୍ତୁ ନିଜେ ନ ଯାଇ ସରକାରୀ ବାଇକ୍ ଦେଇ ମଧ୍ୟସ୍ଥ ଭାବେ ଜଣେ ଯୁବକଙ୍କୁ ତଦନ୍ତ ପାଇଁ ପଠାଇଥିଲେ ପୁଲିସ ବାବୁ। ମଧ୍ୟସ୍ଥଜଣଙ୍କ ଗାଁକୁ ଯାଇ ଅଭିଯୋଗକାରିଣୀଙ୍କ ଘରେ ପହଞ୍ଚି କିଛି ଟଙ୍କା ମାଗିଥିଲେ। ସ୍ଥାନୀୟ ଲୋକେ ସନ୍ଦେହ କରି ପରିଚୟପତ୍ର ମାଗିବାରୁ ନିଜକୁ ଗୁଇନ୍ଦା ବିଭାଗ କର୍ମଚାରୀ କହିଥିଲେ। ପରେ ଗ୍ରାମବାସୀ ପୁଲିସକୁ ଡାକିବାରୁ ଯୁବକଜଣଙ୍କ ନକଲି ପୁଲିସ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ଅସଲି ପୁଲିସ୍ ଏସଆଇଙ୍କୁ ନିଲମ୍ବନ କରାଯାଇଛି। ମଧ୍ୟସ୍ଥ ତଥା ନକଲି ପୁଲିସ କହିଥିବା ଯୁବକଙ୍କୁ ଅଟକ ରଖିଛି ପୁଲିସ।



ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନ ବଳଭଦ୍ରପୁରର ରସିକାବାଦ ଅଞ୍ଚଳରେ ଘରୋଇ ବିବାଦକୁ ନେଇ ଗ୍ରାମାଞ୍ଚଳ ଥାନାରେ ୨ ଜଣ ମହିଳା ଅଭିଯୋଗ ଆଣିଥିଲେ। ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ଏସ୍‌ଆଇ କାର୍ତ୍ତିକ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ଅଭିଯୋଗକାରିଣୀଙ୍କୁ ଏକ ମୋବାଇଲ୍ ନମ୍ବର୍ ହ୍ୱାଟ୍ସଆପ୍‌ରେ ପଠାଇଥିଲେ। ଏହି ନମ୍ବରରେ ଯୋଗାଯୋଗ ପରେ ଜଣେ ଯୁବକ ନିଜକୁ ପଣ୍ଡା ବାବୁ ବୋଲି ପରିଚୟ ଦେବା ସହ ତଦନ୍ତ ପାଇଁ ଗାଁକୁ ଯାଇଥିଲେ। ଏହି ଘଟଣାକୁ ନେଇ ଅଭିଯୋଗକାରିଣୀ ଭଦ୍ରକ ଗ୍ରାମାଞ୍ଚଳରେ ଲିଖିତ ଏତଲା ଦେଇଥିଲେ। ଭଦ୍ରକ ଏସପି ମନୋଜ କୁମାର ରାଉତ ଅଭିଯୋଗ ଆଧାରରେ ଗ୍ରାମାଞ୍ଚଳ ଥାନାର ଏସ୍‌ଆଇ କାର୍ତ୍ତିକ ଜେନାଙ୍କୁ ନିଲମ୍ବିତ କରିଥିବା ନେଇ ଫୋନ୍ ଯୋଗେ ସୂଚନା ଦେଇଛନ୍ତି।

# ବାଇକ୍ ଡିକି ଭାଙ୍ଗି ୪.୬ଲକ୍ଷ ଲୁଟ୍

ଭଦ୍ରକ, ୧୦।୧୦(ସମିସ): ବାଇକ୍ ଡିକି ଭାଙ୍ଗି ୪ ଲକ୍ଷ ୬୦ ହଜାର ଟଙ୍କା ଲୁଟିନେଲେ। ଭଦ୍ରକ ଟାଉନ୍ ଥାନା ଅଧୀନ ଚରମ୍ପା ବଜାରରେ ଆଜି ଏହି ଘଟଣା ଘଟିଛି। ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଚରମ୍ପା ବରାଳ ପୋଖରୀ ଅଞ୍ଚଳର ଗୌରହରି ମହାନ୍ତି ସୋର ଅଞ୍ଚଳର ନିଜ ଭଣଜାର ଏଲଆଇସି ବୀମା ଟଙ୍କା ଜମା କରିବାକୁ ୪ ଲକ୍ଷ ୬୦ ହଜାର ଟଙ୍କା ଗୋଟିଏ ବ୍ୟାଗରେ ଭର୍ତ୍ତି କରି ବାଇକ୍ ଡିକିରେ ନେଉଥିଲେ। ଚରମ୍ପା ବଜାରରେ ଗୋଟିଏ ଡକୁମେଣ୍ଟ ଜେରକ୍ସ ପାଇଁ ସେ ଦୋକାନୀ ପାଖରେ ଅଟକିଥିଲା ବେଳେ ଜଣେ ଦୁର୍ବୃତ୍ତ ହେଲମେଟ୍ ପିନ୍ଧି ହଠାତ ତାଙ୍କ ଡିକିକୁ ଭାଙ୍ଗି ଟଙ୍କା ବ୍ୟାଗ୍ ନେଇ ଫେରାର୍ ହୋଇଯାଇଥିଲା। ଏସବୁର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

## ଆଇଏଏସ୍ ସ୍ତରରେ ଅଦଳବଦଳ

# ଚଞ୍ଚଳ ରାଣାଙ୍କୁ ବିଡିଏ ଓ ସ୍ମାର୍ଟସିଟିର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧୦।୧୦(ସମିସ): ଆଇଏଏସ୍ ସ୍ତରରେ ରାଜ୍ୟ ସରକାର ଏକ ବଡ଼ ଅଦଳବଦଳ କରିଛନ୍ତି। ଏହି ଅଦଳବଦଳରେ ୩ ଜଣ ବରିଷ୍ଠ ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ଖାଲି ପଡ଼ିଥିବା ତାଙ୍କ ପଦବୀରେ ଅନ୍ୟ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏହାସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ତଥା ବରିଷ୍ଠ ଓଏଏସ୍ ଅଫିସର କାହ୍ନୁଚରଣ ଧୀରଙ୍କୁ ତାଙ୍କ ପଦରୁ ବଦଳି କରାଯାଇଛି।

ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତ, ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମା ଓ ୨୦୧୪ ବ୍ୟାଚ୍ ଆଇଏଏସ୍ ସ୍ୱଧା ଦେବ ସିଂହ କେନ୍ଦ୍ରୀୟ ଡେପୁଟେସନରେ ଯାଇ ସାରିଥିବାରୁ ରାଜ୍ୟ ସରକାର ଏହି ୩ ଜଣ ଅଫିସରଙ୍କୁ ଚଳିତମାସ ୧୩ ତାରିଖ ଅପରାହ୍ନରୁ ଦାୟିତ୍ୱମୁକ୍ତ କରିଛନ୍ତି। ଅନ୍ୟପଟେ ବିଏମ୍‌ସି କମିସନର ଚଞ୍ଚଳ କୁମାର ରାଣାଙ୍କୁ ଅତିରିକ୍ତ ଭାବେ ବିଡିଏ ଉପାଧ୍ୟକ୍ଷ ସହ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ସଚିବ ୨୦୦୨ ବ୍ୟାଚ୍ ଆଇଏଏସ୍ ଏସଏନ୍ ଗିରୀଶଙ୍କୁ

- ୩ ବରିଷ୍ଠ ଆଇଏଏସଙ୍କୁ ଦାୟିତ୍ୱମୁକ୍ତ କଲେ ସରକାର
- ହଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ
- ଏନ୍ ଥିରୁମାଳା ନାଏକ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ନିଯୁକ୍ତ

ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ବିଡିଏ ଉପାଧ୍ୟକ୍ଷ ୨୦୦୯ ବ୍ୟାଚ୍ ଆଇଏଏସ୍ ଏନ୍ ଥିରୁମାଳା ନାଏକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ବଦଳି କରାଯାଇଛି। ୨୦୧୦ ବ୍ୟାଚ୍ ଆଇଏଏସ୍ ମାନସୀ ନିମ୍ଭଲଙ୍କୁ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସହ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ମାନସୀ ଏବେ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀ ମୀନା ଏବେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ସମେତ ଏସ୍‌ଆଇଆରଡି ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି।

ସେହିପରି ୨୦୧୪ ବ୍ୟାଚ୍ ଆଇଏଏସ୍ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ୨୦୧୪ ବ୍ୟାଚ୍ ଆଇଏଏସ୍ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ତାଙ୍କୁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ଶ୍ରୀ ମହାପାତ୍ର ଏବେ ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଗୃହ ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ନିବେଦିତା ପୃଷ୍ଟିଙ୍କୁ ବୟନିକା ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେ ହସ୍ତତନ୍ତ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ। ଏସ୍‌ଟି ଏସ୍‌ସି ବିଭାଗର ଅତିରିକ୍ତ ସଚିବ ପ୍ରେମଜିତ ନାୟକଙ୍କୁ ଅନୁସୂଚୀତ ଜନଜାତି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ସେହିପରି ୨୦୧୫ ବ୍ୟାଚ୍ ଆଇଏଏସ୍ ମଧୁସ୍ମିତା ସାମଲଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀମତୀ ସାମଲ ଏବେ ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ବରିଷ୍ଠ ଓଏଏସ୍ କାହ୍ନୁଚରଣ ଧୀର୍‌ଙ୍କୁ ମାଇନର ମିନେରାଲସ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

# ଭିଜିଲାନ୍ସ ପଞ୍ଝାରେ ଜଳେଶ୍ୱର ମ୍ୟୁନିସିପାଲିଟିର ଦୁଇ କିରାଣି

ଜଳେଶ୍ୱର ବ୍ଲକ୍, ୧୦।୧୦(ସମିସ): ଜଳେଶ୍ୱର ମ୍ୟୁନିସିପାଲିଟିର ଦୁଇ କିରାଣି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେମାନେ ହେଲେ, ମ୍ୟୁନିସିପାଲିଟି ମ୍ୟାନେଜମେଣ୍ଟ ଇନଫରମେସନ୍ ସିଷ୍ଟମ (ଏମ୍‌ଆଇଏସ୍) ର ଅଧିକାରୀ ବ୍ରଜଗୋପାଳ ଘୋଷମହାପାତ୍ର ଏବଂ ସହଯୋଗୀ ଜୁନିଅର୍ ସାନିଟାରୀ ଏକ୍ସପୋର୍ଟର୍ କିରାଣି ରତିକାନ୍ତ ପାତ୍ର। ଜଳେଶ୍ୱର ମ୍ୟୁନିସିପାଲିଟିରେ ହୋର୍ଡିଂ ଓ ଲାଇଟ୍ ପୋଷ୍ଟ ବାବଦରେ ବିଲ୍ ପାସ କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱରର ଭିଜିଲାନ୍ସ ଟିମ ସେମାନଙ୍କୁ ଧରିଛି।



ଜଳେଶ୍ୱର ଅଞ୍ଚଳର ଠିକାଦାର ଜ୍ୟୋତିପ୍ରକାଶ ମହାପାତ୍ର ଆଜକୁ ୨ ମାସ ଧରି ହୋର୍ଡିଂ ଓ ଲାଇଟ୍ ପୋଷ୍ଟ ବାବଦ ବିଲ୍ ପାସ୍ କରିବାକୁ ବାରମ୍ବାର ବ୍ରଜଗୋପାଳଙ୍କୁ ଅନୁରୋଧ କରି ଆସୁଥିଲେ। କିନ୍ତୁ ୨୦ ହଜାର ଟଙ୍କା ନ ଦେଲେ ବିଲ୍ ପାଇପାରିବେ ନାହିଁ ବୋଲି ରୋକଠୋକ ମନା କରି ଦେଇଥିଲେ ବ୍ରଜଗୋପାଳ। ତେଣୁ ଜ୍ୟୋତିପ୍ରକାଶ ଅନ୍ୟ ଉପାୟ ନ ପାଇ ବାଲେଶ୍ୱର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

# ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦେଲେ

ରାଇରଙ୍ଗପୁର/ବହଳଦା, ୧୦।୧୦ (ସମିସ): ବହଳଦା ଥାନା ଅନ୍ତର୍ଗତ ସାନଦୁଦୁ ଗ୍ରାମ ନିକଟ କୁସୁମଡୁଙ୍ଗୁରୀରୁ ବହଳଦା ପୁଲିସ ଆଜି ଜଣେ ଯୁବକଙ୍କ ରକ୍ତ ଜୁଡ଼ୁବୁଡ଼ୁ ଉଲଗ୍ନ ଶବ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାଯାଇଛି। କେହି ଦୁର୍ବୃତ୍ତ ଯୁବକଙ୍କ ଗଳା କାଟି ଦେବା ସହ ମୁଣ୍ଡକୁ କୌଣସି ଧାରୁଆ ଅସ୍ତ୍ରରେ ହାଣିଦେଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ନିଛାଟିଆ ଜାଗାରୁ ରକ୍ତ ଜୁଡ଼ୁବୁଡ଼ୁ ଶବ ଜବତ

କିଛି ସ୍ଥାନୀୟ ଲୋକ ଆଜି ଶୌଚ ପାଇଁ କୁସୁମ ଡୁଙ୍ଗୁରୀକୁ ଯାଉଥିବା ବେଳେ ଯୁବକଙ୍କ ଶବ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ବହଳଦା ଥାନା ଅଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ସମେତ ପୁଲିସ ସଦଳବଳେ ପହଞ୍ଚି ଛାନଭିନ୍ କରିଥିଲା। ବାରିପଦାରୁ ମଧ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସୂଚନାନୁଯାୟୀ, କୁସୁମଡୁଙ୍ଗୁରି ପଡ଼ୋଶୀ ଝାଡ଼ଖଣ୍ଡର ଦୁମା ଅଞ୍ଚଳକୁ ସଂଯୋଗ କରୁଛି। ଅଞ୍ଚଳଟି ନିଛାଟିଆ କଚା ରାସ୍ତା ହୋଇଥିବାରୁ ଏହା ଅପରାଧୀମାନଙ୍କୁ ସୁହାଉଛି। ପୂର୍ବରୁ ମଧ ଏଠାରେ ୨/୩ଟି ହତ୍ୟାକାଣ୍ଡ ଘଟିଥିବା ଗ୍ରାମବାସୀ କହିଛନ୍ତି। ପୁଲିସ ଯୁବକଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଆରମ୍ଭ କରିଛି।

# ସମୁଦ୍ରରେ ବୁଡ଼ିଲା ଟ୍ରଲର; ବର୍ତ୍ତିଗଲେ ୮ ମତ୍ସ୍ୟଜୀବୀ

ରାଜନଗର, ୧୦।୧୦ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ସାତଭାୟା ନିକଟ ସମୁଦ୍ରରେ ଗତରାତିରେ ରତ୍ନାତାରିଣୀ ନାମକ ଏକ ମତ୍ସ୍ୟଜୀବୀ ଟ୍ରଲର୍ ବୁଡ଼ି ଯାଇଛି। ସମୁଦ୍ର ମଝିରେ ଟ୍ରଲର୍‌ଟିର ଇଞ୍ଜିନ୍ ଖରାପ ହୋଇଯିବା ପରେ ଉଚ୍ଚ ଲହରି ଟ୍ରଲର୍ ମଧ୍ୟରେ ପଶିଯାଇଥିଲା। କିଛି ବାଟ ଭାସିଭାସି ଆସିବା ପରେ ଟ୍ରଲର୍ ମଧ୍ୟରେ ପାଣି ପଶି ବୁଡ଼ିବା ଆରମ୍ଭ ହୋଇଥିଲା। ତେବେ ଏହି ଅଘଟଣରୁ ୮ ଜଣ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। କୂଳଠାରୁ ଅଳ୍ପ ଦୂରରେ ଟ୍ରଲର୍‌ଟି ବୁଡ଼ିଥିବାରୁ ମତ୍ସ୍ୟଜୀବୀମାନେ ପହଁରିପହଁରି କୂଳକୁ ପଳାଇ ଆସିଥିଲେ। ସେମାନେ ହେଲେ, ଭଦ୍ରକ ଅଞ୍ଚଳର ନନ୍ଦକିଶୋର ମାଝି, ପ୍ରଭାକର ମଲ୍ଲିକ, ସନାତନ ମାଝି, ସୁଧାକର ମଲ୍ଲିକ, ବିଦ୍ୟାଧର ମାହୁନ୍ତ, ଅଶୋକ ପାତ୍ର ଓ କାର୍ତ୍ତିକ ସିଂହ। ଅପରପକ୍ଷେ, ସମୁଦ୍ରରେ ବୁଡ଼ିଯାଇଥିବା ଟ୍ରଲରଟି ଭାସିଭାସି ଆସି କୂଳରେ ଲାଗିଛି। ଟ୍ରଲରରେ ଥିବା ସମସ୍ତ ସାମଗ୍ରୀ ଓ ମାଛ ଭାସିଯାଇଥିବା ମତ୍ସ୍ୟଜୀବୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଟ୍ରଲର୍‌ଟି ଭଦ୍ରକ ଅଞ୍ଚଳର ବୋଲି ଜଣାଯାଇଛି।



# ୧୪ ସୁଦ୍ଧା ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

ଭୁବନେଶ୍ୱର,୧୦।୧୦(ସମିସ): ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବ। ଦେଶର ବିଭିନ୍ନ ସ୍ଥାନ ସମେତ ଓଡ଼ିଶାର କିଛି ଅଞ୍ଚରୁ ମୌସୁମୀ ଅପସାରାଣ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ରାଜ୍ୟରୁ ମୌସୁମୀ ବିଦାୟ ନେଇ ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ରାଜ୍ୟରେ କିଛି କିଛି ଅଞ୍ଚଳରେ କାଁ ଭାଁ ବର୍ଷା ଛାଡ଼ି ଦେଲେ ବାକି ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ୧୩ ଓ ୧୪ରେ ସମୁଦ୍ର ସଂଲଗ୍ନ ଜିଲ୍ଲାରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ୧୫ ତାରିଖରୁ ରାତିର ତାପମାତ୍ରା କ୍ରମଶଃ କମିବା ସହ ୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ,



ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ସମୁଦ୍ରରେ ୫ ଦିନରୁ ଅଧିକ ରହିବାରୁ ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ଏହା କେତେ ଘନୀଭୂତ ହେବ ଓ କେଉଁ ଆଡ଼କୁ ଗତି କରିବ ଆଗକୁ ସ୍ପଷ୍ଟ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପରିବର୍ତ୍ତନ ହୋଇ ଉତ୍ତର-ପୂର୍ବ ବାୟୁ ଉପକୂଳରେ ହେବ, ଯାହାକି ପ୍ରତ୍ୟାବର୍ତ୍ତନ ମୌସୁମୀକୁ ସୂଚାଉଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ। ଲା-ନିନା ବର୍ଷରେ ଅନେକ ସମୟରେ ଅତ୍ୟଧିକ ବର୍ଷା ଓ ଶୀତ ହେବାର ନଜୀର ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଏହି ସମୟରେ ବାଲେଶ୍ୱରରେ ୧୧.୭ ମିମି ବର୍ଷା ରେକର୍ଡ ହୋଇଛି।

## ବ୍ୟାଙ୍କରୁ ଡକାୟତି ଯୋଜନା ପଣ୍ଡ

# ପୁଲିସ ପଞ୍ଝାରେ କୁଖ୍ୟାତ 'ମହାକାଳ ଗ୍ରୁପ୍'

କେନ୍ଦୁଝର, ୧୦।୧୦(ସମିସ): ଡକାୟତି, ହତ୍ୟା, ଖଣିଜ ପଦାର୍ଥ ଚୋରାଚାଲାଣ ଓ ଦାଦାବଟି ଆଦାୟ ଭଳି ସଙ୍ଗିନ୍ ଅପରାଧରେ ସାମିଲ ଏକ କୁଖ୍ୟାତ

### ୯ ଗିରଫ, ୫ ପିସ୍ତଲ ସହ ଗୁଳି ଜବତ
### ଅପରାଧ ସାମ୍ରାଜ୍ୟ ଚଳାଉଥିଲା ବିଶ୍ୱଜିତ
### କେନ୍ଦୁଝରର ଡନ୍ ହେବା ଥିଲା ଲକ୍ଷ୍ୟ

ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି କେନ୍ଦୁଝର ପୁଲିସ। ଗ୍ୟାଙ୍ଗର ୯ସଦସ୍ୟଙ୍କୁ ଗିରଫ କରିବା ସହ ପୁଲିସ ସେମାନଙ୍କଠାରୁ ୫ଟି ପିସ୍ତଲ, ୨୫ଟି ଗୁଳି, ୭ଟି ମାଗାଜିନ ସହ ୫ଟି ଅନ୍ୟାନ୍ୟ ମାରଣାସ୍ତ୍ର, ଏକ ଥାର୍ ଗାଡ଼ି ଜବତ କରିଛି। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ଛେଳିଆନାଳ ଅଞ୍ଚଳର ବିଶ୍ୱଜିତ ଗିରି ଓରଫ୍ ଗଣେଶ (୩୨), ମୟୂରଭଞ୍ଜ ଉତ୍ତରପଶିର ଶୁଭାଶିଷ ଗିରି(୨୭), କେନ୍ଦୁଝର କାଶୀପୁରର ପ୍ରିୟଦର୍ଶନ (୨୯), ଯୋଡ଼ା ଅଞ୍ଚଳର ନିର୍ମଳ



ପ୍ରଧାନ (୪୦), ଯୋଡ଼ା କୁନ୍ଦୁରୁନାଲାର ବିନୋଦ ମୁଣ୍ଡା(୩୨), ଯୋଡ଼ା ଜାହିର ହଟିଙ୍ଗର ରୋହିତ ନାଏକ (୨୧), ମାଝୀ ହଟିଙ୍ଗଯୋଡ଼ାର ମହମ୍ମଦ ଜିସନ(୨୫), ବଡ଼ବିଲ ଠାକୁରାଣୀ ଅଞ୍ଚଳର ରଞ୍ଜନ ପଲେଇ (୨୬) ଓ ଝାଡ଼ଖଣ୍ଡ ଗୋବରଗାଁର ପର୍ଶୁରାମ ପ୍ରଧାନ(୫୫)। ବିଶ୍ୱଜିତ ଏହି ଗ୍ୟାଙ୍ଗର ମୁଖିଆ ହୋଇଥିବା ବେଳେ ଏମାନେ 'ମହାକାଳ' ନାମକ ଏକ ଗ୍ରୁପ୍ ଗଢ଼ିଥିଲେ। କେନ୍ଦୁଝର ନିକଟ ନରଣପୁରସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ ଡକାୟତି ପାଇଁ ଏମାନେ ଗତ ରାତିରେ ଯୋଜନା କରୁଥିବା ବେଳେ ସ୍ଥାନୀୟ ଘଡ଼ଘଡ଼ି ମନ୍ଦିର ନିକଟସ୍ଥ ଏକ ପରିତ୍ୟକ୍ତ ଘରୁ ପୁଲିସ ସମସ୍ତଙ୍କୁ ଗିରଫ କରିଛି।

ପାଠପଢ଼ି କିଏ ଆଇଏଏସ୍, ଆଇପିଏସ୍ କିମ୍ବା ବଡ଼ବଡ଼ ପଦରେ ଚାକିରି କରିବାକୁ ଇଚ୍ଛା କରିଥାଏ। କିନ୍ତୁ, ବିଶ୍ୱଜିତ୍‌ର ଇଚ୍ଛା ଓ ସ୍ୱପ୍ନ ଥିଲା ଗ୍ୟାଙ୍ଗଷ୍ଟାର୍ ହେବାକୁ। ପ୍ରଥମେ ପ୍ରଥମେ ଛୋଟଛୋଟ ଅପରାଧ ଘଟାଇ ସେ ଅପରାଧ ଦୁନିଆରେ ପାଦ ଥାପିଥିଲା। କିନ୍ତୁ, ଗ୍ୟାଙ୍ଗ୍ ନ ଗଢ଼ିଲେ ବଡ଼ବଡ଼ ଅପରାଧ ଭିଆଇପାରିବ ନାହିଁ ବୋଲି ସେ ଖୁବ୍‌ଶୀଘ୍ର ବୁଝିଯାଇଥିଲା। ତେଣୁ ନିଜକୁ କେନ୍ଦୁଝରର ଡନ୍ ଭାବେ ଗଢ଼ି ତୋଳିବା ପାଇଁ ସେ ଗଠନ କରିଥିଲା ମହାକାଳ ଗ୍ରୁପ୍। ଏଥିରେ ସେ ସାମିଲ କରିଥିଲା ଓଡ଼ିଶା ଓ ଝାଡ଼ଖଣ୍ଡର ବଛାବଛା ଏକାଧିକ ଅପରାଧୀଙ୍କୁ। ଗ୍ୟାଙ୍ଗ୍ ଗଢ଼ିବା ପରେ ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ସେ ନୂଆ ନୂଆ ପଇଁତରା କରୁଥିଲା। ଏକାସାଙ୍ଗରେ ବିଶ୍ୱଜିତ ୨୦ରୁ ଅଧିକ ଗାଡ଼ି ନେଇ ସୁରକ୍ଷାବଳୟ ଭିତରେ ବାହାରୁଥିଲା। ରାସ୍ତା ମଝିରେ ଗାଡ଼ି ରଖି କେକ୍ କାଟି ଜନ୍ମଦିନ ପାଳନ କରିବା ସହ ସର୍ବସାଧାରଣରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଦେଖାଇ ତାହାର ଭିଡିଓକୁ 'ମହାକାଳ ଗ୍ରୁପ୍' ନାଁରେ ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିଲା। ନିଜର ଅପରାଧ ସାମ୍ରାଜ୍ୟ ବଢ଼ାଇବାକୁ ବିଭିନ୍ନ ଖଣି ଓ କଳକାରଖାନା ମାଲିକଙ୍କୁ ଧମକ ଦେଇ ଦାଦାବଟି ବି ଆଦାୟ କରୁଥିଲା। ଏନେଇ ତା' ନାଁରେ ବିଭିନ୍ନ ଥାନାରେ ୩୭ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ଏହାସହ ଡକାୟତି, ହତ୍ୟା, ଖଣିଜ ପଦାର୍ଥ ଚୋରାଚାଲାଣ ଓ ଦାଦାବଟି ଆଦାୟ ଭଳି ତା' ନାଁରେ ଅନେକ ସଙ୍ଗିନ ଅଭିଯୋଗ ରହିଛି।

# ‘ବରିଷ୍ଠ ନାଗରିକ ଆମ ସଂସ୍କୃତିର ଜୀବନ୍ତ ଅଧ୍ୟାୟ’

ଯାଜପୁର,୧୦।୧୦(ସମିସ)




ଯାଜପୁର ପ୍ରଶାସନ ତଥା ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ କହିଥିଲେ, ଏହି ଦିନଟି ସାରା ପୃଥିବୀରେ ସେହି ମଣିଷମାନଙ୍କ ପ୍ରତି ସମ୍ମାନ ଜଣାଇବାର ଦିନ ଯେଉଁମାନେ ତାଙ୍କ ଜୀବନର ସମସ୍ତ ଶ୍ରମ, ଜ୍ଞାନ ଓ ଅଭିଜ୍ଞତାରେ ଆମ ସମାଜକୁ ଗଢ଼ି ତୋଳିଛନ୍ତି । ବରିଷ୍ଠ ନାଗରିକମାନେ ହେଉଛନ୍ତି ଆମ ସଂସ୍କୃତିର ଜୀବନ୍ତ ଅଧ୍ୟାୟ, ଆମ ପରମ୍ପରାର ରକ୍ଷକ ଓ ନୂତନ ପିଢ଼ି ପାଇଁ ଦିଗଦର୍ଶକ । ଉକ୍ତ ଦିବସରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର କହିଲେ ଆମ ସମାଜରେ ବରିଷ୍ଠ ନାଗରିକମାନେ ଏକ ଜୀବନ୍ତ ଅନୁଭବ ସଂଗ୍ରହାଳୟ। ସେମାନେ ଅନେକ କଷ୍ଟ, ପରିଶ୍ରମ ଓ ତ୍ୟାଗ ଦ୍ୱାରା ଆମ ଦେଶ ଓ ସମାଜକୁ ଏହି ଅବସ୍ଥାରେ ଆଣିଛନ୍ତି । ଚିକିତ୍ସା ଓ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ବରିଷ୍ଠ ନାଗରିକମାନଙ୍କ ସୁସ୍ଥ ଜୀବନ ନିଶ୍ଚିତ କରିବା ଆମ ସବୁଠୁ ବଡ଼ ଦାୟିତ୍ୱ । ବରିଷ୍ଠ ନାଗରିକ ମଞ୍ଚର ସଭାପତି ନୃସିଂହ ଚରଣ ମହାପାତ୍ର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଦାବି ରଖିଥିଲେ । ଉକ୍ତ ଦିବସରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଶେଷରେ ଅନ୍ୱେଷଣ ଥିଏଟର ଗ୍ରୁପର କଳାକାରମାନଙ୍କ ଦ୍ୱାରା ସାମାଜିକ ବାର୍ତ୍ତାବହ ପ୍ରସ୍ତୁତ ନାଟକ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ବୃନ୍ଦ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଜହ୍ନାରେ ୫୮ ତମ ଲକ୍ଷ୍ମୀ ପୂଜା ଉତ୍ସବ



ଶଙ୍ଖଚିଲା,୧୦।୧୦(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଦୀର୍ଘ ୫୮ ବର୍ଷ ଧରି ପୂଜା ହୋଇଆସୁଛି । ଏହି ପୂଜା ୫ ଦିନ ବିଧି ବ୍ୟବସ୍ଥା ଓ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବା ସହ ଦୈନନ୍ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ରଖାଯାଇଥିଲା । ଚଳିତ ବର୍ଷ ଏକ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ସୁଉଚ୍ଚ ତୋରଣ ସହ ଆଲୋକମାଳରେ ସାଜସଜ୍ଜା ଆକର୍ଷଣୀୟ ହେବା ସହ ଏକ ଭାବ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।୧୯୬୮ ମସିହାରୁ ଆରମ୍ଭ ହୋଇଥିବା ପୂଜାରେ ସମସ୍ତ କାର୍ଯ୍ୟକ୍ରମକୁ ପୂଜା କମିଟିର ସଭାପତି ପ୍ରାଣକୃଷ୍ଣ ବିଶ୍ୱାଳ, ସମ୍ପାଦକ ନିମାଇଁ ପରିଡ଼ା, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ବିଶ୍ୱାଳ, କୁଳମଣୀ ରାଉତ, ଦୁର୍ଯ୍ୟୋଧନ ସାହୁ, ଜଗବନ୍ଧୁ ବେହେରା, ବାବାଜୀ ବେହେରା, ଲଲାଟେନ୍ଦୁ ନାୟକ, କୃଷ୍ଣଚନ୍ଦ୍ର ଦାସ, ଜୁଲୁ ପାଢ଼ୀ, ଜଗଦୀଶ ସାହୁ, ରାଣା ପ୍ରତାପ ସିଂ, ଅନାମ ବିଶ୍ୱାଳ, ଅମିନ ବିଶ୍ୱାଳ, ଶତ୍ରୁଘ୍ନ ପାତ୍ର, ଲକ୍ଷ୍ମୀଧର କବି, ବାଇଧର ବିଶ୍ୱାଳ, ପ୍ରଶାନ୍ତ ସାହୁ, ବାବୁଲି ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ମଦ ଜବତ କଲା ପୁଲିସ

କଯାଁଗୋଲା,୧୦।୧୦(ସମିସ): ଆଜି ପୂର୍ବାହ୍ନରେ କମାରଡ଼ିହ ପଞ୍ଚାୟତର ବଳରାମପୁର ଗ୍ରାମର ହରିହର ଜେନାଙ୍କୁ ପୁଲିସ୍ ଗିରଫ କରିଥିବା ବେଳେ ତାଙ୍କ ଠାରୁ ମଦ ଜବତ କରାଯାଇଛି । ସେ ମଙ୍ଗଳପୁର ଆଡୁ କଯାଁଗୋଲା ରାସ୍ତା ଆଡ଼କୁ ୪ ଲିଟର ଦେଶୀ ମଦ ନେଇ ଯାଉଥିଲେ । ସେ ଦୀର୍ଘ ଦିନ ଧରି ମଦ ବିକୁଥିଲା ବୋଲି ଥାନାରେ ଅଭିଯୋଗ ହେଇଥବଲା । ଆଜି ସକାଳୁ ଥାନା ଏଏସଆଇ ସଂଯୁକ୍ତା ପଣ୍ଡା, ପ୍ଲବନ ମହାପାତ୍ର ଏହି ଚଢ଼ଉରେ ସାମିଲ ହୋଇଥିଲେ ।

## ଘରୋଇ ହିଂସାରୁ ସୁରକ୍ଷା ସଚେତନତା




ଯାଜପୁର,୧୦।୧୦(ସମିସ): ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ-୨୦୨୫ର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇଥିଲେ । ମହିଳାମାନଙ୍କୁ କିପରି ଘରୋଇ ହିଂସାରୁ ରୋକାଯାଇ ପାରିବା ଏବଂ ଏ ଦିଗରେ ସରକାରଙ୍କର, ବିଭିନ୍ନ ଆଇନଗତ ସହାୟତା ଯୋଗାଇ ଦିଆଯାଇପାରିବ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଆଡଭୋକେଟ ଅଖିଳ ମୋହନ ଦାସ, ଆଡଭୋକେଟ କୁଳମଣି ନାୟକ ଘରୋଇ ହିଂସାରୁ ମହିଳା ମାନଙ୍କୁ ସୁରକ୍ଷା ଅଧିନିୟମର ବିଭିନ୍ନ ଦିଗ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ସିଡିପିଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ ପରିଚାଳନା କରିଥିଲେ ।

## ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର



ବରୀ,୧୦।୧୦(ସମିସ) : ବରୀ ବ୍ଲକର ଦୁଇଟି ରାସ୍ତାର ଉନ୍ନତି କରଣ ପାଇଁ ଭିତ୍ତି ପ୍ରସ୍ତର ଆଜି ସ୍ଥାପନ କରାଯାଇଛି । ବଣବାବାଜୀ ମଠଠାରୁ କାଇପଡ଼ା ରାସ୍ତା ଓ ବାଇଁଶିରିଆ ଠାରୁ ସାରଙ୍ଗପୁର ପର୍ଯ୍ୟନ୍ତ ଦୁଇଟି ରାସ୍ତାର ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ ଯୋଗଦେଇଥିଲେ । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ବ୍ଲକ ସଭାପତି କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ଦିଲ୍ଲୀପ ମହାନ୍ତି, ବାଇଁଶିରିଆ ସରପଞ୍ଚ ସୁଶାନ୍ତ ଦାସ, ସମିତିସଭ୍ୟା ରଶ୍ମିତା ଜେନା, ଅଟିରା ସରପଞ୍ଚ କୈଳାଶ ଚନ୍ଦ୍ର ମଲ୍ଲିକ, ସମିତିସଭ୍ୟ ପ୍ରୀତିରଞ୍ଜନ ଜେନାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀ ଅଧିକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ସେଠୀ, ସହକାରୀ ଯନ୍ତ୍ରୀ ବିନୋଦ କୁମାର ସିଅଳ ପ୍ରମୁଖ ଉପସ୍ଥିତି ଥିଲେ ।

## ମା’ ଗଜଲକ୍ଷ୍ମୀଙ୍କ ବିସର୍ଜନ ଉତ୍ସବ



ଶଙ୍ଖଚିଲା,୧୦।୧୦(ସମିସ): କୋରେଇ ବ୍ଲକ୍ ଶଙ୍ଖଚିଲା ରାଧାନଗର ପାଟଣା ଗ୍ରାମର ବୃନ୍ଦାବନଚନ୍ଦ୍ରଜୀୟୁ ମନ୍ଦିର ବେଢ଼ାରେ ଅନୁଷ୍ଠିତ ମା’ ଗଜଲକ୍ଷ୍ମୀ ପୂଜାର ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପାଞ୍ଚ ଦିନ ଧରି ପୂଜକ ରାମଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଗୋପିନାଥ ପାଢ଼ୀ ଓ ଲକ୍ଷ୍ମୀଧର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା । ସଂକଳ୍ପ କର୍ତ୍ତା ଭାବେ ହୃଷିକେଶ ସାହୁ ପୂଜା କାର୍ଯ୍ୟ ତୁଲାଇଥିଲେ । ମା’ ଗଜଲକ୍ଷ୍ମୀଙ୍କୁ ଶଙ୍ଖଚିଲା ପୁଷ୍କରିଣୀରେ ବିଦାୟ ଦିଆଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମର ଗ୍ରାମ ମୁଖିଆ କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ଖଗେଶ୍ୱର ପୃଷ୍ଟି, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ କୃଷ୍ଣଚନ୍ଦ୍ର ସାହୁ, ଅକ୍ଷୟ କୁମାର ଜେନା, ମଧୁସୂଦନ ସାହୁ, ଭାସ୍କର ଚନ୍ଦ୍ର ପୃଷ୍ଟି, ରବୀନ୍ଦ୍ର ସାହୁ, ଆନନ୍ଦ ଚନ୍ଦ୍ର ପାତ୍ର, କିଶୋର ବେହେରା, ଅନନ୍ତ ପାତ୍ର, ପ୍ରଶାନ୍ତ ସାହୁ, ଶିଶିର ସାହୁ,ମନ୍ମଥ ସାହୁ, ଅଦୈତ ବେହେରା, ବିଦ୍ୟାଧର ପରମାଣିକ, ରାଜ କିଶୋର ସାହୁ, ମହେନ୍ଦ୍ର ସାହୁ, ସୁବାସ ସାହୁ, ବଳରାମ ସାହୁ, ପଦ୍ମନାଭ ପାଢ଼ୀ, ମହେଶ୍ୱର ସାହୁ, ଖୋଳିଆ ହୃଷିକେଶ ସାହୁ, ଅଶୋକ ସାହୁ, ବିପିନ୍ ସାହୁ, ଭୀମସେନ ସାହୁ, ବସନ୍ତ କୁମାର ସାହୁ, ସୌମ୍ୟଜିତ୍ ସାହୁ ଓ ବିଶ୍ୱନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଗଜଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ବଡ଼ଚଣା,୧୦।୧୦(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଶାଳପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ହରଣଟିକରି ଗ୍ରାମ ମହାଜନସାହିରେ ଧନଦାତ୍ରୀ ମା’ ଗଜଲକ୍ଷ୍ମୀଙ୍କର ପୂଜା ପାଳିତ ହୋଇଯାଇଛି । ମୃଣ୍ମୟୀ ଦେବୀଙ୍କ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା ଗୋପୂଜା, ଅଗ୍ନିସ୍ଥାପନ, ଆବାହନ, ଚକ୍ଷୁଦାନ, ଘଟ ସ୍ଥାପନ ଆଦି ପୂଜାର୍ଚ୍ଚନା କରାଯାଇଥିଲା । ସୁଉଚ୍ଚ ତୋରଣ ସାଂଗକୁ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ଶ୍ରଦ୍ଧାଳୁମାନଙ୍କୁ ଆକର୍ଷଣ କରୁଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ପ୍ରବଚନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା । ଶେଷ ଦିନରେ କେନ୍ଦୁଝର ଜିଲ୍ଲା ଘଷିପୁରାର ବିଡିଏସ୍ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରଯାଇଥିଲା । ଏଥିସହିତ ସ୍ଥାନୀୟ ଅଞ୍ଚଳର କୁନି କୁନି ବାଳକ ବାଳିକାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମନୋଜ ସାହୁ, ଅଜୟ ସାହୁ, ତାପସ ସାହୁ, ଜିତେନ୍ଦ୍ର ସାହୁ, ବସନ୍ତ ସାହୁ, ଦିଗମ୍ବର ଦାସ ପ୍ରମୁଖ ପରିଚାଳନା କରିଥିଲେ । ମହାଲକ୍ଷ୍ମୀଙ୍କ ପୂଜା ଦେଖିବାକୁ ପ୍ରତ୍ୟେହ ଶହଶହ ଲୋକଙ୍କ ସମାଗମ ହେଉଥିଲା ।

## ସିଂହପୁରରେ କ୍ଲଷ୍ଟରସ୍ତରୀୟ ସୁରଭି



ସିଂହପୁର,୧୦।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ହାଇସ୍କୁଲ୍ ପରିସରରେ ଚନ୍ଦନପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବକ୍ତୃତା, ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଶିଳ୍ପୀ କଳା ଆଦି ବିଭିନ୍ନ ବିଭାଗରେ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବାରିକ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ପ୍ରଦୀପ କୁମାର ଜେନା, ତ୍ରିଲୋଚନ ରାଉତ, ଖରସ୍ରୋତା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଉପେନ୍ଦ୍ର କୁମାର ସାମଲ, କଳା ଶିକ୍ଷକ ଦିନେଶ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟରୁ ଜଣେ ଜଣେ ଗାଇଡ୍ ଶିକ୍ଷକ ଯୋଗ ଦେଇଥିଲେ । କୃତି ଛାତ୍ରଛାତ୍ରୀକୁ ସର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଲକ୍ଷ୍ମୀପୂଜାରେ ନବ ଉନ୍ମେଷ ପ୍ରତିଭା ପୂଜା



ବିଞ୍ଝାରପୁର,୧୦।୧୦(ସମିସ): ବିଞ୍ଝାରପୁର ବ୍ଲକ ମଇଁନ୍ଦା ପରିଡ଼ା ସାହି ମା’ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ନବ ଉନ୍ମେଷ ପ୍ରତିଭା ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ କୁମାର ମିଶ୍ର, ସମାଜସେବୀ ପ୍ରଦୀପ ମହାନ୍ତି, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଧଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀହରି ଧଳ, ପ୍ରସନ୍ନ କୁମାର ରାଉତ, ସମାଜସେବୀ ଶିଶିର କୁମାର ନାୟକ, ମଇଁନ୍ଦା ପରିଡ଼ା ସାହିର ମୁରବୀ ଧରଣୀଧର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଥିବା ମୋନାଲିସା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜସେବୀ ରବିନ୍ଦ୍ର କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଟ୍ରକ୍ ଚାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



କାଳିଆପାଣି,୧୦।୧୦(ସମିସ): ଟାଟା ଷ୍ଟିଲର ଫେରୋ ଆଲଏଜ୍ ଓ ମିନେରାଲସ୍ ଡିଭିଜନ (ଏଫ୍ଏଏମଡି) ପକ୍ଷରୁ ସାରୁଆବିଲ କ୍ରୋମାଇଟ ଖଣିଠାରେ ଟ୍ରକ୍ ଚାଳକଙ୍କ ପାଇଁ ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି । ତିନି ଦିନ ଧରି ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଚାଳକ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ପ୍ରୋଗ୍ରେସିଭ୍ ସଷ୍ଟିନା ଫାଉଣ୍ଡେସନ (ଇଣ୍ଡିଆ) ଓ ଏହାର ଲଜିଷ୍ଟିକ ପାର୍ଟନରମାନଙ୍କ ସହଯୋଗିତାରେ କମ୍ପାନୀ ପକ୍ଷରୁ ସାରୁଆବିଲ ପାର୍କିଂ ୟାର୍ଡ ଠାରେ ଏହି ଶିବିର ଆୟୋଜନ କରାଯାଇଥିଲା । ଟ୍ରକ୍ ଚାଳକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ଏହି ଶିବିରରେ ସଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା କରାଯିବା ସହ ଆବଶ୍ୟକ ସ୍ଥଳେ ମାଗଣା ଚଷମା ମଧ୍ୟ ଯୋଗାଇଦିଆଯାଇଥିଲା । ଶିବିରରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯିବା ସହ ଚାଳକମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ବ୍ୟବହାରିକ ଜ୍ଞାନ ଓ ଉପସ୍ଥିତ ବୁଦ୍ଧି ଉପରେ ଗୁରୁତ୍ୱାରୋପ କରଯାଇଥିଲା । ଏହି ଅବସରରେ ଟାଟାଷ୍ଟିଲ କର୍ମଚାରୀ, ଟ୍ରକ୍ ଚାଳକ ଓ କମ୍ପାନୀର ଲଜିଷ୍ଟିକ୍ ପାର୍ଟନର ମାନଙ୍କ ଦ୍ୱାରା ଏକ ମିଳିତ ସୁରକ୍ଷା ଶପଥ ପାଠ ମଧ୍ୟ କରାଯାଇଥିଲା । ଏହି ତିନିଦିନିଆ ଶିବିରରେ ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀଗଣ ଯଥା ସୁଶାନ୍ତ କୁମାର ମିଶ୍ର, ଅମିତ ଚୌବେ, ସରୋଜ କୁମାର ବାନାର୍ଜୀ, ବିକାଶ ପଟ୍ଟନାୟକ, ନବୀନ ଶ୍ରୀବାସ୍ତବ, ପ୍ରମୋଦ କୁମାର, ଅନଙ୍ଗ କୁମାର ମାହାନା, ସୌମ୍ୟ ବସୁ, ଚିରଞ୍ଜିବୀ ମଲ୍ଲିକ, ନିଶାନ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସୁପରିଚାଳନାର ତଦାରଖ କରିଥିଲେ ।

## ରାସ୍ତା ଉନ୍ନତିକରଣ ଶିଳାନ୍ୟାସ



ବ୍ୟାସନଗର,୧୦।୧୦(ସମିସ): ବ୍ୟାସନଗର ପୌରପରିଷଦରେ ୨ ଗୋଟି ରାସ୍ତାର ଉନ୍ନତିକରଣ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ବ୍ୟାସନଗର ପୌରପରିଷଦ ରୟାଲ କଳିଙ୍ଗ ଛକ ଠାରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କହ୍ନେଇପୁରଠାରୁ ନହକା ଭାୟା ଚାନ୍ଦମା ହିଙ୍ଗୁଳା ରାସ୍ତାର ଉନ୍ନତିକରଣ, ଦମକଳ କେନ୍ଦ୍ରଠାରୁ ସୋବ୍ରା ବ୍ରିଜ୍ ପର୍ଯ୍ୟନ୍ତ ବାମପାଶ୍ୱର୍ ରାସ୍ତାର ଉନ୍ନତିକରଣ ଏବଂ ଡାହାଣ ପାଶ୍ୱର୍ ରାସ୍ତାର ଉନ୍ନତିକରଣ କରାଯିବ । ସ୍ଥାନୀୟ ବିଧାୟକ ଆକାଶଦାସ ନାୟକ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ଯୁବମୋର୍ଚ୍ଚା ସଭାପତି ଜିତେନ୍ଦ୍ର ବେହୁରା, ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ରାଉତ, ଶିଶିର ରାଉତ, ଅଯୋଧ୍ୟା ଜେନା, ପ୍ରିୟବ୍ରତ ସାହୁ, ଧନେଶ୍ୱର ବାରିକ, କୃଷ୍ଣଚନ୍ଦ୍ର ରାଉତ, ଅଶୋକ କୁମାର ରାଉତ, ତାରିଣୀ ଦାସ, ଗଣେଶ ମାଝୀ, ଚନ୍ଦନ ଜେନା, ଗୌରାଙ୍ଗ ସାହୁ, ବିଷ୍ଣୁ ଚରଣ ମଲ୍ଲିକ, ବିଶ୍ୱନାଥ ସେଠୀ, ସ୍ୱର୍ଣ୍ଣପ୍ରଭା ନାୟକ, ନିବେଦିତା ଜେନା, ଆଶା ମଲ୍ଲିକ, ସୁନିଲ କୁମାର ବଳ, ରାଜେଶ ରାଉତ, ପ୍ରକାଶ ଜେନା, ସପନ ଖୁଣ୍ଟିଆ, ସତ୍ୟପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

### ମାମୁ ଘରୁ ଫେରିବା ବାଟରେ ଦୁର୍ଘଟଣା

## ଟ୍ରକ୍ ଟକ୍କାରେ ବାଇକ୍ ଚାଳକ ମୃତ

କବାଟବନ୍ଧ/ଜେନାପୁର,୧୦।୧୦(ସମିସ):



ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଡୁବୁରୀ ୫୩ ନଂ ଜାତୀୟ ରାଜପଥ ଚଢ଼େଇଧରା ଜଗନ୍ନାଥଜୀଉ ମହାବିଦ୍ୟାଳୟ ସମ୍ମୁଖରେ ଏକ ବାଇକ୍ ଉପରେ ଷୋଳ ଚକିଆ ଗାଡ଼ି ମାଡ଼ି ଯିବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣଙ୍କ ହେଲେ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ବଡଳା ଗ୍ରାମର ଅଲେଖ ଦଳାଇ ଓରଫ ପପୁ (୩୨) ବୋଲି ସୂଚନା ମିଳିଛି ।

ପ୍ରାପ୍ତ ଖବର ଅନୁସାରେ ଅଲେଖ ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ କଣ୍ଠାପାଟଣା ଗ୍ରାମର ମାମୁ ଘରୁ ନିଜ ଗାଁ ବଡଳାକୁ ଫେରୁଥିଲେ । ଅଲେଖ ଏକ ମୋଟର ସାଇକଲ ଯୋଗେ ନିଜ ମାମୁ ଝିଅଙ୍କୁ ସାଥିରେ ନେଇ ଯାଉଥିବା ସମୟରେ ଚଢ଼େଇଧରା କଲେଜ ନିକଟରେ ଜାତୀୟ ରାଜପଥ ଉପରେ ଆସୁଥିବା ଏକ ୧୬ ଚକିଆ ପାଉଁଶ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ତାଙ୍କ ମାମୁଁ ଝିଅ ଛିଟିକି ପଡିବା ସହିତ ଅଲେଖ ସେହି ଗାଡ଼ିର ଆଗ ଚକା ତଳେ ଚାପି ହୋଇଯାଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖରାପ ରାସ୍ତା କାରଣରୁ ନିରୀହ ଲୋକଙ୍କ ଜୀବନ ଯାଉଥିବା କହି ଉକ୍ତ ରାସ୍ତା ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା । ଖବର ପାଇ ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିବା ସହିତ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରିଥିଲେ । ଅଲେଖ ଜଣେ ଶାନ୍ତ ସରଳ ଯୁବକ ହୋଇଥିବା ବେଳେ ତାଙ୍କର ଏକ ବର୍ଷର ଏକ ଶିଶୁ ପୁତ୍ର ମଧ୍ୟ ରହିଛି । ଅଲେଖଙ୍କ ମୃତ୍ୟୁ ପରେ ମାମୁ ଘର ଏବଂ ନିଜ ଗାଁରେ ଶୋକର ଛାୟା ଖେଳିଯାଇଛି ।

### ନିଶା କବଳରେ ଯୁବପିଢ଼ି

# ପୁଲିସକୁ ବ୍ରାଉନସୁଗର ମାଗୁଛି ଅଭିଯୁକ୍ତ

ବିଞ୍ଝାରପୁର,୧୦।୧୦(ସମିସ): ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଯୁବପିଢ଼ି ଆଜି ବିପଥଗାମୀ ହେବାରେ ଲାଗିଛନ୍ତି। ନିଶା କବଳରେ ପଡ଼ି ଯାବତୀୟ ଅପରାଧରେ ସାମିଲ ହେଉଥିବା ଦେଖିବାକୁ ମିଳିଛି। ଯାହାର ଆଜି ଏକ ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ଅଞ୍ଚଳରେ। ବିଞ୍ଝାରପୁର ପୁଲିସ ଏକ ଚୋରି ମାମଲାର ତଦନ୍ତ କରିବାକୁ ଯାଇ ଚୋର ଗ୍ୟାଙ୍ଗର ମୁଖ୍ୟ ସର୍ଦ୍ଦାରକୁ ବାନ୍ଧିଥିବା ବେଳେ ସେହି ସର୍ଦ୍ଦାର ଜଣକ ନିଶା ପାଇଁ ପୁଲିସକୁ ବ୍ରାଉନସୁଗର ପାଇଁ ନେହୁରା ହେଉଥିବା ଭିଡିଓ ଆଜି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣା ମୁତାବକ ବିଞ୍ଝାରପୁର ପୁରୁଣା ଥାନା ନିକଟରେ ଥିଲା ନିରଞ୍ଜନ ମହାନ୍ତିଙ୍କର ବହୁ ବର୍ଷର ତେଜରାତି ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋର ଦୋକାନ ସଟର କାଢ଼ି ଲକ୍ଷାଧିକ ଟଙ୍କାର ରାସନ

**● ଚୋରି ସାମଗ୍ରୀ ଜବତ; ୨ ଗିରଫ**

ସାମଗ୍ରୀ ସମେତ ଇନର୍ଭଟର ବ୍ୟାଟେରି ଆଦି ଚୋରି କରି ନେଇଥିଲେ। ଏହି ଚୋରି ଘଟଣାକୁ ନେଇ ଦୋକାନୀ ନିରଞ୍ଜନ ମହାନ୍ତି ଶୁକ୍ରବାର ସକାଳେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଗ୍ରହଣ କରି ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି



ତଦନ୍ତ ଆରମ୍ଭ କରିଥିଲା। ଏହି ଚୋରି ଘଟଣାଟି ଥାନା ନିକଟରେ ଘଟିଥିବାରୁ ପୁଲିସ ପାଇଁ ଏହା ଚ୍ୟାଲେଞ୍ଜ ସଦୃଶ ଥିଲା। ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଶୁକ୍ରବାର ପୂର୍ବାହ୍ନରେ ବିଞ୍ଝାରପୁରସ୍ଥିତ କୁର୍ବାନୀ ମହଲ୍ଲାର ସେକ୍ ବାଦଶାହା (୨୫)ଙ୍କ ଘର ଚଢ଼ଉ କରି ୯ଟି ଇନ୍‌ଭେଟର ବ୍ୟାଟେରି, ବହୁ ମୂଲ୍ୟବାନ ଧାତୁ, ଲକ୍ଷାଧିକ ଟଙ୍କାର ରାସନ ସାମଗ୍ରୀ ଜବତ କରିବା ସହିତ ସେକ୍ ବାଦଶାହ ଓ ଅନ୍ୟ ଜଣେ ସହଯୋଗୀ ସେକ୍ ମୁନ୍ନା ଖାଁ (୨୨)କୁ ଗିରଫ କରିଥିବା ଜଣାପଡ଼ିଛି। ଏହି ଚୋର ଗ୍ୟାଙ୍ଗ ଏକାଧିକ ଚୋରିରେ ସଂପୃକ୍ତି ଥିବାର ଦୃଢ଼ ପ୍ରମାଣ ମିଳିଥିବା ବେଳେ ପୁଲିସ ଏହି ଚୋରି ଘଟଣାକୁ କେଶ ନଂ ୪୭୦/୨୫ରେ ମାମଲା ରୁଜ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ସରକାରୀ ରାସ୍ତାରୁ ଗଛ କାଟି ବିକ୍ରି ଉଦ୍ୟମ



ବାଲିଚନ୍ଦ୍ରପୁର,୧୦।୧୦(ସମିସ): ଦର୍ପଣ ତହସିଲ ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଭାକୁଡ଼ ଗ୍ରାମ ୨ ନମ୍ବର ୱାର୍ଡର ଏକ ସରକାରୀ ରାସ୍ତା କଡ଼ରେ ଥିବା ବଡ଼ ବଡ଼ ଚାକୁଣ୍ଡା ଓ ଆକାଶୀ ଗଛକୁ କେତେକ ଲୋକେ କାଟି ତାହାକୁ ବିକ୍ରି ପାଇଁ ଏକ ଟ୍ରାକ୍ଟରରେ ଭର୍ତ୍ତି କରି ବାହାରକୁ ଚାଲାଣ ପାଇଁ ପ୍ରସ୍ତୁତି ଚାଲୁଥିଲା। ତେବେ ଏନେଇ କୌଣସି ସୂତ୍ରରୁ ଖବର ପାଇ ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ରତ୍ନମାଳା ସାହୁ ଘଟଣାସ୍ଥଳରେ ପହଞ୍ଚି କଟା କାଠ ଭର୍ତ୍ତି ଟ୍ରାକ୍ଟରକୁ ଜବତ କରି ପରେ ସେ ଏନେଇ ସେ ଦର୍ପଣ ତହସିଲଦାରଙ୍କୁ ସୂଚନା ଦେଇଥିବା ନେଇ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ତୁରନ୍ତ ଗଛ କଟାଳିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

### ■ କିରାଣି ଓ ଅତିଥି ଶିକ୍ଷକଙ୍କ ବିବାଦ

## ବିଦ୍ୟାଳୟରେ ପଡ଼ିଲା ତାଲା

ଯାଜପୁର,୧୦।୧୦ (ସମିସ): ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର କିରାଣି ଓ ଅତିଥି ଶିକ୍ଷକଙ୍କ ବିବାଦ ଯୋଗୁ ବିଦ୍ୟାଳୟରେ ତାଲା ପଡ଼ିଛି। ଏପରି ଘଟଣା ଯାଜପୁର ବ୍ଲକ ବଡ଼ସୁଆର ପଞ୍ଚାୟତ ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର




ଅତିଥି ଶିକ୍ଷକ ଡ. ଆଶୁତୋଷ ବଳ ଘରକୁ ଫେରିବା ରାସ୍ତାରେ ଉକ୍ତ ବିଦ୍ୟାଳୟର କିରାଣି ମଞ୍ଜୁଲତା ବେହୁରିଆଙ୍କ ସ୍ୱାମୀ ଓ ପୁଅ ମାର୍କଣ୍ଡପୁର ଛକ ନିକଟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ନେଇ କିରାଣି ମଞ୍ଜୁଲତା ଯାଜପୁର ଟାଉନ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟ ପକ୍ଷରେ ଅତିଥି ଶିକ୍ଷକ ଆଶୁତୋଷ ବଳ ମଧ୍ୟ ସଂପୃକ୍ତ କିରାଣିଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ସକାଳୁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସି ବିଦ୍ୟାଳୟରେ ତାଲା ପଡ଼ିଥିବା ଦେଖି ଘରକୁ ଫେରି ଯାଇଥିଲେ। ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଶିକ୍ଷା ବିଭାଗର କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ବିଦ୍ୟାଳୟରେ ପଡ଼ିଥିବା ତାଲାକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଉପରୋକ୍ତ ଅଧିକାରୀଗଣ ପରିଚାଳନା କମିଟି ଓ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ଆଗକୁ ଯେପରି ପରିସ୍ଥିତି ଜଟିଳ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଯାଜପୁର ଟାଉନ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ଦୁଇଜଣଙ୍କ ଅଭିଯୋଗକୁ ଭିତ୍ତି କରି ପୃଥକ୍ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରାଯାଇ ଦୁଇଜଣଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଛି ବୋଲି ସୂଚନା ଦେଇଥିଲେ।

### ■ ଶିଶୁ ଶ୍ରମିକ ନିଯୋଜିତ ମହଙ୍ଗା ପଡ଼ିଲା

## ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ସୁକିନ୍ଦା,୧୦।୧୦(ସମିସ): ଜଣେ ଶିଶୁଙ୍କୁ ଘରେ ରଖି ନିଜ କାର୍ଯ୍ୟରେ ନିଯୋଜିତ କରିବା ଅଭିଯୋଗରେ ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଷୋଳମାଣିଆ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସଏଙ୍କୁ ନିଲମ୍ବନ କରିଛନ୍ତି। ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସଏ ମୟୂରଭଞ୍ଜ ଅଞ୍ଚଳର ଜଣେ ଶିଶୁ କନ୍ୟାକୁ ଘରେ ରଖି ନିଜ କାର୍ଯ୍ୟରେ ନିଯୋଜିତ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଶିଶୁ ଶ୍ରମିକ ଉଦ୍ଧାରକାରୀ ଟାସ୍କଫୋର୍ସ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଘରେ ଚଢ଼ଉ କରି ସଂପୃକ୍ତ ନାବାଳିକାକୁ ଉଧର କରି ସରକାରୀ ଅନୁଷ୍ଠାନରେ ଥଇଥାନ କରାଯାଇଛି। ଏନେଇ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ପକ୍ଷରୁ ୩୨୦/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଆଜି ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ ୧୯୬୯/୨୦୨୫ ନମ୍ବର ପତ୍ରରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସଏଙ୍କୁ ନିଲମ୍ବନ କରିଥିବା ସୂଚନା ଦେଇଛନ୍ତି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟୀ ପଞ୍ଚାୟତ ଅଧୀନ ବେଲହାରୀ ଗ୍ରାମର କାନ୍ହେ ବାନାରାଙ୍କ ସ୍ତ୍ରୀ ମୀନତୀ ସଏ ଷୋଳମାଣିଆ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶିଶୁଶ୍ରମିକ ଉଦ୍ଧାରକାରୀ ଟାକ୍ସଫୋର୍ସ ବେଲହାରୀ ଗ୍ରାମରେ ଏହି ଦମ୍ପତିଙ୍କ ଘରେ ଚଢ଼ଉ କରି ୧୩ ବର୍ଷୀୟ ଏକ ଶିଶୁକନ୍ୟାକୁ ଉଧାର କରିଥିଲେ। ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଏହି ଶିଶୁକନ୍ୟାର ପିତାମାତାଙ୍କ ମୃତ୍ୟୁ ପରେ ଏହି ଦମ୍ପତି ଦୁଇଜଣ ନିଜ ଶିଶୁକନ୍ୟାଟିକୁ ଘରେ ରଖି ଶ୍ରମିକ ଭାବରେ ଘର କାମ କରାଉଥିଲେ ବୋଲି ଶିଶୁଟି ବୟାନ ଦେଇଛି। ଏହି ଘଟଣାକୁ ଶିଶୁ ସୁରକ୍ଷା ୟୁନିଟର ଚାଇଲ୍ଡ ଲାଇନ ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାସ କଳିଙ୍ଗନଗର ଥାନାରେ ଏତଲା ଦେଇଥିବା ବେଳେ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖିଥିଲେ।

## ଧ୍ୟାନମଗ୍ନ ଶିବ ମୂର୍ତ୍ତି ଏବେ ସେଲ୍‌ଫି ପଏଣ୍ଟ!

ଯାଜପୁର,୧୦।୧୦(ସମିସ): ଯାଜପୁର ବରାହ ମନ୍ଦିର ନିକଟରେ ନିର୍ମାଣ ହୋଇଛି ଭାରତର ସର୍ବୋଚ୍ଚ ଧ୍ୟାନମଗ୍ନ ଶିବ ମୂର୍ତ୍ତି। ବିଗତ ସରକାର ଅମଳରେ ନିର୍ମାଣ ହୋଇଥିବା ଏହି ମୂର୍ତ୍ତି ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇନଥିବା ବେଳେ ଏହି ମୂର୍ତ୍ତି ଉପରକୁ ଲୋକେ ଚଢ଼ି ସେଲ୍‌ଫି ଓ ରିଲ୍ସ କରୁଥିବା ଦେଖିବାକୁ ମିଳିଛି। ଯାହା ଅତ୍ୟନ୍ତ ବିପଦଜନକ ଅଟେ। ମୂର୍ତ୍ତି ନିର୍ମାଣ ପାଇଁ ଲାଗିଥିବା ବାଉଁଶ ସାହାଯ୍ୟରେ ଯୁବକ ମାନେ ମୂର୍ତ୍ତି ଉପରକୁ ଚଢ଼ି ସେଲ୍‌ଫି ଓ ରିଲ୍ସ କରୁଥିବା ନଜରକୁ ଆସିଛି। ଗୋଟିଏ ପଟେ ସେଲ୍‌ଫି ଓ ରିଲ୍ସ କରୁଥିବା ଯୁବକମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ବେଳେ ଅନ୍ୟପଟେ ମୂର୍ତ୍ତିର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଗତ ସରକାର ସମୟରେ ନିର୍ମାଣ ହୋଇଥିବା ଏହି ମେଗା ପ୍ରକଳ୍ପ ସମାପ୍ତ ହେବା ପରେ ଏହା ରାଜ୍ୟ ଓ ରାଜ୍ୟ



ବାହାରର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ ବୋଲି ଲକ୍ଷ୍ୟ ରହିଥିଲା। କିନ୍ତୁ ଏବର ସରକାର ଓ ପ୍ରଶାସନର ଇଚ୍ଛା ଶକ୍ତିର ଅଭାବ ଫଳରେ ଏହି ପ୍ରକଳ୍ପର ଭବିଷ୍ୟତକୁ ନେଇ ନାନା ଆଶଙ୍କା ଦେଖାଦେଇଛି। ତେଣୁ ଏଭଳି ବିପଦଜନକ କାର୍ଯ୍ୟକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରାଯାଇଛି। ଏ ସଂପର୍କରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ପଚାରିବାରେ ଏହି ପ୍ରକଳ୍ପ ନେଇ ସମୀକ୍ଷା କରାଯାଇଛି ଏବଂ ଏହି ବିପଦଜନକ କାର୍ଯ୍ୟକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ସ୍କୁଟର ଉପରେ ଚଢ଼ିଗଲା ଟ୍ରାକ୍ଟର



ଧର୍ମଶାଳା,୧୦।୧୦(ସମିସ): ଧର୍ମଶାଳା ଥାନା ଜଗନ୍ନାଥ ସଡ଼କର ହାଟ ନିକଟରେ ଆଜି ଏକ ଟ୍ରାକ୍ଟର ଚାଳକ ନିଜର ବେପରୱା ଗାଡ଼ି ଚାଳନା ଯୋଗୁ ଅନେକ ସାଇକଲ ଓ ସ୍କୁଟର ଉପରେ ଚଢ଼ାଇ ଦେଇଛନ୍ତି। ସୂଚନା ମୁତାବକ ଆଜି ଶୁକ୍ରବାର ହାଟ ଥିବା ବେଳେ ଲୋକେ ରାସ୍ତାକଡ଼ରେ ସାଇକଲ ଓ ବାଇକ୍ ଥୋଇ ହାଟରୁ ସଉଦା କିଣୁଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥୁଆ ହୋଇଥିବା ସ୍କୁଟର ଓ ସାଇକଲ ଉପରେ ଚଢ଼ାଇ ଦେଇଥିଲା। ହେଲେ ଏହି ସମୟରେ ସେଠାରେ କେହି ଲୋକ ନଥିବାରୁ ଅଳ୍ପକେ ବଞ୍ଚିଯାଇଛନ୍ତି। ଦୁର୍ଘଟଣା ପରେ ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ପୁଲିସ ସେଠାରେ ପହଞ୍ଚି ହେଲପରକୁ ଥାନାକୁ ନେଇ ଅଟକ ରଖିଛି।

### ■ ଗଲଗଲି ଶଙ୍ଖର ବିକାଶ ପାଇଁ ନକ୍ସା ପ୍ରସ୍ତୁତ

## ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



ଧର୍ମଶାଳା,୧୦।୧୦(ସମିସ): ଧର୍ମଶାଳା ବ୍ଲକ ପଟୁଣିଆ ପଘମାୟତ ଶଙ୍ଖଗ୍ରାମସ୍ଥିତ ଗଲଗଲି ଶଙ୍ଖ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ରଜତ ମହାପାତ୍ର ଏବଂ କନିଷ୍ଠଯନ୍ତ୍ରୀ ପ୍ରୀତିମୟୀ ସାମଲ ଗୁରୁବାର ଅପରାହ୍ନରେ ଏହି ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ମୂଳକ କାର୍ଯ୍ୟନେଇ ଶଙ୍ଖଗ୍ରାମବାସୀ ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ, ଶୌଚାଳୟ ନିର୍ମାଣ, ସ୍ୱାଗତ ତୋରଣ, ପେଣ୍ଡାଲ ନିର୍ମାଣ, ଯଜ୍ଞପଡିଆର ଉନ୍ନତିକରଣ ସହିତ ହାଇମାକ୍ସଲାଇଟ ଲଗାଇବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ବିଧାୟକ ପ୍ରତିନିଧି ଅଭିଷେକ ରାଉତ, ୧୫ ନମ୍ବର ଜୋନ ମଣ୍ଡଳ ସଭାପତି ପ୍ରଶାନ୍ତ ନାଏକ ଏହି ଗସ୍ତରେ ସାମିଲ ହୋଇଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ପୁତ୍ର ପ୍ରାଧାପକ ବଳଭଦ୍ର ଦାଶ ଏବଂ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଉପସ୍ଥିତ ରହି ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ପ୍ରକାଶ ଥାଉକି ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମ କ୍ରମେ ଗଲଗଲି ଶଙ୍ଖ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଥିବା ବେଳେ ଏହାର ଉନ୍ନତିକରଣ ପାଇଁ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ପର୍ଯ୍ୟଟନ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଚାହୁଁଥିବାରୁ ପର୍ଯ୍ୟାୟକ୍ରମେ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ଉଭୟ ପ୍ରଶାସନିକ ଅଧିକାରୀ ପ୍ରକାଶ କରିଥିଲେ। ଏହି ଗସ୍ତ ସମୟରେ ପଟୁଣିଆ ପଞ୍ଚାୟତ ପ୍ରଭାରୀ ଅଲେଖ ସେଠୀ, ରମେଶ ଗନ୍ତାୟତ, ଜୟନ୍ତ ଜେନା, ଶାନ୍ତନୁ ସେଠୀ, ଉଗ୍ରସେନ ଦଳାଇ, ମନମୋହନ ସାମନ୍ତରାୟ, ରାମଚନ୍ଦ୍ର ବଳ, ସୁଦର୍ଶନ ବଳ, ରସାନନ୍ଦ ଦାସ, ସୁରେନ୍ଦ୍ର ଜେନା, ବିବେକାନନ୍ଦ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକେ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

କବାଟବନ୍ଧ,୧୦।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ବିଛାଖଣ୍ଡି ଗ୍ରାମର ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ପୁଅ ସୋମନାଥ ମହାପାତ୍ରଙ୍କ (୩୮) ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଖବର ଅନୁସାରେ ସୋମନାଥ ଭୁବନେଶ୍ୱରରୁ କାମ ସାରି ନିଜ ଗାଁକୁ ଫେରୁଥିବା ସମୟରେ ଟାଙ୍ଗୀ ନିକଟ ହରିଅନ୍ତା ନିକଟରେ ଏକ ପିକ୍‌ଅପ ସହିତ ଧକ୍କା ହୋଇଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଭାବରେ ଆଘାତ ଲାଗିଥିଲା। ଯାଜପୁର ଚଣ୍ଡିଖୋଲ ଅଞ୍ଚଳର ମୋହନ ମହାରଣା ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ମେଡ଼ିକାଲ ପଠାଯାଇଥିଲା। ସେ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।




## ରସୁଲପୁରରେ ଉଦ୍‌ଯାପିତ ହେଲା ଲକ୍ଷ୍ମୀ ପୂଜା

କୁଆଖିଆ,୧୦।୧୦(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ ଗୋଟି ପଞ୍ଚାୟତର ପହଁଗା ଠାରୁ ବାରବାଟୀ ଓ ବନ୍ଧଡିହରୁ ଶ୍ରୀବନ୍ତପୁର ପଞ୍ଚାୟତର ବିଭିନ୍ନ ପୁରପଲ୍ଲୀରେ ଲକ୍ଷ୍ମୀପୂଜା ଖୁବ୍ ଧୁମଧାମ୍ ସହ ପାଳିତ ହୋଇଯାଇଛି। ଅଧିକାଂଶ ସ୍ଥାନରେ ପୂଜା ଉତ୍ସବ ୩ଦିନ ଧରି ପାଳିତ ହୋଇ ଗୁରୁବାର ରାତିରେ ପୂର୍ଣ୍ଣାହୂତି ପର୍ବ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭୋଟକା ପଞ୍ଚାୟତର ବଡରମ୍ପେଇ ଗ୍ରାମର ନାୟକ ସାହି, ସେରପୁର ଗ୍ରାମର ରାଢ଼ି ସାହି, ଭୋଟକା ଗ୍ରାମର ପାତ୍ର ସାହି ଆଦି ସ୍ଥାନରେ ପୂଜା ଉତ୍ସବକୁ ଖୁବ୍ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ଏହାଛଡା ଗନ୍ଧଣ ପଞ୍ଚାୟତର ଲକ୍ଷ୍ମୀବଜାର, ରସୁଲପୁର ପଞ୍ଚାୟତର ଚଣ୍ଡିପୁର ଗ୍ରାମ, କୁଆଖିଆ ବଜାରର ହରିପୁରରୋଡ, ସାରଙ୍ଗପୁର, ଓରାଳି, ଖୋସାଲପୁର, ବାରବାଟୀ ବଜାରର ଓଡଙ୍ଗ ପରିବା ହାଟ, ମାଣତୀର ଭଳି



ଅନେକ ସ୍ଥାନରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ବଜାର ଅଞ୍ଚଳରେ ଏହି ପୂଜା ଉତ୍ସବକୁ ପାଞ୍ଚ ଦିନ ବ୍ୟାପୀ ପାଳନ କରାଯାଉଥିବା ବେଳେ ଗ୍ରାମାଞ୍ଚଳରେ ୩ଦିନ ଧରି ପାଳନ ହୋଇଛି। ପ୍ରତ୍ୟେକ ପୀଠରେ ପୂଜାମଣ୍ଡପ ଗୁଡିକରେ ଭଜନ ସନ୍ଧ୍ୟା, ପ୍ରବଚନ, ପାଲା, ଦାସକାଠିଆ, ଲଉଡ଼ି ଖେଳ, ଘୋଡାନାଚ ଆଦି ପାରମ୍ପାରିକ କାଳାକୃତିଗୁଡିକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଆୟୋଜନ କରାଯାଇଥିଲା। ଏଥିସହିତ ବିଭିନ୍ନ ସ୍ଥାନରେ ଆୟୋଜିତ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ସକାଶେ କୁଆଖିଆ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ପୂଜା ମଣ୍ଡପ ସ୍ଥଳକୁ ପରିଷ୍କାର ପରିଚ୍ଛନ ରଖିବା ସକାଶେ ପୂଜା କମିଟି ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ଶୀଘ୍ର ଚାଲିବାକୁ ଚାହୁଁଛ ତେବେ ଏକୁଟିଆ ଚାଲ; ଯଦି ବହୁଦୂର ବାଟ ଯିବାର ଅଛି ତେବେ ସାଥୀମାନଙ୍କୁ ସାଙ୍ଗରେ ନେଇ ଚାଲ।
-ରତନ ଟାଟା

## ଆଉ ଢିଲା ଦିଅନି, ବାନ୍ଧ

ପୁଲିସ ମହାନିର୍ଦ୍ଦେଶକଙ୍କୁ ଏବେ ବିଶୃଙ୍ଖଳା ସୃଷ୍ଟିକାରୀ ଓ ଅସାମାଜିକ ତତ୍ତ୍ୱଙ୍କୁ ବାନ୍ଧିବା ପାଇଁ ନିର୍ଦ୍ଦେଶ ମିଳିଛି। ଇଏ ବି ଠିକ୍ କଥା। ନହେଲେ ଆମ ରାଜ୍ୟରେ ଭୁଶୁଡ଼ି ପଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଏତେ ସହଜ ହେବନି। କ୍ଷମତା କେନ୍ଦ୍ର ପ୍ରତି ଲୋକେ ଆଙ୍ଗୁଠି ଉଠାଇବା ଆରମ୍ଭ କଲେଣି। ହେଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଏମାନଙ୍କୁ ନବାନ୍ଧିବା ସକାଶେ ଆଗରୁ କ'ଣ ଗୋପନ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏବେ ବାନ୍ଧିବାକୁ ନିର୍ଦ୍ଦେଶ ଦେବା ପାଇଁ ବାଧ୍ୟବାଧକତା ଉପୁଜିଲା?  ବିଶୃଙ୍ଖଳା ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବାରୁ ସରକାରଙ୍କୁ ଏହି ସୀମିତ ସମୟ ମଧ୍ୟରେ ତିନି ତିନି ଥର ସାନ୍ଧ୍ୟ ଆଇନ ଜାରି କରିବାକୁ ପଡ଼ିଛି। ଆତ୍ମାହୁତି ଓ ଆତ୍ମହତ୍ୟା ଘଟଣା ରାଜ୍ୟବାସୀଙ୍କୁ ଏଭଳି ବିଚଳିତ କରିପକାଇଲା ଯେ ସରକାର ବ୍ୟବସ୍ଥାକୁ ସୁଧାରି ନପାରି କେବଳ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରି ନିଶ୍ଚିନ୍ତ ହୋଇପଡ଼ିଛନ୍ତି। ଅଥଚ ଘଟଣାର ଅନୁସନ୍ଧାନ ରିପୋର୍ଟ ଓ ଚାର୍ଜସିଟ ଦାଖଲରେ ଅକ୍ଷମଣୀୟ ବିଳମ୍ବ ପ୍ରତି ଧ୍ୟାନ ନ ଦେବାରୁ ଅପରାଧ ବଢ଼ିଚାଲିଛି। ଧର୍ଷଣକଷଣ ଦିନକୁ ଦିନ ସୀମାତିକ୍ରମ କରୁଥିବାରୁ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ଏହି ବାନ୍ଧିବା ନିର୍ଦ୍ଦେଶରୁ ପୁଲିସର ନ ପାରିବା ପଣିଆ ବାରି ହୋଇପଡୁଛି।

ନିକଟରେ ୨୦୨୩ର ଏନ୍‌ସିଆରବି ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ସାମଗ୍ରିକ ଭାବେ ଦେଶର ଅପରାଧ ଚିତ୍ର ଓ ଚରିତ୍ର ସଂକ୍ରାନ୍ତ ଠୋସ୍ ଆକଳନ କୁହାଯାଇପାରେ। ଠିକ ଠିକ ହିସାବ କଲେ ଦେଶର ଅପରାଧ ହାର ପ୍ରତି ୧ଲକ୍ଷ ନାଗରିକ କ୍ଷେତ୍ରରେ ୪୪୮.୩ ପହଞ୍ଚିଛି। ଦେଶରେ ପଞ୍ଜିକୃତ ହୋଇଥିବା ଆପରାଧିକ କାର୍ଯ୍ୟକଳାପ ସଂଖ୍ୟା ୬.୪ନିୟୁତ ଏବଂ ଏହା ପୂର୍ବବର୍ଷ ତୁଳନାରେ ୭.୨ ପ୍ରତିଶତ ଅଧିକ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଦେଶର ସହରାଞ୍ଚଳର ଅପରାଧ ସଂଖ୍ୟା ସୀମା ଅତିକ୍ରମ କରିଛି। ତେଣୁ ପୂର୍ବବର୍ଷ ତୁଳନାରେ ସହରାଞ୍ଚଳ ଅପରାଧ ସଂଖ୍ୟା ୧୦.୬ ପ୍ରତିଶତ ବଢ଼ିଛି। ଜାତୀୟସ୍ତରରେ ହାରାହାରି ପ୍ରତି ୫ ସେକେଣ୍ଡରେ ଗୋଟିଏ ଅପରାଧ ଘଟୁଛି। ମହିଳାଙ୍କ କ୍ଷେତ୍ରରେ ଅସୁରକ୍ଷିତ ପରିବେଶ ସବୁଠାରୁ ଅଧିକ ଚିନ୍ତାଜନକ। ଦେଶର ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୬୬.୭ ଜଣ ଅପରାଧିକ କାର୍ଯ୍ୟକଳାପର ସମ୍ମୁଖୀନ ହେଉଛନ୍ତି। ବିଗତ ୧୨ ବର୍ଷ ମଧ୍ୟରେ ମହିଳାବିରୋଧୀ ଅପରାଧ ତିନିଗୁଣ ବଢ଼ିଛି। ଦିଲ୍ଲୀ ଓ ତେଲେଙ୍ଗନାରେ ମହିଳା ସବୁଠାରୁ ଅଧିକ ଅସୁରକ୍ଷିତ। ଏହି ଦୁଇ ରାଜ୍ୟରେ ପ୍ରତି ୧ ଲକ୍ଷ ମହିଳାଙ୍କ କ୍ଷେତ୍ରରେ ଯଥାକ୍ରମେ ୧୩୩ ଓ ୧୨୪ ଅପରାଧର ସମ୍ମୁଖୀନ ହୋଇଛନ୍ତି। ଗତ ଦଶବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ମହିଳା ନିଜକୁ ସବୁଠାରୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ସେମାନଙ୍କ ଉତ୍ପୀଡ଼ନ ହାର କ୍ରମାଗତ ଭାବେ ବୃଦ୍ଧି ଚାଲିଛି।

ରିପୋର୍ଟର ନିର୍ଯାସ ହେଉଛି, ସାମାଜିକ ପରିବେଶରେ ପରିବର୍ତ୍ତନ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ିଥିବାରୁ ମହିଳା ନିରବ ନ ରହି ସେମାନେ ସମ୍ମୁଖୀନ ହେଉଥିବା ଉତ୍ପୀଡ଼ନ ସଂପର୍କରେ ଥାନାରେ ରିପୋର୍ଟ କରୁଛନ୍ତି। ସେହିଭଳି ସହରାଞ୍ଚଳରେ ବର୍ଦ୍ଧିତ ଅପରାଧିକ କାର୍ଯ୍ୟକଳାପ ଓ ସାଇବର ଅପରାଧ ଚିନ୍ତାଜନକ। ଏହାକୁ ପରିବର୍ଦ୍ଧିତ ପରିସଂଖ୍ୟାନର ଅସଲ କାରଣ ବୋଲି ଦର୍ଶାଯାଇଛି। ୨୦୨୩ ପରେ ଘଟଣାକ୍ରମ ସୁଧୁରିବା ପରିବର୍ତ୍ତେ ଅଧିକ ବିଗୁଡୁଥିବାର ପରିଲକ୍ଷିତ ହେଉଛି। ତେଣୁ ଏନସିଆରବି ରିପୋର୍ଟରେ ଯେଉଁ ପରିସଂଖ୍ୟାନ ଉପସ୍ଥାପନ କରାଯାଇଛି ତାହା ନିଶ୍ଚିୟ ଚିନ୍ତା ଉଦ୍ରେକକାରୀ।

## ଅଳିକ ଅହଂକାର

ଡୋନାଲ୍ଡ ଟ୍ରମ୍ପଙ୍କ କୋଳାଶ୍ରିତ ହେବା ପରେ ପାକିସ୍ତାନ ନେତାମାନେ ହଠାତ୍ ମୁଖର ହୋଇପଡ଼ିଛନ୍ତି। ଆମେରିକା ପରେ ସାଉଦୀ ଆରବ ସହ ସୁସଂପର୍କକୁ ଏକ କୂଟନୈତିକ ସଫଳତା ରୂପେ ବିଚାର କରି ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖାଜା ଆସିଫ ଯେଉଁ ଭାରତ ବିରୋଧୀ ବିବୃତି ଦେଇଛନ୍ତି ତାହାର ସୁଦୂରପ୍ରସାରୀ ପ୍ରଭାବ ନେଇ ଏପର୍ଯ୍ୟନ୍ତ ଅନିଶ୍ଚିତ ଥିବା ମନେହୁଏ। 'ଅପରେସନ ସିନ୍ଦୂର'ର ପରିଣତି ଓ ପରାଭବରୁ ନିଜକୁ ମୁକ୍ତ କରି ନଥିବା ପାକ୍‌ନେତାମାନେ ଆଭ୍ୟନ୍ତରୀଣ କନ୍ଦଳ ଓ ଆତଙ୍କୀ କାର୍ଯ୍ୟକଳାପରେ ବ୍ୟସ୍ତ ଓ ବିବ୍ରତ। ବେଲୁଚିସ୍ତାନ ଓ ଖାଇବରପଖ୍‌ତୁନଖ୍ୱା ପ୍ରଦେଶରେ ବିଦ୍ରୋହୀଙ୍କୁ ଜବତ କରିବାରେ ପାକ୍ ସେନାଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଇଛି। ଦେଶର ସମଗ୍ର ଶାସନତନ୍ତ୍ର ସେନାବାହିନୀ ନିୟନ୍ତ୍ରଣରେ ଥିବାରୁ ସେମାନଙ୍କ ଇଙ୍ଗିତରେ ନେତାମାନେ ଭାରତ ବିରୋଧରେ ଯୁଦ୍ଧ ପ୍ରସ୍ତୁତ ନେଇ ଅପରିଣାମଦର୍ଶୀ ବୟାନ ଆରମ୍ଭ କରିଛନ୍ତି। ଆସିଫ୍ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନରେ ଐକ୍ୟ ଓ ସଂହତି ପ୍ରତିଷ୍ଠାରେ ଏହା ସହାୟକ ହୋଇଆସିଛି। ଏଥିରୁ ସ୍ପଷ୍ଟ ଯେ ପାକ୍ ସୈନ୍ୟଙ୍କ କ୍ରମାଗତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ବିଚ୍ଛିନ୍ନତାବାଦୀ ଆତଙ୍କୀଙ୍କ ଉପଦ୍ରବ ନିୟନ୍ତ୍ରଣ ହୋଇପାରିନାହିଁ। ତେଣୁ ବିଚଳିତ ଓ ବିବ୍ରତ ସେନାଧ୍ୟକ୍ଷଙ୍କ ବିରୋଧରେ ଦେଶବାସୀଙ୍କ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ସମୟର ଆବଶ୍ୟକତା ଦୃଷ୍ଟିରୁ ଅସ୍ଥାୟୀ ଓ କାମଚଳା କୂଟନୈତିକ ସଂପର୍କ ନେଇ ଆଶାର ପିରାମିଡ୍ ଗଢ଼ିବାରେ କାହାକୁ ମନା ନାହିଁ। ଗାଜା ପ୍ରସଙ୍ଗକୁ କେନ୍ଦ୍ରକରି ଆରବ ରାଷ୍ଟ୍ରଙ୍କ ମଧ୍ୟରେ ନୂଆ ଅଙ୍କ କଷିବା ଆରମ୍ଭ ହୋଇଥିବା ବେଳେ ସାଉଦୀ ନେତୃତ୍ୱର ପାକିସ୍ତାନ ଉପରେ ନିର୍ଭରଶୀଳତା ଯେ ଅଧିକ ତାହା ଜଳଜଳ ଦୃଶ୍ୟମାନ ହେଉଛି। ଅନ୍ୟପକ୍ଷରେ ଚୀନ ସହ ପାକିସ୍ତାନ ସଂପର୍କର ଗଭୀରତା ନିକଟରେ ଟ୍ରମ୍ପ ଯେ କେତେବେଳେ ପଛଘୁଞ୍ଚା ଦେବେ ତାହାର କିଛି ଠିକଣା ନାହିଁ। ଏସିଆ କପ ରାଜନୀତିରେ ପାକିସ୍ତାନ ଯେପରି ଅପଦସ୍ତ ହୋଇଛି ତାହା କ୍ରିକେଟ ସହ ସଂଶ୍ଳିଷ୍ଟ କୂଟନୈତିକ ସଂପର୍କରେ ପ୍ରତିବନ୍ଧକ ହୋଇଛି। ଏହି କ୍ରିକେଟ୍ ରାଜନୀତି ସହ ପାକିସ୍ତାନ ଅର୍ଥମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଜଡିତ ଥିବାରୁ ତାହା ସରକାରଙ୍କ ସକାଶେ ଅଧିକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ଏସବୁକୁ ବିଚାର କଲେ ଆସିଫ୍‌ଙ୍କ ଅହଙ୍କାର ଯେ କେତେ ଅଳିକ ତାହା ସହଜରେ ଅନୁମାନ କରାଯାଇପାରେ।

ଆଫଗାନିସ୍ତାନ ସୀମାବର୍ତ୍ତୀ ଖାଇବରପଖ୍‌ତୁନଖ୍ୱା ପ୍ରଦେଶରେ ସକ୍ରିୟ ଟିଟିପି ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ପାକ ସରକାର ନିଷେଧାଦେଶ ଜାରି କରିଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇ ପାରିନାହିଁ। ବୁଧବାରର ସାମରିକ କାର୍ଯ୍ୟନୁଷ୍ଠାନରେ ୧୯ ଟିଟିପି କାର୍ମୀ ନିହତ ହୋଇଥିଲେ ମଧ୍ୟ ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜରଙ୍କ ସମେତ ୧୧ ଜଣଙ୍କୁ ହରାଇଛି ସେନାବାହିନୀ। ଏହି ପ୍ରଦେଶର ନେତୃତ୍ୱ ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁଙ୍କ ପାକିସ୍ତାନ ତେହେରିକ ଇ ଇନସାଫ ଦଳ ହାତରେ ରହିଛି। ସାମରିକ କାର୍ଯ୍ୟନୁଷ୍ଠାନ ପରେ ଅଲ୍ଲି ଅମିନ ଗଣ୍ଡପୁରଙ୍କୁ ସ୍ଥାନରେ ମହମ୍ମଦ ସୋହେଲ ଆଫ୍ରିଦିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଦଳ ଅବସ୍ଥାପିତ କରିଛି। ଅନ୍ୟପକ୍ଷରେ ବେଲୁଚିସ୍ତାନ ଉପକୂଳରେ ଗ୍ୱାଦର ବନ୍ଦର ନିକଟରେ ଆଉ ଏକ ବନ୍ଦର ପ୍ରତିଷ୍ଠା ସକାଶେ ଆମେରିକାକୁ ପ୍ରସ୍ତାବ ଦେଇ ପାକିସ୍ତାନ ଉଭୟ ବିଦ୍ରୋହୀ ବିଏଲଓ ଏବଂ ଚୀନ ଅସନ୍ତୋଷର କାରଣ ହୋଇଛି। ଏଭଳି ପ୍ରତିକୂଳ ପରିସ୍ଥିତିରେ ପାକ୍ ନେତାଙ୍କ ମିଛ ଅହଂକାର କାହିଁକି?

# ଓଡ଼ିଶାର ବିକାଶ ଓ ସୁସମ୍ପନ୍ନ ସହରୀକରଣ

**ଡ. ପିୟୁଷ ରଞ୍ଜନ ରାଉତ**

ବିଶ୍ୱର ନିରନ୍ତର ବିକାଶଯାତ୍ରାରେ ଆଧୁନିକ ସହର ଯୋଜନା ଏକ ଅପରିହାର୍ଯ୍ୟ ଅଙ୍ଗ। ସାମ୍ପ୍ରତିକ ବିବିଧତା ଭରା ଆହ୍ୱାନରେ ସହରର ଆକାର ବଢ଼େଇବା ଅପେକ୍ଷା ସ୍ୱଳ୍ପ ସମୟ ମଧ୍ୟରେ ବିକଶିତ କରିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ 'ପନ୍ଦର ମିନଟ ସହର ଯୋଜନା' ଏକ ସୁନ୍ଦର ପରିକଳ୍ପନା। ପନ୍ଦର ମିନିଟ ସହର ଯୋଜନାର କେନ୍ଦ୍ରବିନ୍ଦୁ ହେଉଛି, ଦୈନନ୍ଦିନ ଜୀବନରେ ମଣିଷର ଜୀବନଶୈଳୀରେ ଯାହା ଆବଶ୍ୟକ, ଯେପରି ପନ୍ଦର ମିନଟ ଦୂରତ୍ୱ ମଧ୍ୟରେ ତାହା ମିଳିପାରୁଥିବ। ଜଣେ ସାଇକେଲ ଚଳାଇ କିମ୍ବା ଚାଲିକି ଯାଇ ଆଣି ପାରୁଥିବ। ଯେତେବେଳ ଦୂର ଜାଗାକୁ ଯାତ୍ରା କରିବାର ଥିବ ସେତେବେଳେ ସର୍ବସାଧାରଣ ପାଇଁ ଉଦିଷ୍ଟ ବସ ପରିବହନ ବ୍ୟବହାର କରିପାରିବେ ଅବା ନିଜର କାର ବ୍ୟବହାର କରିପାରିବେ। ଏହା ଲୋକମାନଙ୍କ ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାଇଚାରାର ସହର ସୃଷ୍ଟି କରିବ। ପରିସ୍ଥିତିକୁ ବଦଳାଇ ପାରିବାର ଦକ୍ଷତା ରଖିଥିବ। ଅଧିବାସୀଙ୍କର ଆବଶ୍ୟକତା ଅନୁସାରେ ଯୋଜନା ପ୍ରସ୍ତୁତ ହେବ। ଫଳସ୍ୱରୂପ ଗୋଟିଏ ସହର ମଧ୍ୟରେ ଅନେକ ଆତ୍ମନିର୍ଭରଶୀଳ ସହର ଗଢ଼ିଉଠିବ।

ଶିଳ୍ପ ବିପ୍ଳବ ପରେ ଏବଂ କାର ଉଦ୍ଭାବନ ପରେ ଯେଉଁ ସହର ଯୋଜନା ପ୍ରସ୍ତୁତ ହେଉଥିଲା, ତାହା କେବଳ ଧନୀ ଓ ଗରିବ ମଧ୍ୟରେ ଦୂରତ୍ୱ ସୃଷ୍ଟି କରୁଥିଲା। ସହର ମଧ୍ୟରେ ବାସସ୍ଥାନ, କର୍ମକ୍ଷେତ୍ର, ଶିଳ୍ପ, ବାଣିଜ୍ୟ ପାଇଁ ଅଲଗା ଅଲଗା ସ୍ଥାନ ନିରୂପଣ ହେଉଥିଲା, ଯାହା ସହରକୁ ଖଣ୍ଡବିଖଣ୍ଡ କରିଦେଉଥିଲା। ତେଣୁ ସମୟକ୍ରମେ ପନ୍ଦର ମିନିଟର ସହରୀ ଯୋଜନା ପରିକଳ୍ପନା କରାଗଲା।

ଆଜିର ସହରୀକରଣର ମୁଖ୍ୟ ଆହ୍ୱାନ ହେଉଛି ସହରାଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ଲାଗି ସ୍ଥାନୀୟ ଯୋଜନା ଏବଂ ତା'ର ସଫଳ ରୂପାୟନ। ଆମେ ବର୍ତ୍ତମାନ ଏପରି ଏକ ସହରୀ ସଭ୍ୟତାରେ ବସବାସ କରୁଛେ, ଯାହାକୁ ସହର ଶତାବ୍ଦୀ ବୋଲି କହିବାରେ ଦ୍ୱିଧା ନାହିଁ। ମିଳିତ ଜାତିସଂଘର ଭବିଷ୍ୟତ ଚିନ୍ତାଧାରା ଅନୁସାରେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱରେ ୬୦% ଲୋକ ସହରରେ ବସବାସ କରିବେ। ସହରୀକରଣ ବିଶ୍ୱର ବହୁଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବଡ଼ ଭୂମିକା ଗ୍ରହଣ କରିଛି। ଆପାତତଃ ବିଶ୍ୱର ୭୫% ଅର୍ଥନୀତିର ଆଦାନ ପ୍ରଦାନ ସହର ମଧ୍ୟରେ ଘଟିଥାଏ, ଯାହାକି ବହୁତ ଲୋକଙ୍କୁ ଗରିବ ସୀମା ରେଖାରୁ ଉପରକୁ ଉଠେଇବାରେ ସହାୟକ ହୋଇଛି। ସହରୀକରଣରେ ଅଧିକ ପ୍ରାକୃତିକ ସମ୍ବଳ ବ୍ୟବହାର ହୋଇଥାଏ। ବିଶ୍ୱର ୩% ସ୍ଥାନ ସହର ପାଇଁ ବ୍ୟବହୃତ ହୁଏ। ସେହିପରି ବିଶ୍ୱର ୬୦% ସହର ଅଧିବାସୀ ଏହାର ୭୫% ସମ୍ବଳ ବ୍ୟବହାର କରିଥା'ନ୍ତି। ସହରରେ ବସବାସ କରୁଥିବା ଲୋକ ବିଶ୍ୱର ଦୁଇ-ତୃତୀୟାଂଶ ଶକ୍ତି ବ୍ୟବହାର କରିଥା'ନ୍ତି, ଯାହା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଆଗାମୀ ଦିନରେ ଏହି ଆହ୍ୱାନର ମୁକାବିଲା କରିବା ପାଇଁ ସହରଗୁଡ଼ିକୁ ଏକ ଉନ୍ନତଶୈଳୀରେ ପରିବେଶ ସୁରକ୍ଷିତ କରି ଗଢ଼ିବାକୁ ପଡ଼ିବ।

ଭାରତ ଏକ ବୃହତ ସହରୀକରଣ ଦିଗରେ ଅଗ୍ରସର। ୨୦୩୦ସୁଦ୍ଧା ସମ୍ଭବତଃ ୩୫୦ ନିୟୁତ ଜନସଂଖ୍ୟା ସହରରେ ବସବାସ କରୁଥିବେ ଏବଂ ୨୦୫୦ ବେଳକୁ ଏହା ୭୦୦ ନିୟୁତରେ ପହଞ୍ଚିବ। ସେହିଭଳି ଓଡ଼ିଶାର ଜନସଂଖ୍ୟାର ୧୭% ଲୋକେ ବର୍ତ୍ତମାନ ସହରରେ ବସବାସ କରୁଛନ୍ତି, ଯାହାକି ୨୦୩୦ ବେଳକୁ ସମ୍ଭବତଃ ୨୫% ପହଞ୍ଚିପାରେ।

କିନ୍ତୁ ସହରାଞ୍ଚଳରେ ବସବାସ କରିବା ପାଇଁ ଯେଉଁଭଳି ମାନଦଣ୍ଡର ସୁବିଧା ସୁଯୋଗ ରହିବା କଥା ଆଜି ମଧ୍ୟ ତାହା ଦେଖିବାକୁ ମିଳୁନି। ଯାହାଫଳରେ ସହରମାନଙ୍କରେ ସମସ୍ୟା ବଢ଼ିବାରେ ଲାଗିଛି। ଭାରତରେ ସହର ଭିତ୍ତିଭୂମି ବିକାଶ ପାଇଁ ପ୍ରତି ବାସିନ୍ଦାଙ୍କ ପାଇଁ ଖର୍ଚ୍ଚ ହେଉଛି ହାରାହାରି ୨୦ ଆମେରିକୀୟ ଡଲାର, ଯାହାକି ବ୍ରିଟେନରେ ୮୦୦ ଆମେରିକୀୟ ଡଲାର ଏବଂ ଚୀନରେ ୧୨୦ ଆମେରିକୀୟ ଡଲାର। ସମ୍ଭବତଃ ଭାରତରେ ଗ୍ରାମାଞ୍ଚଳ ଅପେକ୍ଷା ବହୁତ କମ ଅର୍ଥ ପ୍ରଦାନ କରାଯାଉଥିବାରୁ ସହରଗୁଡ଼ିକ ବିଶ୍ୱସ୍ତରରେ ପଛରେ ପଡ଼ିଯାଇଛନ୍ତି।

ଓଡ଼ିଶାର ସହରଗୁଡ଼ିକୁ ଯୋଜନାବଦ୍ଧ ଓ ସୁନ୍ଦର କରିବା ପାଇଁ ଏହା ହିଁ ଏକ ପ୍ରକୃଷ୍ଟ ସୁଯୋଗ। ଯୋଜନାବଦ୍ଧ ସୁନ୍ଦର ସହରର ଅର୍ଥ ନୁହେଁ କେବଳ ଉଚ୍ଚ ଅଟ୍ଟାଳିକା, ଚଉଡ଼ା ରାସ୍ତା। ବରଂ ସହରକୁ ଗରିବ ମୁକ୍ତ କରିବା, ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସନ୍ତୁଳିତ ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ଯୋଜନା ଆଧାରରେ ପ୍ରସ୍ତୁତ କରିବା। ଯେପରି ଦକ୍ଷିଣ କୋରିଆ ସିଓଲ ସହରକୁ ସମଗ୍ର ବିଶ୍ୱ ପାଇଁ ଉଦାହରଣୀୟ କରିପାରିଛି। ମାତ୍ର ତିରିଶ ବର୍ଷ ମଧ୍ୟରେ ଏକ ଗରିବ କୃଷିପ୍ରଧାନ ଦେଶରୁ ବିଶ୍ୱର ପ୍ରମୁଖ ଅର୍ଥନୈତିକ ପେଣ୍ଠସ୍ଥଳୀ ଏବଂ ବିଶ୍ୱର ଅନ୍ୟତମ ବିକଶିତ ସହରରେ ପରିବର୍ତ୍ତନ ହୋଇପାରିଛି। ପାରମ୍ପରିକ ସହର ଯୋଜାନାଠାରୁ ବହୁମାତ୍ରାରେ ଉନ୍ନତ ଓ ଲୋକାଭିମୁଖୀ କରି ଦକ୍ଷିଣ କୋରିଆ ଏହି ସଫଳତା ହାସଲ କରିଛି।

ସିଓଲ ଭଳି ବିଶ୍ୱରେ ଅନେକ ସହର ଅଛି, ଯେଉଁଗୁଡ଼ିକ ନୂତନତ୍ୱକୁ ମାନଦଣ୍ଡ କରି ଆଜି ସାରା ବିଶ୍ୱ ପାଇଁ ଉଦାହରଣ ହେଇପାରିଛନ୍ତି। ଆଉ ଏକ ସହର ହଉଛି ବୋଗଟା ଯାହାକି ବିଶ୍ୱରେ ସୁନ୍ଦର ପରିବହନ ପରିକଳ୍ପନା କରି ସ୍ୱଳ୍ପ ସମୟ ଯୋଜନାର ସହର ଭାବେ ଆପଣେଇ ପାରିଛନ୍ତି। ବୋଗଟା ସହର ନିଜ ଲୋକଙ୍କ ପାଇଁ କାର ରାସ୍ତା କରିବା ଅପେକ୍ଷା ୪୦୦ କିମି. ସାଇକେଲ ରାସ୍ତା ପ୍ରସ୍ତୁତ କରିଛନ୍ତି, ଯାହାକୁ ୪୦% ରୁ ଅଧିକ ଲୋକେ ଦୈନିକ ବ୍ୟବହାର କରୁଛନ୍ତି। ସେହିଭଳି କୁରାଟିବା ସହର ବସ ପରିବହନ ପାଇଁ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିପାରିଛି। ଜାପାନର ୟୋକହମା ସହର ଲୋକସଂଖ୍ୟା ବଢ଼ିବା ପରେ ବି ବର୍ଜ୍ୟ ନିଷ୍କାସନକୁ ୪୦% ପର୍ଯ୍ୟନ୍ତ ହ୍ରାସ କରିପାରିଛନ୍ତି କେବଳ ଲୋକଙ୍କ ମଧ୍ୟରେ ପରିବେଶ ସମ୍ବନ୍ଧୀୟ ସଚେତନତା ଓ ସହଯୋଗିତା ଯୋଗୁଁ।

ଆମ ରାଜଧାନୀ ଭୁବନେଶ୍ୱର ପାଇଁ ମଧ୍ୟ ଏଭଳି ଅପାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଜିକୁ ସାତ ଦଶନ୍ଧି ପୂର୍ବେ ଦୂରତ୍ୱ ଅନୁସାରେ 'ପନ୍ଦର ମିନିଟ ସହର' ଭାବେ ଗଢ଼ା ଯାଇଥିଲା। କିନ୍ତୁ ସମୟ ସହିତ ତାଳ ନ ଦେଇପାରିବା ଯୋଗୁଁ ଲକ୍ଷ୍ୟରୁ ଦୂରେଇ ଯାଇଛି। 'ପନ୍ଦର ମିନିଟର ସହର' ପରିକଳ୍ପନା ବର୍ତ୍ତମାନ ସମୟରେ ଆବଶ୍ୟକତା। କାରଣ ଭବିଷ୍ୟତରେ ଜନସଂଖ୍ୟା ବୃଦ୍ଧି ସହିତ ଯେତେ ବଡ଼ ସହର ହେବ ସେତେ ଅଧିକ ସମସ୍ୟା ସୃଷ୍ଟି ହେବ। ଭୂମି, ଜଳ, ଗ୍ୟାସ ଏତେ ସହଜରେ ମିଳିନପାରେ; ତେଣୁ ଆମକୁ ଅଳ୍ପ ସମୟ ଏବଂ ଦୂରତ୍ୱ ମଧ୍ୟରେ କିପରି ଅଧିକ ଲୋକ ବସବାସ କରିପାରିବେ ଏବଂ ସୁରକ୍ଷିତରେ ରହିପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ଭୁବନେଶ୍ୱର ଏକ ଯୋଜନାବଦ୍ଧ, ପରିବେଶ ସନ୍ତୁଳିତ ଏବଂ ସମସ୍ତଙ୍କ ପାଇଁ ଉଦିଷ୍ଟ ସହର ଭଳି ଗଢ଼ି ଉଠୁ, ଯାହାକି ଅନ୍ୟ ସହର ପାଇଁ ଉଦାହରଣ ହେବ। କାରଣ ଦେଶ ଓ ରାଜ୍ୟର ଭବିଷ୍ୟତ ଦକ୍ଷତା ସମ୍ପନ୍ନ ସହରୀକରଣ ଉପରେ ନିର୍ଭରଶୀଳ। ଉପରେ।"

(ସହର ଯୋଜନା ବିଶେଷଜ୍ଞ)
ଭୁବନେଶ୍ୱର, ମୋ: ୯୪୩୭୧୭୬୭୧୭

## ଚିକିତ୍ସା ବିଜ୍ଞାନ ନୋବେଲ-୨୦୨୫

# ପ୍ରତିରକ୍ଷା ତନ୍ତ୍ରୀ-ସଜାଗପ୍ରହରୀର ଆବିଷ୍କାର

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ମେରୀ ଇ ବ୍ରଙ୍କୋ, ଫ୍ରେଡ ରାମସଡେଲ ଓ ଡାକ୍ତର ସାଇମୋନ୍ ସାକାଗୁଚି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାର ଗୌରବ ପ୍ରାପ୍ତ ହୋଇଛନ୍ତି। ପ୍ରଥମ ବିଜ୍ଞାନୀଦ୍ୱୟ ଆମେରିକୀୟ, ଡାକ୍ତର ସାକାଗୁଚି ଜାପାନର ଅଧିବାସୀ। ମେରୀ ବ୍ରଙ୍କୋ ଜଣେ ମହିଳା। ସେମାନଙ୍କ ବୟସ ଯଥାକ୍ରମେ ୬୪, ୬୪ ଓ ୭୪। ମେରୀ ବ୍ରଙ୍କୋ ଜିନୋମିକ୍ସ ଓ ଅଟୋଇମ୍ୟୁନ୍ ରୋଗ ଉପରେ ଗବେଷଣା କରୁଛନ୍ତି ସିୟାଟେଲ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର ସିଷ୍ଟମସ ବାୟୋଲୋଜି ପ୍ରତିଷ୍ଠାନରେ। ଫ୍ରେଡ ରାମସଡେଲ ସାନଫ୍ରାନସିସ୍‌କୋର ସୋନୋମା ବାୟୋ ନାମକ ଏକ ଜୈବ ପ୍ରଯୁକ୍ତି ସଂସ୍ଥାରେ ଗବେଷଣାରତ। ସାଇମୋନ୍ ସାକାଗୁଚି ଜାପାନର ଓସାକା ବିଶ୍ୱବିଦ୍ୟାଳୟରେ ଇମ୍ୟୁନୋଲୋଜି ବିଭାଗର ପ୍ରଫେସର।

ଗୋଟିଏ ଗୋଷ୍ଠୀର ରୋଗ ଅଛନ୍ତି, ଯେଉଁଗୁଡ଼ିକୁ କୁହାଯାଏ ଅଟୋଇମ୍ୟୁନ। 'ଅଟୋ' ଏକ ଗ୍ରୀକ୍ ଶବ୍ଦ। ଏହାର ଅର୍ଥ ସ୍ୱ ବା ନିଜର। 'ଇମ୍ୟୁନ'ର ଅର୍ଥ ରୋଗ କବଳରୁ ପ୍ରତିରୋଧକ୍ଷମ। ଆମ ଶରୀରରେ ରହିଛି ବିଭିନ୍ନ ତନ୍ତ୍ର। ପ୍ରତ୍ୟେକ ତନ୍ତ୍ରର କାର୍ଯ୍ୟ ନିର୍ଦ୍ଦିଷ୍ଟ। ସେହି ତନ୍ତ୍ରଗୁଡ଼ିକ ମଧ୍ୟରୁ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ହେଉଛି ଅନ୍ୟତମ। ଜୀବାଣୁ, ଭୂତାଣୁ ଓ ଅନ୍ୟାନ୍ୟ ଅଣୁଜୀବଗୁଡ଼ିକର ଆକ୍ରମଣରୁ ଶରୀରକୁ ସୁରକ୍ଷିତ ରଖିବା ହେଉଛି ପ୍ରତିରକ୍ଷା ତନ୍ତ୍ରର କାମ। କିନ୍ତୁ ପ୍ରତିରକ୍ଷା ତନ୍ତ୍ରଗୁଡ଼ିକ ବେଳେ ବେଳେ ହୋଇପଡ଼େ ରୋଗ ସୃଷ୍ଟିର କାରଣ। ନିଜସ୍ୱ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ଦ୍ୱାରା ସୃଷ୍ଟି ହେଉଥିବାରୁ ସେହି ରୋଗଗୁଡ଼ିକୁ ଡାକ୍ତରୀ ଭାଷାରେ 'ଅଟୋଇମ୍ୟୁନ୍' ରୋଗ ବୋଲି କହନ୍ତି। ଏବେ ଏହିଧରଣର ରୋଗସଂଖ୍ୟା ବଢ଼ି ଚାଲିଛି। ଏ ସଂପର୍କିତ ଗବେଷଣାକୁ ସ୍ୱୀକୃତି ଜଣେଇ ନୋବେଲ ପୁରସ୍କାର କମିଟି ପ୍ରଦାନ କରିଛି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର। ପୁରସ୍କାରଟି ପ୍ରଦତ୍ତ ହୋଇଛି 'ପେରିଫେରାଲ ଇମ୍ୟୁନ ଟଲେରାନ୍ସ' ବା 'ପ୍ରାନ୍ତୀୟ ରୋଗ ପ୍ରତିରକ୍ଷା ସହନଶୀଳତା' ବିଷୟକ ସେମାନଙ୍କର ଯୁଗାନ୍ତକାରୀ ଆବିଷ୍କାର ପାଇଁ। ପୁରସ୍କାର ବାବଦକୁ ପ୍ରତ୍ୟେକ ନୋବେଲ ବିଜେତାଙ୍କୁ ଦିଆଯିବ ୪ ଲକ୍ଷ ଡଲାର (ଭାରତୀୟ ମୁଦ୍ରାର ପାଖାପାଖି ୩୫୦ ଲକ୍ଷ ଟଙ୍କା), ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଓ ପୁରସ୍କାର ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମା। ଏହା ପ୍ରଦତ୍ତ ହେବ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ତିରୋଧାନ ଦିବସ ଡିସେମ୍ବର ୧୦ ତାରିଖରେ। ଏହି ଦିବସକୁ 'ନୋବେଲ ଦିବସ' ଭାବରେ ପାଳନ କରାଯାଏ।

ପ୍ରଶ୍ନ ଉଠେ, ଆମ ଶରୀରରେ ଯଦି ପ୍ରତିରକ୍ଷା ତନ୍ତ୍ର ଭଳି ଏକ ସ୍ୱତନ୍ତ୍ର ପ୍ରଣାଳୀ ଆମକୁ ସୁରକ୍ଷିତ ରଖିବା ପାଇଁ କାମ କରୁଛି ଏବଂ ତାହା ଶରୀରର ସୁସ୍ଥ କୋଷଗୁଡ଼ିକୁ ସୁରକ୍ଷିତ ରଖି ରୋଗ ସୃଷ୍ଟିକାରୀ ଜୀବାଣୁ ଭୂତାଣୁ ଇତ୍ୟାଦିକୁ ଆକ୍ରମଣ କରି ଧ୍ୱଂସ କରିଦେଉଛି; ତେବେ ଆମ ଭିତରୁ କେତେକ ପୁଣି ଅଟୋଇମ୍ୟୁନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇପଡୁଛନ୍ତି କିପରି? କାହିଁକି ଅବା ଆମେ ସମସ୍ତେ ଅଟୋଇମ୍ୟୁନ ରୋଗ ଭୋଗୁନେ? ସାଇମୋନ ସାକାଗୁଚି ଆବିଷ୍କାର କଲେ ଏକନୂତନ ପ୍ରକାରର ଇମ୍ୟୁନ୍ ସେଲ୍‌ଫ। ସେହି ସେଲ ବା କୋଷର ନାଁ 'ରେଗୁଲେଟରୀ ଟିସେଲ'। ସଂକ୍ଷେପରେ 'ଟି ରେଗ୍‌ସ ରେଗୁଲେଟରୀ ଟି ସେଲ' ହେଉଛି ନିଅନ୍ତ୍ରଣକାରୀ। ତାହା ସିକ୍ୟୁରିଟି ଗାର୍ଡ ବା ନିରାପତ୍ତା ରକ୍ଷୀ ଭାବରେ କାର୍ଯ୍ୟ କରି ଶରୀରର ସୁସ୍ଥକୋଷଗୁଡ଼ିକୁ ପ୍ରତିରକ୍ଷା ତନ୍ତ୍ରର ଆକ୍ରମଣରୁ ରକ୍ଷା କରେ। ଯେଉଁ ପ୍ରତିରକ୍ଷାତନ୍ତ୍ର ପୁଲିସ ଭଳି କାମ କରି ରୋଗ ସୃଷ୍ଟି କରୁଥିବା ଜୀବାଣୁ ଭୂତାଣୁମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ କାବୁ କରି ଦେଉଛି, ସେହି ପ୍ରତିରକ୍ଷା ତନ୍ତ୍ର ଯେପରି ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ ନ କରି ପାରିବ ସେଥିପ୍ରତି ପୁଲିସ ଭଳି ସେଥିପ୍ରତି କଡ଼ା ନିଘା ରଖିଛି ରେଗୁଲେଟରୀ ଟି ସେଲ ବା ନିରାପତ୍ତା ରକ୍ଷୀ। ଫଳରେ ପ୍ରତିରକ୍ଷା ତନ୍ତ୍ର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରୁନାହିଁ।

ପ୍ରଶ୍ନ ଉଠେ ରେଗୁଲେଟରୀ ଟି ସେଲ ରହିଥିବା ସତ୍ତ୍ୱେ ନିରାପତ୍ତା ରକ୍ଷୀ ଭାବରେ ତାହା ପ୍ରତିରକ୍ଷା ତନ୍ତ୍ର ଉପରେ ସତର୍କ ଦୃଷ୍ଟି ରଖିଥିବା ସତ୍ତ୍ୱେ, ପୁଣି ପ୍ରତିରକ୍ଷା ତନ୍ତ୍ର ତା'ର ଭାରସାମ୍ୟ ହରେଇ ସୁସ୍ଥକୋଷକୁ ଆକ୍ରମଣ କରି ପକାଉଛି କିପରି? କିପରି ପୁଣି ଜାତ ହୋଇପାରୁଛି ଅଟୋଇମ୍ୟୁନ ରୋଗ? ଏହି ଆବିଷ୍କାରର ରହିଛି ଏକ ଦ୍ୱିତୀୟ ଅଂଶ। ଦ୍ୱିତୀୟ ଅଂଶଟିର ଆବିଷ୍କାରକ ହେଉଛନ୍ତି ମେରୀ ବ୍ରଙ୍କୋ ଓ ଫ୍ରେଡ ରାମସଡେଲ। ସେମାନେ ଏପରି ଏକ ପ୍ରଜାତିର ମୂଷାଙ୍କ ସନ୍ଧାନ ପାଇଲେ, ଯେଉଁ ମୂଷାମାନେ ଅଟୋଇମ୍ୟୁନ ରୋଗ ପ୍ରତି ଅତିମାତ୍ରାରେ ସଂବେଦନଶୀଳ। ରୋଗଭୋଗୀ ଅଳ୍ପ କେଇଟି ସପ୍ତାହ ଭିତରେ ସେମାନେ ମୃତ୍ୟୁବରଣ କରିବା ପାଇଁ ବାଧ୍ୟ ହୋଇଥା'ନ୍ତି। ସେହି ପ୍ରଜାତିର ମୂଷାଙ୍କୁ କୁହାଯାଉଛି ସ୍କର୍ଫି। କେବଳ ଅଣ୍ଡିରା ମୂଷା ଏଥିରେ ଆକ୍ରାନ୍ତ ହେଉଥିବାରୁ ମେରୀ ଓ ଫ୍ରେଡ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଅଣ୍ଡିରା ସ୍କର୍ଫି ମୂଷାଙ୍କ ଏକ୍ସ କ୍ରୋମୋଜୋମରେ କିଛି ତ୍ରୁଟି ରହିଛି। ଆହୁରି ଅଧିକ ଅନୁଧ୍ୟାନ କରି ସେମାନେ ଦେଖିଲେ ଯେ ଏକ୍ସ କ୍ରୋମୋଜୋମ୍‌ରେ ଫକ୍ସପି ୩ ନାମକ ଏକ ଜିନ୍‌ରେ ରହିଛି ଏକ ପରିବର୍ତ୍ତନ (ଜିନରେ ଏଭଳି ପରିବର୍ତ୍ତନକୁ ବିଜ୍ଞାନ ଭାଷାରେ କୁହାଯାଏ ମ୍ୟୁଟେସନ)। ଫକ୍ସପି ୩ ଜିନରେ ମ୍ୟୁଟେସନ ଯୋଗୁଁ ହିଁ ମୂଷା ଅଟୋଇମ୍ୟୁନ ରୋଗରେ ଆକ୍ରାନ୍ତ ହୋଇପଡୁଛନ୍ତି। ସେମାନେ ଏହା ବି ଦେଖିଲେ ଯେ ମଣିଷ ଶିଶୁମାନଙ୍କ ଭିତରୁ କେତେକ ଭୋଗିଥା'ନ୍ତି ଆଇପେକ୍ସ ନାମକ ଗୁରୁତର ଅଟୋଇମ୍ୟୁନ ରୋଗ। ସେହି ରୋଗୀଙ୍କଠାରେ ବି ଫକ୍ସପି ୩ଜିନରେ ପରିଲକ୍ଷିତ ହୋଇଛି ମ୍ୟୁଟେସନ। ସୁତରାଂ ମେରୀ ଓ ଫ୍ରେଡ ନିଶ୍ଚିତ ହୋଇଗଲେ ଯେ ଫକ୍ସପି ୩ ରେ ମ୍ୟୁଟେସନ କରେଇପାରେ ଅଟୋଇମ୍ୟୁନ୍ ରୋଗ।

ଏହି ତଥ୍ୟ ମିଳିଗଲା ପରେ ସାକାଗୁଚି ପୁଣି ଲାଗିପଡ଼ିଲେ ଗବେଷଣାରେ। ଦୁଇବର୍ଷ ଧରି ଗବେଷଣା ପରେ ସାକାଗୁଚି ଦର୍ଶେଇଦେଲେ ଯେ ଫକ୍ସପି ୩ ଜିନଟି ନିୟନ୍ତ୍ରଣ କରିଥାଏ ରେଗୁଲେଟରି ଟି ସେଲର ବିକାଶକୁ। ଫଳରେ ପ୍ରତିରକ୍ଷା ତନ୍ତ୍ର ଶରୀରର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରେନି। କିନ୍ତୁ ଫକ୍ସପି୩ ଜିନରେ ମ୍ୟୁଟେସନ ହୋଇ ତାହା ତ୍ରୁଟିଯୁକ୍ତ ହୋଇ ପଡ଼ିଲେ ରେଗୁଲେଟରୀ ଟି ସେଲ ବା ପ୍ରତିରକ୍ଷା ତନ୍ତ୍ରର ନିରାପତ୍ତାର ରକ୍ଷୀ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହେବାରୁ ଜାତ ହୋଇପଡ଼େ ଅଟୋଇମ୍ୟୁନ ରୋଗ।

ଆମର ଅତିପରିଚିତ ରିଉମାଟଏଡ ଆର୍ଥ୍ରାଇଟିସ ନାମକ ଗଣ୍ଠିରୋଗ ଓ ଟାଇପ-୧ ଡାଇବେଟିସ ହେଉଛି ଅଟୋଇମ୍ୟୁନ ରୋଗର ଉଦାହରଣ। ଅଙ୍ଗ ପ୍ରତିରୋପଣ ଓ କେତେକ କ୍ୟାନସରରେ ମଧ୍ୟ ଏହି ଆବିଷ୍କାରର ଗୁରୁତ୍ୱ ରହିଛି। ମାତ୍ର ରେଗୁଲେଟରୀ ଟି ସେଲ ଭିତ୍ତିକ ଚିକିତ୍ସା ପଦ୍ଧତି ସଂପ୍ରତି ରହିଛି ପରୀକ୍ଷା ସ୍ତରରେ। ହେଲେ ଏହି ଚିକିତ୍ସା ପଦ୍ଧତିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ।

କଟକ, ମୋ: ୯୪୩୭୭୬୭୧୧୭

# ତିବ୍ବତରେ ବୌଦ୍ଧ ବିହାର

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ପ୍ରାୟତଃ ସମସ୍ତ ବୌଦ୍ଧବିହାର ଶିକ୍ଷାକେନ୍ଦ୍ର ଭାବେ କାର୍ଯ୍ୟ କରିଥା'ନ୍ତି। ଏଗୁଡ଼ିକରେ ତିବ୍ବତୀୟ ଭାଷାରେ ଅନୁଦିତ କଞ୍ଜୁର ଓ ତଞ୍ଜୁର ଦୁଇଟି ବର୍ଗର ଧର୍ମୀୟ ପୁସ୍ତକ ତଥା ବିଭିନ୍ନ ଶାସ୍ତ୍ରସବୁର ବିଶାଳ ଭଣ୍ଡାର ସଂଗୃହୀତ। ତିବ୍ବତରେ ବୌଦ୍ଧବିହାର ତଥା ମନ୍ଦିରମାନ ପ୍ରତିଷ୍ଠା କାର୍ଯ୍ୟ ତଥା ଏଥିପାଇଁ ରାଜକୀୟ ଅଥବା ଶାସକୀୟ ସହାୟତା, ମୁଖିଆ ତଥା ଅଭିଜାତ ବର୍ଗର ସହୟତା ପ୍ରାପ୍ତି ସପ୍ତମ /ଅଷ୍ଟମ ଶତାବ୍ଦୀରୁ ଆରମ୍ଭ ହୋଇ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲି ରହିଲା। ଭାରତ ଭଳି ତିବ୍ବତୀୟ ବୌଦ୍ଧ ଧର୍ମରେ ମଧ୍ୟ ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏହିମାନେ ଧର୍ମର ପ୍ରଚାର ପ୍ରସାର ଅଧିକ ମାତ୍ରାରେ କରିଛନ୍ତି। ଏହି ସଂପ୍ରଦାୟଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲେ ନିଙ୍ଗ୍‌ମାପା, ଶାସ୍‌କ୍ୟାପା ଓ କାବ୍‌ରଗ୍ୟୁଡପା। ମିଳିତ ଭାବେ ଏମାନେ 'ନାଲିଟୋପି' ସଂପ୍ରଦାୟ ଭାବେ ପରିଚିତ ଏବଂ ଏମାନଙ୍କର ସବୁଠାରୁ ଅଧିକ ସଂଖ୍ୟକ ବିହାର ରହିଛି।



ତିବ୍ବତ ହେଉଛି ବୌଦ୍ଧ ବିହାରର ଦେଶ। ସେଥିମଧ୍ୟରୁ କେତେକ ଉଲ୍ଲେଖଯୋଗ୍ୟ ବିହାର ହେଲା (୧) ସମୟେ- ଏହା ହେଉଛି ରାଜା ଖ୍ରୀ-ସ୍ରନ୍‌ଙ୍କ ଦ୍ୱାରା ପଦ୍ମସମ୍ଭବ ଓ ଶାନ୍ତରକ୍ଷିତଙ୍କ ସହାୟତାରେ ଲାସା ନିକଟରେ ନିର୍ମିତ ପ୍ରଥମ ବୌଦ୍ଧ ମହାବିହାର। ଏହି ମହାବିହାରଟି ମଗଧର ଓଦନ୍ତପୁରୀ ମହାବିହାର ଅବିକଳ ଢାଞ୍ଚାରେ ଖ୍ରୀ ୭୪୯ ରେ ନିର୍ମିତ ହୋଇଥିଲା। ଏହାଥିଲା ତିବ୍ବତର ମୁଖ୍ୟ ତଥା ପ୍ରଧାନ ବୌଦ୍ଧ ଶିକ୍ଷାକେନ୍ଦ୍ର। ଆଚାର୍ଯ୍ୟ ଶାନ୍ତରକ୍ଷିତ ଏଡି ବିହାରର ପ୍ରଥମ ମୁଖ୍ୟ ଆଚାର୍ଯ୍ୟ ଭାବେ ନିଯୁକ୍ତ ହୋଇ ଜୀବନର ଶେଷକାଳ ପର୍ଯ୍ୟନ୍ତ ସେହି ଦାୟିତ୍ୱ ତୁଲାଇଥିଲେ। ଏହି ବିହାରର ଅଧିକାଂଶ ଭିକ୍ଷୁ ନିଙ୍ଗ୍‌ମାପା ସଂପ୍ରଦୟର ହୋଇଥିଲେ ମଧ୍ୟ ଏହାର ମୁଖ୍ୟ ଶସ୍‌କ୍ୟାପା ଗୋଷ୍ଠୀର। (୨) ଗାଲ୍‌ଡାନ୍- ଏହାର ସଂସ୍କୃତ ଅର୍ଥ ହେଲା ତୁଷିତ (ଦେବତାମାନଙ୍କର ବାସସ୍ଥାନ, ଗୋଟିଏ ସ୍ୱର୍ଗ)। ଏହି ବିହାରଟି ଗେଲୁଗ୍‌ସ୍ୱା ସଂପ୍ରଦାୟର (ହଳଦିଆ ଟୋପି) ବିରାଟ ତଥା ପ୍ରସିଦ୍ଧ ମହାବିହାର। ଲାସାର ପୂର୍ବକୁ ତିରିଶ ମାଇଲ ଦୂରରେ ଏହା ଅବସ୍ଥିତ। ତିବ୍ବତର ମହାନ ବୌଦ୍ଧ ସଂସ୍କାରକ ସଙ୍ଗ୍-ଖା-ପା ଏହି ବିହାରକୁ ଖ୍ରୀ୧୪୦୯ ରେ ନିର୍ମାଣ କରାଇଥିଲେ। ଏହି ବିହାରଟି ଭାବିବୁଦ୍ଧ ମୈତ୍ରେୟଙ୍କର ଚିତ୍ତାକର୍ଷକ ପ୍ରତିମୂର୍ତ୍ତି ପାଇଁ ପ୍ରସିଦ୍ଧ। କିମ୍ବଦନ୍ତୀ କୁହେ ଏହା ମଗଧରୁ ଏଠାକୁ ଉଡ଼ି କରି ଆସିଛନ୍ତି। (୩) ଦେ-ପୁଙ୍ଗସ୍- ଏହା ହେଉଛି ତିବ୍ବତର ସବୁଠାରୁ ଅଧିକ କ୍ଷମତାଶାଳୀ ତଥା ଜାନାକୀର୍ଣ୍ଣ ମହାବିହାର। ଏହା ଖ୍ରୀ ୧୪୧୫ରେ ନିର୍ମିତ। ଏହି ବିହାରଟିର ବହୁ ଉଚ୍ଚ ଉଚ୍ଚ କୋଠାମାନଙ୍କର ସମାହାର ଏହାକୁ ଏକ ସହର ଭଳି ଦର୍ଶାଇଥାଏ। ଏହି ବିହାରଟି ଲାସାର ପଶ୍ଚିମକୁ ମାତ୍ର ତିନି ମାଇଲ ଦୂରରେ ଅବସ୍ଥିତ। ଏଠାରେ ପ୍ରାୟ ସାତ ହଜାର ଭିକ୍ଷୁ ବସବାସ କରିଥା'ନ୍ତି। ଏଠାରେର ଶିକ୍ଷା ନିମିତ୍ତ ଆଠ ଗୋଟି ମହାବିଦ୍ୟାଳୟ ରହିଥିଲା। ଏବେ ମାତ୍ର ଚାରିଗୋଟି କାର୍ଯ୍ୟକ୍ଷମ। (୪)ସେରା - ସଙ୍ଗ୍-ଖା-ପାଙ୍କର ମହାପ୍ରୟାଣ ବର୍ଷ ଖ୍ରୀ ୧୪୧୮ ରେ ଏହି ବିହାରଟି ଲାସାର ଅତି ନିକଟରେ ଥିବା ତାଟି ପୁ ପାହାଡ଼ରେ ଗଡ଼ାଣିଆ ସ୍ଥଳରେ ନିର୍ମିତ। ଏହା ମଧ୍ୟରେ ବହୁତଳ ବିଶିଷ୍ଟ ତିନିଗୋଟି ବିଶାଳ ବୌଦ୍ଧ ମନ୍ଦିର ରହିଛନ୍ତି। ଏହା ଚାରିଗୋଟି ମହାବିଦ୍ୟାଳୟ ସହ ଗୋଟିଏ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ। କୁହାଯାଏ ସମ୍ରାଟ ଅଶୋକଙ୍କ ଦ୍ୱାରା ନିର୍ମିତ ୮୪, ୦୦୦ ଚୈତ୍ୟମଧ୍ୟରୁ ଏଇଟି ଗୋଟିଏ ଏବଂ ଏହାକୁ ମଗଧରୁ ଅଣାଯାଇ ଥିଲା। (୫) ତାସୀ-ଲୁନ୍-ପୋ - ଏହି ବିଶାଳ ମହାବିହାରଟି ଲାସାର ଦକ୍ଷିଣ-ପଶ୍ଚିମକୁ ଶିଗାତ୍‌ସେ ଠାରେ ଅବସ୍ଥିତ। (କ୍ରମଶଃ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

# ହାତୀ-ମଣିଷ ଲଢ଼େଇକୁ ନେଇ ରାଜ୍ୟପାଳଙ୍କ ଚିନ୍ତାପ୍ରକଟ



**ଭୁବନେଶ୍ୱର, ୧୦।୧୦ (ସମିସ):** ରାଜ୍ୟରେ ମଣିଷ-ହାତୀ ସଂଘର୍ଷ ଚନ୍ତାଜନକ। ଭିତ୍ତିଭୂମି, ବିକାଶମୂଳକ ପ୍ରକଳ୍ପ ଏବଂ ଭୂମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ହାତୀ କରିଡର୍ ସଙ୍କୁଚିତ ହେଉଛି। ଏଥିପାଇଁ ମଣିଷ ଓ ହାତୀଙ୍କ ମଧ୍ୟରେ ବିବାଦ ବୃଦ୍ଧି ହେଉଛି। ଏହା ଦୁଃଖଦ ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ରାଜ୍ୟର ହାତୀ କରିଡର୍‌ଗୁଡ଼ିକର ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱ ଦେଇଛନ୍ତି।

ଗୁରୁବାର ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟର୍‌ଠାରେ ଆୟୋଜିତ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱର ଏକାନ୍ତ ଆବଶ୍ୟକ। ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମନ୍ୱୟର ଅବିଚ୍ଛେଦ୍ୟ ଅଂଶ। ତେଣୁ ହାତୀ-ମଣିଷ ଲଢ଼େଇ ପ୍ରତିହତ କରିବା ପାଇଁ ଡ୍ରୋନ୍ ନିରୀକ୍ଷଣ ଏବଂ ଜିପିଏସ୍ ଟ୍ରାକିଂ ଭଳି ଆଧୁନିକ ଉପକରଣ ବ୍ୟବହାର ସହ ଏଥିରେ ଯୁବପିଢ଼ି ଏବଂ ଗୋଷ୍ଠୀକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି।

# ରେଳଧାରଣାରେ ଶୋଇପଡ଼ିଲେ ମହିଳା

**ବୈଶିଙ୍ଗା, ୧୦।୧୦ (ସମିସ):** ବେତନଟୀ ବ୍ଲକ ଆମ୍ବଗଡ଼ିଆ ଉପକଣ୍ଠ ନୂଆସାହିଠାରେ ଜଣେ ମହିଳା ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ନୂଆସାହି ଗ୍ରାମର ପରମାନନ୍ଦ ସିଂଙ୍କ ସ୍ତ୍ରୀ ସିତୁ ଓରଫ କଟି ସିଂ (୪୬)। ସୂଚନାନୁଯାୟୀ, ବାଙ୍ଗିରିପୋଷିରୁ ବାଲେଶ୍ୱର ଅଭିମୁଖେ ମେମୁ ଟ୍ରେନ୍ ଯାଉଥିବା ବେଳେ ଅନତି ଦୂରରେ ଅଟକିବାର ଥିଲା। ତେବେ ଠାକୁରତୋଟା ଷ୍ଟେସନର ପହଞ୍ଚିବା ଅବ୍ୟବହିତ ପୂର୍ବରୁ ସିତୁ ଦୌଡ଼ି ଆସି ରେଳଧାରଣା ଉପରେ ମୁଣ୍ଡ ରଖି ଶୋଇ ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡଗଣ୍ଠି ଅଲଗା ହୋଇଯାଇଥିଲା। ଲୋକୋପାଇଲଟଙ୍କଠାରୁ ସୂଚନା ପାଇ ରୁପ୍ସା ଜଙ୍କସନରୁ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ବେଳକୁ ମହିଳାଙ୍କ ପରିବାର ମୃତଦେହକୁ ନେଇ ପଳାଇଥିଲେ। ତେବେ ପାରିବାରିକ କଳହରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି।


## AFFIDAVIT

By virtue of an affidavit (No. 5392, dtd- 09/10/2025) before the Executive Magistrate, Angul. I, **Bijaya Kumar Panda**, resident of At-Kaliadama, Po- Balipasi, Ps-Rengali Dam Site, Dist-Angul, PIN- 759105, Odisha declare that, I want to correction my wife name from **Subasini Satpathy to Subhasini Satpathy** & my name from **Bijaya Ku. Panda to Bijaya Kumar Panda** in my son's (**Anwesh Panda**) school admission register / records.

## AFFIDAVIT

By virtue of an affidavit before the Notary Public, Nuapada, I, Narayan Majhi, resident of At-Darlipali ORF Chuhuri, Po-Kodomeri, Ps- Jonk, Dist-Nuapada, Odisha, PIN-766104 have changed my minor son name from Rehaan Sahu to Aryan Majhi. Henceforth, he shall be known and called as Aryan Majhi for all purposes.

Sd/-Narayan Majhi

## AFFIDAVIT

By virtue of an affidavit before the Executive Magistrate, Tigiria vide No-03/08.10.2025 I Pravati Das W/o Lokanath Das of Vill-Badabhuindal, Po-Badabhuin, Ps-Athagarh, Dist-Cuttack that I have changed my name from Pravati Manjari Das to Pravati Das. Henceforth I shall be known as Pravati Das for all purpose.

## AFFIDAVIT

By virtue of an affidavit before the Notary Public, Paralakhemundi, I, Smt. Satyabati Pradhan, resident of Subhadra Vihar, 4th Lane, PO/PS Paralakhemundi, Dist. Gajapati, Odisha, PIN-761211 have changed my minor son's name from Bibek Pradhan to Suman Pradhan. Henceforth, he shall be known as **Suman Pradhan** for all purposes.

**Sd/- Satyabati Pradhan**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, dated 10.10. 2025 I, Iswar Tentulikhuntia, S/o - Samaru Tentulikhuntia, Village-Gundriguda, Po.- Binjili, Ps.-Kosagumuda, Dist.- Nabarangpur, Odisha, Pin - 764058, declare that, I have changed the name of my Son from **LAKHAN KANTA TENTULIKHUNTIA** to **LAXMIKANTA TENTULIKHUNTIA**. Henceforth, he shall be known as **LAXMIKANTA TENTULIKHUNTIA** for all purposes.

Sd/- Iswar Tentulikhuntia

## PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

## AFFIDAVIT

By virtue of an affidavit before the Executive Magistrate, Gajapati, I, Satyanarayan Karjee, resident of Village Kesara, P.O. Govindapur, P.S. Mohana, Dist.: Gajapati, Odisha (Pin: 761015), have changed my name & DOB from Satya Karjyee (D.O.B: 01.01.1985) to Satyanarayan Karjee (D.O.B: 07.08.1985) for all purposes.

Sd/-Satyanarayan Karjee

## AFFIDAVIT

**I, Samarjit Mohapatra, S/o- Amulya Kumar Mohapatra, Resident of Plot No.: 45, Near Kali Mandir, Satya Nagar, Bhubaneswar, Khordha, Odisha, PIN-751007 declared by this Affidavit No.: 1149/2025, Dated: 09.10.2025 that now onwards I shall Be Known As SAMARRJIT MOHAPPATRA for all future Purposes.**

## AFFIDAVIT

By virtue of an affidavit sworn before Executive Magistrate, Nabarangpur, No.911 dated 10/10/2025 I, Nalini Gonda, D/o- Sisusanta Gonda resident of Village- Dangriguda, Po.-Bikrampur, Ps.- Nabarangpur, Odisha, Pin- 764059 state that, I have changed my name from **Nalini Nagesh** to **Nalini Gonda**. Henceforth I shall be known as **Nalini Gonda** for all future purposes.

**Nalini Gonda**

## AFFIDAVIT

**I, Simanchala Malu, S/o- Dhundar Malu, Resident of Plot No.: 2077/5113, Mahadev Nagar, Near Gangua Canal, Jharpada, Bhubaneswar, Bhubaneswar (M.C), PO: Budheswari Colony, Dist.: Khordha Odisha, PIN-751006 declared by this Affidavit No.1157/2025, Dated: 10.10.2025. That now onwards I shall be known as SIMANCHAL MALU for all future Purposes.**

## AFFIDAVIT

By virtue of an affidavit (No. 6165, dtd- 25/06/2025) sworn before The Executive Magistrate, Jajpur. I, **Sudharani Pati,** W/o Asish Kumar Pati, resident of Vill: Seepura, PO: Pubasahi, PS: Dasarathur, Dist: Jajpur, PIN: 755006, Odisha declare that I have changed my minor daughter's name from **Somali Pati** (old name) to **Sonali Pati** (new name). Henceforth, she shall be known as **Sonali Pati** (new name) for all purposes.

**Sudharani Pati**

## AFFIDAVIT

I, Shaikh Safiyan Ali, aged about 58 years, S/o- Shaikh Usman Ali, resident of AT/PO: Jhalpada, PS: Brahmabarada, Dist: Jajpur, PIN: 755005, Odisha declared by this affidavit No. 2031, dtd- 09/10/2025 that now onwards I shall be known as **SHAIKH SUFIYAN ALI** for all future purposes.

## VEHICLE FOR SALE

MAHINDRA BOLERO B6, Model - 2022, Registration No-OD-02-CC-9936, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409, within 7 days.

## AFFIDAVIT

By an affidavit No.- 3459, sworn before the Executive Magistrate, Dharmasala on dtd- 2/9/25, I Kodanda Pal, S/o- Nrushingh Pal of Kanipatla, Jaraka, Dharmasala, Jajpur declare that in Aadhaar- 258083961419 my DOB is mentioned as 01.01.1952 instead of 24.10.1944 which is genuine and in pension PPO No.-12020076504 it is mentioned as Kodanda, S/o- Narasingha. Both Kodanda Pal, S/o- Nrusingha Pal and Kodanda, S/o- Narasingha is same and one person.

## AFFIDAVIT

By virtue of an affidavit sworn before the Executive Magistrate, At-Narasinghpur, dated-26.09.2025 I Aparajita Pati, w/o-santosh Had village/Po-Phulapada,Ps-Narasinghpur, Dist- Cuttack declare that I have changed my old name Aparajita Had to New name Aparajita pati. Henceforth,she shall be known as Aparajita pati for all purposes.

## AFFIDAVIT

By virtue of an affidavit (No. 9620, dtd- 03/10/2025) sworn before The Executive Magistrate, Jajpur. I, **Sanatan Ketaki** (new name), S/o Anu Ketaki, permanent resident of Vill: Talagadia, PO: Malapara, PS: Jajpur Sadar, Dist: Jajpur, PIN: 755043, Odisha declare that I have changed my name from **Sonatan Ketki** (old name) to **Sanatan Ketaki** (new name). Henceforth, I shall be known as **Sanatan Ketaki** (new name) for all purposes.

**Sanatan Ketaki**

## VEHICLE FOR SALE

MAHINDRA BOLERO NEO N8, Model - 2022, Registration No-OD-33-AG-9337, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days.


## କେନ୍ଦ୍ରାପଡା ପୌରପରିଷଦ , କେନ୍ଦ୍ରାପଡା

"ଗଜଲକ୍ଷ୍ମୀ ପୂଜା - ୨୦୨୫" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚାଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।

୨. ରାସ୍ତା ଅବରୋଧ କରି ଇଟା, ଗୋଡି , ମାଟି କିମ୍ବା ବାଲି ରଖନ୍ତୁ ନାହିଁ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା , ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି , ସୁପର ଭାଇଜର , ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ।

୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ ।ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି , ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

| | | |
|---|---|---|
| ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି | ଆକବରୀ ଖାତୁନ | ଶ୍ରୀମତୀ ସରିତା ସାହୁ |
| ନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷା |

## OFFICE OF THE SRI NILACHAKRA WEAVERS' CO-OPERATIVE SOCIETY LTD.,

REGD.NO.18 PLB(TEX), DATED: 08.03.1992

AT: THAPAPALI, PO: SAN GOCHHAPADA, PS: BAUNSUNI, BLOCK/DIST: BOUDH

### ADVERTISEMENT

No: 01 DATE: 09.10.2025

Applications are invited in the prescribed form from the desirous candidates for 01 (One) post of the Secretary of Sri Nilachakra Weavers' Co-operative Society Ltd., At: Thapapali, Post: San Gochhapada, Dist: Boudh, PIN: 762015. Application form can be obtained in person from the Office of the Sri Nilachakra W.C.S. Ltd., Thapapali on payment of Rs.100.00 (Rupees One Hundred only) from dated: 10.10.2025 to 25.10.2025 during 10.00 AM to 5.30 PM (Except holidays). The duly filled in application form along with required documents (Self attested) should be submitted in the office of the Sri Nilachakra W.C.S. Ltd. in person obtaining the acknowledgement receipt or by Registered Post from Dated: 10.10.2025 to 25.10.2025 (Except holidays) during 10.00 AM to 5.30 PM and no application will be received after 5.30 PM of dated: 25.10.2025.

**ELIGIBILITY, EDUCATIONAL QUALIFICATION AND SELECTION CRITERIA:**

1. The candidate must be permanent resident of the Area operation of the Sri Nilachakra W.C.S. Ltd.
2. The candidate must passed the Matriculation/HSC examination from the recognized institution/Board.
3. Preference shall be given to the candidate having knowledge in weaving of handloom products.
4. A candidate must not be less than 21 years or more than 38 years of age as on dated: 01.01.2025. The upper age limit shall be 43 years in respect of person belonging to SC/ST/OBC including SEBC.
5. There is no scale of pay/salary for the post. However, remuneration shall be considered by the Managing Committee taking into the working performance of the employees and profit of the Society.
6. The candidate if selected for the post will deposit the Security Money of Rs.25,000/- and Surety Bond of Rs.1,00,000/- at the time of joining in the post in the Society.
7. The employee must obey the Odisha Co-operative Societies Act, 1962 (Odisha Act-2 of 1963)/Rule, 1965 and Bye-Laws of the Society and his engagement depends on the satisfactory performance by the Managing Committee of the Society.
8. Appointment for the post of Secretary will be made by the Managing Committee basis on the mark secured in the written test/Viva-voce and additional mark if any by the candidate.
9. Submission of the incomplete application and late receipt of the application will be rejected outrightly.

**NB: The Managing Committee/Administrator of the Society reserves all right to cancel/alter/ modify/reject the advertisement at any time without assigning any reason thereof.**

**By order of the Administrator**
**Sd/-Secretary,**
**Sri Nilachakra W.C.S. Ltd., Thapapali**

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (यूनियन बैंक ऑफ इंडिया Union Bank of India)

भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା,
ଫୋନ୍: ୦୬୮୦-୨୨୨୫୨୭୨

### ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)

{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ୦୮.୦୪.୨୦୨୧ / ୧୮.୧୧.୨୦୨୧ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ୦୭.୧୧.୨୦୧୭ / ୨୫.୦୪.୨୦୧୮ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, ୩) **ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ୦୫.୦୫.୨୦୨୧ / ୦୨.୧୧.୨୦୨୧ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) **ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ୩୧.୦୮.୨୦୧୯ / ୧୬.୦୧.୨୦୨୦ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଶ୍ରୀ ପ୍ରଭାକର ସାହୁ,** ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ ଅଶୋକ କୁମାର ସାହୁ,** ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ୦୧.୦୯.୨୦୧୮ / ୦୨.୦୧.୨୦୧୯ / ୨୨.୦୯.୨୦୨୫ |
| **ୟୁଏମ୍‌ଏଫ୍‌ବି ଶାଖା, ଫୋନ୍: ୭୮୭୩୫୮୧୯୪୫ /** ୧) **ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଜେ ଆଶା,** ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡିଶା-୭୬୧୦୨୦, ୨) **ଜେ ଆଶା,** ପିତା: ଜେ ଦେବରାଜ ରାଓ, ସା: ପାଲିଆ ଲକ୍ଷ୍ମୀପୁର, କାଳିପଲି, ବଡପୁଟି, ଗଞ୍ଜାମ, ଓଡିଶା-୭୬୧୦୨୦, ୩) **ଜି ଡିଲେଶ୍ୱରି,** ସ୍ୱାମୀ: ଜି ମହାଦେବ, ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡିଶା-୭୬୧୦୨୦ | **ଜି ଡିଲେଶ୍ୱରି,** ସ୍ୱାମୀ: ଜି ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୩୪, ପ୍ଲଟ୍ ନଂ.: ୨୭୫, କ୍ଷେତ୍ର: ଏକର୦.୨୪୮ ଡିସିମିଲି (ଘରବାରୀ), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡିଶା, ପିନ୍-୭୬୧୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜି ଡିଲେଶ୍ୱରିଙ୍କ ପ୍ଲଟ୍ ନଂ.: ୨୭୬/୪୪୮୬ର ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୭୪, ପୂର୍ବ: ରାସ୍ତା, ପଶ୍ଚିମ: କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪ / ୨୨.୧୦.୨୦୨୪ / ୨୨.୦୯.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, ୨) **ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) **ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ୦୯.୦୪.୨୦୨୧ / ୧୪.୧୧.୨୦୨୧ / ୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) **କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) **ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ୦୧.୦୧.୨୦୨୦ / ୧୯.୧୧.୨୦୨୧ / ୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) **ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) **ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ୦୮.୦୫.୨୦୧୮ / ୨୦.୦୯.୨୦୧୮ / ୦୮.୧୦.୨୦୨୫ |
| **ବାଉଁଶିଆପଡା ଶାଖା, ଫୋନ୍: ୯୮୧୯୪୧୦୯୫୧ /** ୧) **ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) **ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) **ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା,** ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାତିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୨୨.୦୯.୨୦୨୫ |
| **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /** ୧) **ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଲତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, ୨) **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ | **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ୧୧.୧୦.୨୦୨୨ / ୧୫.୦୪.୨୦୨୩ / ୦୮.୧୦.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /** ୧) **ମୁକ୍ତା ଦାସ,** ସ୍ୱାମୀ: ବନ ଦାସ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୨) **ଚନ୍ଦ୍ରକଳା ରାଉତ,** ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୩) **କେଦାର ରାଉତ,** ମାତା: ଚନ୍ଦ୍ରକଳା ରାଉତ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | **ମୁକ୍ତା ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବ୍ରହ୍ମପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୦୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମ ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା | ୨୮.୦୭.୨୦୨୨ / ୧୧.୧୦.୨୦୨୨ / ୨୨.୦୯.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /** ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, ୨) **ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ | ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, ୨) **ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୩୦.୦୪.୨୦୨୧ / ୧୦.୧୨.୨୦୨୧ / ୨୨.୦୯.୨୦୨୫ |
| **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪/** ୧) **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, ୨) **ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୬.୦୪.୨୦୨୦ / ୧୭.୧୧.୨୦୨୨ / ୦୮.୧୦.୨୦୨୫ |
| **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /** ୧) **ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, ୨) **ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ୩) **ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍‌ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଦକ୍ଷିଣ: ଯୋଗୀ ମହାପାତ୍ର, ଉତ୍ତର: ରାସ୍ତା | ୩୦.୦୪.୨୦୨୧ / ୦୫.୦୧.୨୦୨୨ / ୨୨.୦୯.୨୦୨୫ |
| **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /** ୧(କ) **ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ଋଣଗ୍ରହୀତା),** ୧(ଖ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା),** ୨(କ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା)** | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୩୦.୦୪.୨୦୨୧ / ୧୪.୧୨.୨୦୨୧ / ୦୮.୧୦.୨୦୨୫ |
| **ଶେରଗଡ ଶାଖା, ଫୋନ୍: ୯୦୯୦୦୩୨୭୮୩ /** ୧) **ମେସର୍ସ ରାମଚଣ୍ଡୀ କିରାନା ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ,** ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬, ୨) **ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ (ଋଣଗ୍ରହୀତା ତଥା ଗ୍ୟାରେଣ୍ଟିଦାତା),** ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬, ୩) **ଶ୍ରୀମତୀ ଧୋବୁଣି ଗୌଡ (ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା),** ସ୍ୱାମୀ: କାଳିଆ ଗୌଡ, ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬ | **ଶ୍ରୀମତୀ ଧୋବୁଣି ଗୌଡ**ଙ୍କ ନାମରେ ଥିବା ଗୃହ ସମ୍ପତ୍ତି ଯାହାର ମୌଜା/ଗ୍ରାମ: ଶେରଗଡ, ପୋ/ଥାନା/ଏସ୍ଆରଓ: ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା, ଖାତା ନଂ.: ୮୩୩/୪୨୯, ପ୍ଲଟ୍ ନଂ.: ୩୪୬୨/୫୭୮୨, କ୍ଷେତ୍ର: ଏକର୦.୦୧୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜମି, ଉତ୍ତର: ପୁରୁଷୋତ୍ତମ ଦାଶଙ୍କ ବାରି, ଦକ୍ଷିଣ: କୈଳାସ ଚନ୍ଦ୍ର ତ୍ରିପାଠୀ | ୦୯.୦୧.୨୦୨୪ / ୦୩.୦୫.୨୦୨୪ / ୧୦.୧୦.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

**ସ୍ଥାନ: ବ୍ରହ୍ମପୁର**
**ତାରିଖ: ୧୦.୧୦.୨୦୨୫**

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

# ସୁସ୍ଥ ସମାଜ ଗଠନରେ ବୟସ୍କଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଦ୍ରକ, ୧୦।୧୦(ସମିସ)



ବୟୋଜ୍ୟୋଷ୍ଠ ନାଗରିକମାନେ କେବଳ ନିଜ ପରିବାରର ମୁଖ୍ୟ ନୁହନ୍ତି, ସେମାନେ ସମାଜର ମେରୁଦଣ୍ଡ ତଥା ଦେଶର ଦିଗଦର୍ଶକ। ଗୋଟିଏ ପରିବାର ଯେମିତି ଜଣେ ବରିଷ୍ଠ ମୁରବୀଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ସମାଜ ସେହିଭଳି ବରିଷ୍ଠ ନାଗରିକ ମାର୍ଗଦର୍ଶନରେ ପରିଚାଳିତ ହୁଏ। ଗୋଟିଏ ସମାଜ ଚଳାଇବା ପାଇଁ ଉଭୟ ଯୁବଶକ୍ତି ଓ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବ ଶକ୍ତି ଓ ସାମର୍ଥ୍ୟ ଓ ବୟସ୍କଙ୍କ ଅଭିଜ୍ଞତା ଉଭୟ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ବରିଷ୍ଠଙ୍କ ଅବସର କେବଳ ବିଶ୍ରାମ ପାଇଁ ନୁହେଁ, ଏକ ନୂଆ ଶ୍ରମ ପାଇଁ ପ୍ରେରଣା ଦେଇଥାଏ। ବରିଷ୍ଠମାନେ ସାମଜ ପାଇଁ ଅଲୋଡା ନୁହଁନ୍ତି। ସେମାନେ ବରଗଛ ପରି ସମାଜିକ ଜୀବନକୁ ଶୀତଳ ଛାୟା ପ୍ରଦାନ କରିଥାନ୍ତି। ବରିଷ୍ଠ ନାଗରିକ ବିନା ସମାଜ ଦିଗହରା। ଯୁବଶକ୍ତି ଉଦ୍ୟମତାକୁ ନିୟନ୍ତ୍ରଣ କରିବା ପାଇଁ ବରିଷ୍ଠଙ୍କ ଅଭିଜ୍ଞତା ଏକାନ୍ତ ଜରୁରୀ। ନଚେତ ସମାଜ ବ୍ୟବସ୍ଥା ଭୁଶୁଡିଯିବ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ସେମାନେ ବହୁ ଅଭିଜ୍ଞତା, ଅନୁଭବ ଜ୍ଞାନର ଭଣ୍ଡାର। ତେଣୁ ତାଙ୍କ ପ୍ରତି ଅବହେଳା, ଅନାଦାର କୁ ଉପେକ୍ଷା ସମୀଚୀନ ନୁହେଁ। ଏବେର ସମାଜରେ ନାନାଦି ନକାରାତ୍ମକ କାରଣରୁ ଅବକ୍ଷୟମୁଖୀ ସମାଜରେ ବରିଷ୍ଠ ନାଗରିକମାନେ ଅବହେଳିତ ହେଉଥିବା ଯୁଗ ଯନ୍ତ୍ରଣାରେ ପରିଣତ ହେବା ଆଦୌ ଶୁଭ ସଙ୍କେତ ନୁହେଁ। ସେମାନଙ୍କପ୍ରତି ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ବିଶେଷକରି ଆଜିର ଯୁବଗୋଷ୍ଠୀ ମଧ୍ୟରେ ସଚେତନତାର ଯଥେଷ୍ଟ ଆବଶ୍ୟକ ଅଛି ବୋଲି ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସହିଦ୍ ସ୍ମୃତି ଭବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରେଣ୍ୟ ଅତିଥି ବୃନ୍ଦ ଏହା ପ୍ରକାଶ କରିଛନ୍ତି। ବରିଷ୍ଠଙ୍କ ବିଭିନ୍ନ ସମସ୍ୟା, ଭବନ ନିର୍ମାଣ, ସରକାରୀ ସୁବିଧା ସୁଯୋଗ ଆଦି ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ସମ୍ମାନିଥ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍.ପି ସମ୍ବିତ କୁମାର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧୀର ରଞ୍ଜନ ନାୟକ, ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ବରିଷ୍ଠ ନାଗରିକ ସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଦଗେଇ ଦିବସ ପାଳନ ଭିତିକ ବାର୍ତା ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଦିବସ ପାଳନ କାର୍ଯ୍ୟକ୍ରମ ଆଭିମୁଖ୍ୟ ଓ ବରିଷ୍ଠମଙ୍କ ପାଇଁ ଅଭିପ୍ରେତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଉପାଦେୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରାକ୍ତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ଜିଲ୍ଲାରେ ଗଠିତ ୨୪ ଟି ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ୫୦ ଜଣ ବରିଷ୍ଠ ନାଗରିକଙ୍କୁ ସାଲ ଓ ମାନପତ୍ର ପ୍ରଦାନ କରାଯାଇ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବ୍ଲକ ଓ ଜିଲ୍ଲା ସ୍ତରରେ ଆୟୋଜିତ ହାଇସ୍କୁଲ ଓ କଲେଜ ସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ପ୍ରାକ୍ତନ କ୍ରୀଡା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟ ଧନ୍ୟବାଦ ଦେଇଥିଲେ। ରାଜନେତା କର୍ମୀ ସମାଜସେବୀ ବରିଷ୍ଠ ନାଗରିକ ସଂଘର ପରାମର୍ଶଦାତା ଅଜୟ ନାୟକ, ବରିଶ୍ଠ ସଦସ୍ୟ ରାଧାରାଣୀ ମହାପାତ୍ର, ଶଶିକାନ୍ତ ପାଢ଼ୀ, ବିଚିତ୍ରାନନ୍ଦ ମହାନ୍ତି, ବାଦଲ କିଶୋର ମହାପାତ୍ର, ପ୍ରଶାନ୍ତ ଦେ, ବିଜୟ ସେନାପତି ପ୍ରମୁଖ ଆନୁଷ୍ଠାନିକ ସହଯୋଗ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ମାଝୀ, ବି.ଏସ.ଏସ.ଓ. ଭଣ୍ଡାରିପୋଖରୀ ସନ୍ତନା ଦାସ, ବାସୁଦେବପୁର ଆଭା ରଞ୍ଜିତା ପୁହାଣ, ଧାମନଗର ଯଶୋଦାରାଣୀ ସାହୁ, ବନ୍ତ ର ପ୍ରକାଶ ଚନ୍ଦ୍ର ସାହୁ ଓ ବରିଷ୍ଠ ସହାୟକ ବିଦୁଶଙ୍କର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

**ସମ୍ବର୍ଦ୍ଧିତ ହେଲେ ୫୦ ବରିଷ୍ଠ ଓ ୩୧ କୃତୀ ପ୍ରତିଯୋଗୀ**

## ଶିଶୁ ମହୋତ୍ସବ ସୁରଭି ଓ ପ୍ରତିଯୋଗିତା



ବନ୍ତ/ଆଗରପଡ଼ା, ୧୦।୧୦(ସମିସ): ବନ୍ତ ବ୍ଲକ ଛୟାଳସିଂହ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟଶିଶୁମହୋତ୍ସବସୁରଭିଓପ୍ରତିଯୋଗିତା କାର୍ଯ୍ୟକ୍ରମ ଖଗେଶ୍ୱର ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନ ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଆରସିସି ହରେକୃଷ୍ଣ ଆପଟ୍ଟ, ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ସନ୍ତୋଷ କୁମାର ନାୟକ, ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ଓଝା, ସମାଜସେବୀ ଖଗେଶ୍ୱର ବେହେରା, ବିବି ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଆନନ୍ଦଚନ୍ଦ୍ର ରାଉତ, କିଶୋର ଚନ୍ଦ୍ର ନାୟକ, ସୂର୍ଯ୍ୟମଣି ପାତ୍ର, ସୁଦର୍ଶନ ଘଡ଼ାଇ, ବଳରାମ ଜେନା, ସ୍ନିଗ୍ଧା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଅନ୍ତର୍ନିହିତ ସମସ୍ତ ଗୁଣାବଳି ପରିପ୍ରକାଶ ହୋଇଥାଏ ବୋଲି କହିଥିଲେ। ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ନାୟକ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନିମା ଦାସ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୯ ଟି ବିଦ୍ୟାଳୟର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବକ୍ତୃତା, ନାଚ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ସମେତ ୧୧ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ପ୍ରତିଯୋଗିତାରେ ଜଣେ ଲେଖାଏ କୃତୀ ଛାତ୍ରଛାତ୍ରୀ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ପ୍ରକାଶ ଚନ୍ଦ୍ର ଜେନା, ଅନିରୁଦ୍ଧ ଜେନା, କଲ୍ଲୋଳପ୍ରଭା ବାରିକ୍, ଅନୁସୟା ବାରିକ୍, ଗୋପବନ୍ଧୁ ସାହୁ, ଏନ କେ ପ୍ରଜ୍ଞାସ୍ମିତା ବାରିକ୍, ଶିର୍ଷାନନ୍ଦ ରାଉତ୍ ପରିଚାଳନାରେ ସହଯୋଗ କରିଥିଲେ।

## ଓକିଲ ସଂଘ ପକ୍ଷରୁ ଆଇନ ସଂକ୍ରାନ୍ତ ଆଲୋଚନାଚକ୍ର



ଭଦ୍ରକ, ୧୦।୧୦(ସମିସ): ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ସ୍ମୃତିରେ ଭଦ୍ରକ ଓକିଲ ସଂଘ ଓ ଯତୀନ୍ଦ୍ର ମୋହନ ସ୍ମୃତି ସଂସଦ ସହଯୋଗରେ 'ଆଇନ ସମ୍ପର୍କିତ ଆଲୋଚନାଚକ୍ର' ଓ 'ଯୁବ ଆଇନଜୀବୀ ସମ୍ମାନ ପ୍ରଦାନ' ଓକିଲ ସଂଘ ସଭାପତି ଆଇନଜୀବୀ ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଦିବ୍ୟସିଂହ ନାୟକ, ବଟକୃଷ୍ଣ ଦାଶ, ସନ୍ତୋଷ ନାୟକ, ଅରୁଣ ଚାନ୍ଦ, ରାଧାରାଣୀ ମହାପାତ୍ର, ଶଶିଭୂଷଣ ପଣ୍ଡା(କ), ପବନ ଶର୍ମା ପ୍ରମୁଖ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ଓକିଲାତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଜନ ଜେନା, ସନାତନ ଦୀକ୍ଷିତ, ନିଶିକାନ୍ତ ନାୟକ, ଶଶିଭୂଷଣ ପଣ୍ଡା(ଖ) ଓ ମୋହରୀର ସଂଘର ସମ୍ପାଦକ ରାମଚନ୍ଦ୍ର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୁବ ଆଇନଜୀବୀ ଦେବାଶିଷ ନାୟକଙ୍କୁ 'ଯତୀନ୍ଦ୍ର ମୋହନ ଯୁବ ଆଇନଜୀବୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଓ ସଂଘର ଉପ-ସଭାପତି ଆଇନଜୀବୀ ଅଶୋକ ନାୟକ ଧନ୍ୟବାଦ ଦେଇଥିଲେ।

## ପୀତବାସ ପଣ୍ଡାଙ୍କ ହତ୍ୟାକାରୀକୁ ଗିରଫ ଦାବିରେ କଲମ ଛାଡ଼



ଧାମନଗର, ୧୦।୧୦(ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାରୀକୁ ଗରିଫ କରିବା ଦାବିରେ ଧାମନଗର ଓକିଲ ସଂଘର କଲମ ଛାଡ ଆନ୍ଦୋଳନ କରିଛି। ଏହି ଅବସରରେ ଧାମନଗର ଓକିଲ ସଂଘ ମଧ୍ୟ ଗତ ବୁଧବାର କଲମ ଛାଡ କରିବା ସହ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓକିଲ ସଙ୍ଘର ସଭାପତି ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ରଣଜିତ ମହାନ୍ତି, ଓକିଲ ଅମରେନ୍ଦ୍ର ମହାନ୍ତି, ଅମର ମହାନ୍ତି, ପ୍ରଜ୍ଞା ପରମିତା ଦାସ, ଅଭିରାମ ମହାନ୍ତି, ପର୍ଶୁରାମ ମହାପାତ୍ର, ଗୋପାଳ ବାରିକ, ଅଜିତ ଦାସ, ରାମଚନ୍ଦ୍ର ରାଉତ, ସ୍ନେହାଶିଷ ପଣ୍ଡା, ମିନତି ମଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ସହ ଏକ ଲିଖିତ ଦାବିପତ୍ର ମାନ୍ୟବର ବିଚାର ପତିଙ୍କୁ ପ୍ରଦାନ କରିଛନ୍ତି।

## ମନରେଗା ଜନଶୁଣାଣି ଶିବିର



ବାରିକପୁର, ୧୦।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ପଣ୍ଡା, ବିଡ଼ିଓ ଦେବଦତ୍ତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ଏପିଓ ସୁଧାଂଶୁ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟଜିତ ପୃଷ୍ଟି, ସୁଶାନ୍ତ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ନେଇ ପ୍ରାରମ୍ଭିକ ସୂଚନା ଦିଆଯାଉଥିବା ବେଳେ କାଡା, ଉଦ୍ୟାନ କୃଷି, ମୃର୍ତିକା ସଂରକ୍ଷଣ ଓ ଜଙ୍ଗଲ ବିଭାଗରେ ଅପେକ୍ଷାକୃତ କମ କାମ ହେଉଥିବା ଜଣାପଡ଼ିଥିଲା। ମୋଟାମୋଟି ଭାବେ ଏନଆରଇଜିଏସ ଯୋଜନାର ସଫଳ ରୂପାୟନ ହେଉନଥିବା ଶିବିରରୁ ଜଣାପଡ଼ିଛି।

**ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

## ଅସନ୍ତୋଷ ଭିତରେ ସ୍ୱାଗତ ସମ୍ବର୍ଦ୍ଧନା

ଦୋବଲ, ୧୦।୧୦(ସମିସ): ତୀବ୍ର ଅସନ୍ତୋଷ ମଧ୍ୟରେ ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସ୍ୱାଗତ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୩୫ ଜଣ ଛାତ୍ରଛାତ୍ରୀ ଓ ୬ ଜଣ ଅଧ୍ୟାପକଅଧ୍ୟାପିକାଙ୍କୁ ସ୍ୱାଗତ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍। ଏଥର ବିଳମ୍ବରେ ନାଁ ଲେଖା ଆରମ୍ଭ ହୋଇଥିବାରୁ ୧୭ ଜଣ ବାଳିକା ଓ ୧୮ ଜଣ ବାଳକଙ୍କୁ ନେଇ ଯୁକ୍ତ ୨ କଳା ପାଠ୍ୟକ୍ରମ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀ ନ ମିଳିବାରୁ ଯୁକ୍ତ ୨ ବିଜ୍ଞାନ କି ବାଣିଜ୍ୟରେ ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତି ହୋଇନାହାନ୍ତି। କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା ଯୋଜନାରେ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନ୍ୟତା ଦେବାକୁ ଜୁଲାଇ ମାସରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଥିଲା। ଏହାସହ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟରେ ପାଠପଢ଼ା ଆରମ୍ଭ ହେବ ବୋଲି ଦର୍ଶାଯାଇଥିଲା। ଏହାପରେ ଅଗଷ୍ଟ ୨୫ ତାରିଖରେ ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତି ନେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ଅଧ୍ୟାପିକା ନଚେତ ୫୦ ପ୍ରତିଶତ ମାର୍କ ରଖି ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିବା ଆଶାୟୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ଏଥିରେ ଦର୍ଶାଯାଇଥିଲା। ଗୋଟିଏ ୪୫ ମିନିଟର କ୍ଲାସ ପାଇଁ ୪୦୦ ଟଙ୍କା ଓ ମାସକୁ ସର୍ବାଧିକ ୫୦ଟି କ୍ଲାସ ପାଇଁ ୨୦ ହଜାର ଟଙ୍କାର ପାରିଶ୍ରମିକ ରଖାଯାଇଥିଲା। ହେଲେ ବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ପବିତ୍ର ମହାନ୍ତି ଓ କିଛି ସ୍ଥାନୀୟ ଲୋକ ମିଶି ମନଇଚ୍ଛା ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତି କରିଥିବା ପୁରାତନ ଛାତ୍ର ସଂଘ ଅଭିଯୋଗ କରିଛି। ଏହାଛଡ଼ା ପବିତ୍ର ମହାନ୍ତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଥିବା ସତ୍ତ୍ୱେ ତାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ଶିକ୍ଷକଙ୍କ ଅଭିଯୋଗ ଯେ, ଅଧ୍ୟକ୍ଷ ପବିତ୍ର ମହାନ୍ତି ଏହି ସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ବର୍ଷକୁ ୩ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। କଣ୍ଟିଜେନ୍ସି ଫଣ୍ଡ ବାବଦରେ ଆସିଥିବା ୭୫ ହଜାର ଟଙ୍କା, ଇକୋ କ୍ଲବ ବାବଦରେ ଆସିଥିବା ୨୫ ହଜାର, କ୍ରୀଡ଼ା ପାଇଁ ୨୫ ହଜାର, ଆମ ସଂସ୍କୃତି କାର୍ଯ୍ୟକ୍ରମ ବାବଦରେ ଆସିଥିବା ୨୦ ହଜାର, ବିଜ୍ଞାନ ଓ ଘଣିତ କ୍ଲବ ଟଙ୍କା, ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା କାର୍ଯ୍ୟକ୍ରମ ବାବଦକୁ ଆସିଥିବା ସମ୍ପୂର୍ଣ୍ଣ ଟଙ୍କାକୁ ସେ ହଡ଼ପ କରିଥିବା ନେଇ ସମ୍ପୃକ୍ତ ଶିକ୍ଷକ ଓ ପୁରାତନ ଛାତ୍ର ଅଭିଯୋଗ କରିଛନ୍ତି। ଖାଲି ଏତିକି ନୁହେଁ, ବେଆଇନ ଭାବେ ପିଲାଙ୍କଠାରୁ ପ୍ରତିବର୍ଷ ୧୨୦ଟଙ୍କା ମଧ୍ୟ ସେ ଆଦାୟ କରୁଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅପର ପକ୍ଷରେ ପବିତ୍ର ମହାନ୍ତି ପୂର୍ବରୁ ସୋହଡ଼ାର ଏକ ସ୍କୁଲରେ ହିନ୍ଦୀ ଶିକ୍ଷକ ଥିଲେ। ସେଠାରୁ ଏଠାକୁ ଡେପୁଟେସନରେ ଆସିଥିଲେ। ଏଣୁ ତାଙ୍କ ବିରୋଧରେ ଯେତେବେଳେ ସ୍ଥାନୀୟ ଲୋକ ଡିଇଓଙ୍କୁ ଅଭିଯୋଗ କଲେ, ସେ ସୋହଡ଼ାର ଜଣେ ଶାସକ ଦଳର ନେତାଙ୍କୁ ଧରି ସମାଧାନ କରିଦେଲେ। ସ୍କୁଲକୁ ଧାମନଗର ବିଇଓ ତଦନ୍ତ ପାଇଁ ଆସିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଯାହାକୁ ନେଇ ପୂରାତନ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ତୁରନ୍ତ ପବିତ୍ର ମହାନ୍ତିଙ୍କୁ ବଦଳି କରିବା ଲାଗି ଦାବି ହୋଇଛି। ଏ ନେଇ ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ପ୍ରତିକ୍ରିୟା ଦେଇନଥିଲେ।



## ବୈତରଣୀ ମହୋତ୍ସବର ୪ର୍ଥ ସନ୍ଧ୍ୟା



ବାରିକପୁର, ୧୦।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଚାଲିଥିବା ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ୪ର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପ୍ରିତିକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ଏହାଛଡା ବୈତରଣୀ ମହୋତ୍ସବ ଭାଇଚାରା ସୃଷ୍ଟି କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ବରିଷ୍ଠ କଂଗ୍ରେସ ନେତା ସୁବୋଧ ସାମଲ, ଅଜୟ କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ସମିତି ସଭ୍ୟ ଗୁରୁପ୍ରସାଦ ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର ଆଭିମୁଖ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିଭଳି ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ବଜାର କମିଟି ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଗାୟକ ଶତ୍ରୁଘ୍ନ ରଣା ଓ ସାଥୀ ପାଲା ପରିବେଷଣ କରିଥିଲେ।

## କ୍ଷତ୍ରୀୟ ସମ୍ପ୍ରଦାୟର ଅନନ୍ୟ ପର୍ବ 'କରୱାଚୌଥ'



ବନ୍ତ/ଆଗରପଡ଼ା, ୧୦।୧୦(ସମିସ): ଆଗରପଡ଼ା ଅଞ୍ଚଳରେ ବସବାସ କରୁଥିବା କ୍ଷତ୍ରୀୟ ସମ୍ପ୍ରଦାୟର ଅନନ୍ୟ ପର୍ବ ହେଉଛି କରୱାଚୌଥ। ଏହି ପର୍ବକୁ ବିବାହିତା ମହିଳାମାନେ ପାଳନ କରିଛନ୍ତି। ସ୍ୱାମୀଙ୍କ ଆୟୁଷ କାମନା କରିବା ଲକ୍ଷ୍ୟରେ ବିଶେଷ କରି ସଧବା ନାରୀମାନେ ଦିନ ତମାମ ନିର୍ଜଳା ବ୍ରତ ଧାରଣ କରି ମନ, ବଚନ ଓ କର୍ମରେ ସାରା ଜୀବନ ସ୍ୱାମୀଙ୍କ ସୁଖଦୁଃଖରେ ସାଥୀ ହୋଇ ବଚନ ଗ୍ରହଣ କରିଥିଲେ। ଶିବପାର୍ବତୀଙ୍କୁ ଯଥାରୀତି ପୂଜାର୍ଚ୍ଚନା କରି ଚନ୍ଦ୍ର ଦର୍ଶନ ଓ ସ୍ୱାମୀଙ୍କ ମୁହଁ ଦର୍ଶନ କରି ଏହି ବ୍ରତ ଭାଙ୍ଗିଥିଲେ। ଏହି ପର୍ବ ଉତ୍ତର ଓ ଉତ୍ତର ପୂର୍ବ ଅଞ୍ଚଳରେ କାର୍ତ୍ତିକ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ପାଳନ କରାଯାଇଥାଏ। ତେଣୁ ଏଠାରେ ମଧ୍ୟ ସେଠାକାର ବିଧିଅନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥାଏ।

ଉତ୍କଳକେଶରୀ ଡ଼. ହରେକୃଷ୍ଣ ମହତାବଙ୍କ ସହଧର୍ମିଣୀ ତଥା ପ୍ରଖ୍ୟାତ ସ୍ୱାଧନତା ସଂଗ୍ରାମୀ ସୁଭଦ୍ରା ମହତାବ ପ୍ରଥମେ ଆଗରପଡ଼ା ବିଟିପୁର ଅଞ୍ଚଳରେ ଏହି ପର୍ବର ଶୁଭାରମ୍ଭ କରିଥିଲେ; ଯାହାକି ଆଜିଯାଏ ଏହା ଉଜ୍ଜୀବିତ ହୋଇରହିଛି। ଏହି ପର୍ବରେ ମଠୁରୀ ଭୋଗ ଲାଗିହୋଇଥାଏ। ଚାଉଳ ଅଟା, ମଇଦା, କଳାଜିରା ସମ୍ମିଶ୍ରଣରେ ଏହି ଭୋଗ ପ୍ରସ୍ତୁତି ହୋଇଥାଏ। ମହିଳାମାନେ ସଂଘବଦ୍ଧ ଭାବେ ପୂଜା କରିଥାନ୍ତି। ରଙ୍ଗବେରଙ୍ଗ ମାଟି କିମ୍ବା ଧାତୁ ଡାଳ ଉପରେ ମଠୁରୀକୁ ପୁଞ୍ଜା କରି ପ୍ରତ୍ୟେକ ମହିଳା ଅନ୍ୟ ମହିଳାଙ୍କ ପୁଞ୍ଜାକୁ ଅଦଳବଦଳ କରିଥାନ୍ତି। ନୂତନ ବସ୍ତ୍ର ପରିଧାନ, ଗୋଡ଼ରେ ଅଳତା ଲଗାଇ ମହିଳାମାନେ ପୂଜାର୍ଚ୍ଚନା କରୁଥିବା ସମୟରେ ଏକ ଅପୂର୍ବ ଧାର୍ମିକ ପରିବେଶ ସୃଷ୍ଟି ହୋଇଥାଏ। ବ୍ରତ ଭାଙ୍ଗିବା ପରେ ମହିଳାମାନେ ଉଲ ସହ ଆମିଷ ଖାଇବାର ସ୍ୱତନ୍ତ୍ର ବିଧି ରହିଛି। ପ୍ରତ୍ୟେକଙ୍କ ଘରକୁ ପ୍ରତ୍ୟେକ ଶ୍ରଦ୍ଧାରେ ମଠୁରୀ ଦେଇ ସୁସମ୍ପର୍କ ସ୍ଥାପନ କରିବାର ପ୍ରୟାସ କରିଥାନ୍ତି। ଏହି ପର୍ବ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଥିବା କ୍ଷତ୍ରୀୟ ଜାତିର ମହିଳାମାନେ ଓ ଦେଶ ବିଦେଶରେ ଚାକିରୀ କରିଥିବା ମହିଳାମାନେ ଯଥାରୀତିରେ ପାଳନ କରିଥାନ୍ତି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଆଇନ ସେଚତନତା ଶିବିର

ଭଦ୍ରକ, ୧୦।୧୦(ସମିସ)



ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆରଏସ୍ଆର)ର ସହେଯାଗେର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ବିଚାରକ ପୁଣ୍ୟଶ୍ଲୋକ ରଥ, ସମ୍ମାନିତ ଅତିଥି ଭାବେ ଡିଏଲଏସଏର ପ୍ରତିପକ୍ଷ ଅଧିବକ୍ତା ଡ଼. ତାପସ କୁମାର ମହାନ୍ତି, ସିଆର୍ଏସ୍ଆର ସ୍ୱତନ୍ତ୍ର ବି.ଏଡ଼ କଲେଜ ଅଧ୍ୟକ୍ଷ ଅରୁଣ କୁମାର ଲେଙ୍କା, କ୍ରୀଡା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ ଓ ସିଆରଏସ୍ଆରର ମୁଖ୍ୟ କାଯ୍ୟନିର୍ବାହୀ ଡ଼ା. ଭଗବାନ ପରିଡ଼ା ପ୍ରମୁଖ ମାନସିକ ସ୍ୱାସ୍ଥ୍ୟ ସେଚତନତା ସମ୍ପର୍କିତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରଥ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ଅନୁକୂଳ ପରିବେଶ ଓ ସେଚତନତା ସୃଷ୍ଟି କରିବା ପାଇଁ ନୈତିକ ଦୃଷ୍ଟିକୋଣରୁ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ମତପୋଷଣ କରିଥିଲେ। ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଥଇଥାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ସରକାରଙ୍କ ତରଫରୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ସେ ସୂଚନା ଦେଇଥିଲେ। ଭିନ୍ନକ୍ଷମଙ୍କୁ ଥଇଥାନ କରିବା ପାଇଁ ଆଇନର ଆଶ୍ରୟ ନେଇପାରିବେ ବୋଲି ମଧ୍ୟ ପ୍ରକାଶ କରିଥିଲେ। ଡିଏଲଏସଏର ପ୍ରତିପକ୍ଷ ଅଧିବକ୍ତା, ଡ଼. ମହାନ୍ତି ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ପ୍ରଣୀତ ଆଇନ, ସୂଚନା ସେବା ଓ ସମାଜିକ ସୁଦୃଢତା ଉପରେ ଆଲୋକପାତ କରିଥିଲେ। ଯେପରି ଅଭିଭାବକ ମାନେ ସବର୍ଦା ସଚେତନ ହେବେ, ପରିବାର ଠାରୁ ଆରମ୍ଭ କରି ସମାଜର ପ୍ରତ୍ୟକ୍ଷ କ୍ଷେତ୍ରରେ ଏହାର ନିରାକରଣ ହୋଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଲେଙ୍କା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ କାଯ୍ୟନିର୍ବାହୀ ଡ଼ା. ପରିଡ଼ା ମାନସିକ ଅନଗ୍ରସର ଓ ମାନସିକ ବ୍ୟକ୍ତିଙ୍କ ସମସ୍ୟା ଉପରେ ବିଶଦ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏଭଳି ଭିନ୍ନକ୍ଷମବ୍ୟକ୍ତି ଅନେକ ଦୁଃଖ ଦୁର୍ଦ୍ଦଶା ଓ ଦୁର୍ଦ୍ଦିନ ମଧ୍ୟରେ ସମୟ ବିତାଉଥିବା ବେଳେ ସେମାନଙ୍କର ଅଧିକାର ଓ ସ୍ୱାଭିମାନକୁ ବଜାୟ ରଖିବା ସହିତ ସେମାନଙ୍କ ପାଇଁ ପ୍ରଣୀତ ଆଇନକୁ ହୃଦୟତାର ସହ କାର୍ଯ୍ୟକାରୀ କରିବା ପାଇଁ ମତ ଦେଇଥିଲେ। ଉକ୍ତ ଶିବିରରେ ୧୬ଜଣ ଉପସ୍ଥିତ ଭିନ୍ନକ୍ଷମଙ୍କୁ ମୋଟରଚାଳିତ ଟ୍ରାଇସାଇକଲ, ଟ୍ରାଇସାଇକଲ, କୃତ୍ରିମ ଅଙ୍ଗ, କାଲିପର, ଆଶାବାଡ଼ି, ହୁଇଲେଚୟାର ଆଦି ବଣ୍ଟନ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ରାଜେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

● ରାଜ୍ୟ କ୍ୟାବିନେଟରେ ୧୫ ପ୍ରସ୍ତାବକୁ ମୋହର

# ଏଥର ୯୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ

ଭୁବନେଶ୍ୱର,୧୦।୧୦(ସମିସ): ଏବର୍ଷ ରାଜ୍ୟରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ହେବ। ଧାନ ହିସାବରେ ଏହା ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ହେବ। ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ ୭୩ ଓ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଯଦି ପଞ୍ଜିକୃତ ଚାଷୀଙ୍କଠାରୁ ମଣ୍ଡିକୁ ଅଧିକ ଧାନ ଆସେ, ତେବେ ତାହା ମଧ୍ୟ ରାଜ୍ୟ ସରକାର ଗ୍ରହଣ କରିବେ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି, ବୈଠକରେ ମୋଟ ୧୦ଟି ବିଭାଗର ୧୫ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ନିଷ୍ପତ୍ତି ଅନୁଯାୟୀ ଆସନ୍ତା ନଭେମ୍ବର ମାସରୁ ଖରିଫ ଧାନ ସଂଗ୍ରହ କରାଯିବ। ରବି ଧାନ ଆସନ୍ତାବର୍ଷ ମେ' ମାସରୁ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ସେହିପରି ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ 'ଓଡ଼ିଶା ଜନ ବିଶ୍ୱାସ' ଅଧ୍ୟାଦେଶକୁ ଅନୁମୋଦନ ମିଳିଛି। ଏହି ଅଧ୍ୟାଦେଶ ବଳରେ ଏଣିକି ରାଜ୍ୟରେ ଛୋଟ ଅପରାଧକୁ ଅପରାଧମୁକ୍ତ କରିବା ଏବଂ ବିଶ୍ୱାସଭିତ୍ତିକ ଶାସନ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ ଅଣ-ଗୁରୁତର ଖିଲାପ ପାଇଁ ଜେଲ୍ ଦଣ୍ଡ ବଦଳରେ ଦେୱାନୀ ଦଣ୍ଡ ବିଧାନ କରାଯିବ। ଉଭୟଙ୍କ ଉପରେ ନିୟାମକ ବୋଝ ଯଥେଷ୍ଟ ହ୍ରାସ ପାଇବ ବୋଲି ରାଜ୍ୟ ସରକାର କହିଛନ୍ତି। ସେହିପରି ରାଜ୍ୟ ସରକାର 'ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ-୨୦୨୫' ପ୍ରଣୟନ

**ନଭେମ୍ବରରୁ ଆରମ୍ଭ ହେବ ଖରିଫ ଧାନ କିଣା**

ପାଇଁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ-୨୦୦୧ ଅନୁଯାୟୀ କରାଯାଉଛି। ଏହି ନିୟମ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଅଧିନିୟମ, ୧୯୬୯ ଉପରେ ପର୍ଯ୍ୟବସିତ ରହିଛି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଆଗତ ପ୍ରସ୍ତାବରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ, ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ଆଦିରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ବାଜିଛି।

## ପରିବା ଦର ଉପରମୁହାଁ

ଦୋଳସାହି,୧୦।୧୦(ସମିସ): ହୁ ହୁ ବଢୁଛି ପନିପରିବା ଦର। ତିହିଡ଼ି ବ୍ଲକ୍ ସମସ୍ତ ଅଞ୍ଚଳରେ ବର୍ଷା ଲାଗି ରହିଥିବା ଯୋଗୁଁ ବିଭିନ୍ନ ଧରଣର ପନିପରିବା ଚାଷୀଙ୍କ ପନିପରିବା ଉତ୍ପାଦନ କମ ହେଉଛି। ଚାଷୀ ହତାଶ ହେଉଥିବା ଅଭିଯୋଗ ହେଉଥିଲା ବେଳେ ପନିପରିବା ଦର ହୁ ହୁ ହୋଇ ବଢ଼ି ଚାଲିଛି। ପନିପରିବା ବେପାର ପାଇଁ ଦୋଳସାହି ବଜାରକୁ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପରିବା ବେପାରୀ ଆସୁଥିବା ବେଳେ ୮ରୁ ଅଧିକ ପଞ୍ଚାୟତର ପନିପରିବା ଚାଷୀ ପନିପରିବା ବିକ୍ରି ପାଇଁ ଆସୁଥିବା ଜଣାଯାଇଛି।

## ମୋବାଇଲ ଦୋକାନରୁ ଚୋରି ଉଦ୍ୟମ

ଅସୁରାଳି, ୧୦।୧୦(ସମିସ): ଭଦ୍ରକ ଗ୍ରାମାଞ୍ଚଳ ଥାନାଅର୍ଣ୍ଣପାଳ ବଜାରସ୍ଥିତ ଏକ ଇଲେକ୍ଟ୍ରୋନିକ୍ସ ମୋବାଇଲ ଦୋକାନରୁ ଚୋରି ଉଦ୍ୟମ ବିଫଳ ହୋଇଛି। ସୌମ୍ୟ ନାୟକଙ୍କ ଦୋକାନ ଉପରେ ଗତ ରାତିରେ ଅଜଣା ଚୋର ଉପର ଛାତ ଦେଇ ଚୋରି କରିବା ଉଦ୍ଦେଶ୍ୟରେ ଆସିଥିଲେ; ମାତ୍ର ଦୋକାନରେ ରଖାଯାଇଥିବା ଡେମୋ ମଡେଲ୍‌ଗୁଡିକ ଛାଡ଼ି ଅନ୍ୟ କୌଣସି ମୂଲ୍ୟବାନ ଉପକରଣ ଉପଲବ୍ଧ ନଥିବାରୁ ଚୋର ଉଦ୍ୟମ ବିଫଳ ହୋଇଥିଲା। ପରେ ଦୋକାନ ମାଲିକ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୁଲିସ ଟିମ ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଦ୍ୱାରା ଦୋକାନ ଓ ତାହାର ଚାରିପାଖରେ ତଦନ୍ତ ଚାଲିଛି। ଚୋର ଦ୍ୱାରା ପ୍ରବେଶ କରାଯାଇଥିବା ଚିହ୍ନ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ଶୀଘ୍ର ଅଭିଯୁକ୍ତଙ୍କ ଚିହ୍ନଟ ଓ ଗିରଫ ନିମନ୍ତେ ପ୍ରୟାସ ଚାଲିଛି। ଏହି ଘଟଣା ଅର୍ଣ୍ଣପାଳ ବଜାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ଓ ଆଶଙ୍କା ସୃଷ୍ଟି କରିଛି।

## ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଗର୍ତ୍ତ

ବାରିକପୁର, ୧୦।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ପଟାପୋଲଠାରୁ ବେଲଗଡିଆ ଓ ନୂଆପୋଖରୀକୁ ସଂଯୋଗ କରୁଥିବା ରାସ୍ତାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଉକ୍ତ ୩ନଂ (ଖ) କେନାଲ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ହୋଇଛି। ରାସ୍ତା ନବୀକରଣକୁ କିଛିଦିନ ବିତିଯିବା ପରେ ନୂଆପୋଖରୀ ଛକ ହନୁମାନ ନିକଟରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଉକ୍ତ ସ୍ଥାନରେ ପ୍ରାୟ ୩ ମାସ ପୂର୍ବରୁ ଏକ ଛୋଟ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ଏହାକୁ ମରାମତି କରାଯାଇ ନଥିଲା। ଏବେ ଏହି ଗର୍ତ୍ତ ବିରାଟ ରୂପ ଧାରଣ କଲାଣି। ଲଗାଣ ବର୍ଷା ଯୋଗୁଁ ରାସ୍ତା ଉପରେ ସୃଷ୍ଟି ହେଉଥିବା ଖଣା ଗାଡ଼ର ପରିସୀମା ବୃଦ୍ଧି ପାଉଥିବା ଜଣାପଡ଼ିଛି। ଇତିମଧ୍ୟରେ କିଛି ଗାଈଗୋରୁ ଏଠାରେ ପଡି



ଆହତ ହୋଇଥିବା ସୂଚନା ମିଳିଛି। ଏହିବାଟ ଦେଇ ଶହ ଶହ ଲୋକ ସାଇକେଲ ଓ ମୋଟର ସାଇକଲରେ ଯାତାୟାତ କରୁଥିବା ବେଳେ କିଛି ବ୍ୟକ୍ତି ଦୁର୍ଘଟଣାର ମଧ୍ୟ ଶିକାର ହୋଇଥିବା ଅଭିଯୋଗ ମଧ୍ୟ ହୋଇଛି। ବିଶେଷ କରି ଯେଉଁ ଲୋକମାନେ ରାତି ବେଳା ପଟାପୋଲ ବଜାରରୁ ଘରକୁ ଫେରୁଛନ୍ତି ସେମାନେ ଗର୍ତ୍ତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଛଡା କେନାଲ ରାସ୍ତାରେ ଘାଇ ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। କାୟା ବିସ୍ତାର କରୁଥିବା ଗର୍ତ୍ତଟିକୁ ତୁରନ୍ତ ମରାମତି ପାଇଁ ଦାବି ହୋଇଛି।

ଭଗାରାମ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# ଶିକ୍ଷକ ଓ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ: ବିଧାୟକ

ବନ୍ତ/ଆଗରପଡ଼ା, ୧୦।୧୦(ସମିସ)

ବନ୍ତ ଶିକ୍ଷା ବିଭାଗ ଅଧୀନସ୍ଥ କାଦବରାଙ୍ଗ କ୍ଲଷ୍ଟର ଭଗାରାମ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ରବିନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା ଓ ଯୁବନେତା ବିଷ୍ଣୁ ଦାସଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ସଭାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଶିକ୍ଷକ ଓ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇ ପାଖର୍ ସଦୃଶ ବୋଲି କହିବା ସହ ନିଜ ମୂଲ୍ୟବୋଧକୁ ବୁଝି ଏକ ସୁସ୍ଥ ସମାଜ ଗଠନରେ ସାମିଲ ହେବାକୁ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟ ପ୍ରତିଷ୍ଠାତା ସୋମା ଚାନ୍ଦ, ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବିଜେପି ନେତା ପଞ୍ଚାନନ ରାଉତ, ପୁରୁଷଣ୍ଡ ସେବାସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ବିଆରସିସି ହରେକୃଷ୍ଣ ଆପଟ, ଜୟଦୁର୍ଗା ଫାଉଣ୍ଡେସନ




ଟ୍ରଷ୍ଟ ଅଧ୍ୟକ୍ଷା ସୁରେଶ୍ୱରୀ ସାଗରିକା ଜେନା, କାଦବରାଙ୍ଗ ସରପଞ୍ଚ ତଅପୋଇ ସେଠୀ, ସମିତିସଭ୍ୟା ଦୀପାରାଣୀ ଜେନା, କାଦବରାଙ୍ଗ ସୋସାଇଟି ସଭାପତି ବାସୁଦେବ ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କରଚନ୍ଦ୍ର ପାଢ଼ୀ, ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିକ୍ରମ ଦାଶ, ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀ, କାଦବରାଙ୍ଗ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିମଳ ଦାସ, ବାଙ୍କତିରା ହାଇସ୍କୁଲ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ଭୂୟାଁ, ସିଆରସିସି ପ୍ରଦୀପ ପଲାଇ, ନିରଞ୍ଜନ ଖିଲାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ସମିତିସଭ୍ୟ ରମେଶଚନ୍ଦ୍ର ପହି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଧାୟକ ଓ ଜିଲ୍ଲାପାଳ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତମୂର୍ତ୍ତି ଉନ୍ମୋଚନ କରିଥିଲେ। ସେବା ନିବୃତ୍ତ ପ୍ରଧାନଶିକ୍ଷକ ପ୍ରଣୟ କୁମାର ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ 'ପ୍ରଣୟ ପିୟୁଷ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସୁବଳ ଦାସ, ନରହରି ରାଉତ, ବୈଷ୍ଣବ ଜେନା, କାର୍ତ୍ତିକ ବାରିକ, ନରହରି ରାଉତ, ରତ୍ନାକର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିପିନବିହାରୀ ଉପ୍ରା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବିନାରାୟଣ ନାଥ, ସଭାପତି ଶରତ ଦାସ, ଭଗାରାମ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କୌଶଲ୍ୟା ନାଇକ, ସଭାପତି ଅନାମ ଚରଣ ଜେନା, ବିନୋଦ ଜେନା, ରାଧାକାନ୍ତ ଜେନା, ବ୍ରଜ ରାଉତ, ସଞ୍ଜୀବ ନାୟକ, ତାପସ ନାୟକ, ଆଲୋକ ଦାସ, ଶ୍ରୀକାନ୍ତ ନାୟକ, ଚନ୍ଦନ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଶୁଣିଲାନି ପ୍ରଶାସନ; ରାସ୍ତା ମରାମତି କଲେ ଗ୍ରାମବାସୀ

ବନ୍ତ/ଆଗରପଡ଼ା,୧୦।୧୦(ସମିସ): ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ବାଙ୍କତୀରା-ତୁମ୍ବାପଦୀ ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ହୋଇପାରୁନାହିଁ। ପ୍ରଶାସନର ଏହିପରି ଉଦାସୀନତାକୁ ଦେଖି ଶେଷରେ ବାଧ୍ୟ ହୋଇ ଉକ୍ତ ଗାଁର ଯୁବ ସମାଜସେବୀ ଉତ୍ତମ ଗିରୀଙ୍କ ନେତୃତ୍ୱରେ ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ। ଏହିପରି



ଦୃଶ୍ୟ ଦେଖିବାକୁ ମିଳିଛି ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ୨, ୩ ଓ ୪ ନଂ ୱାର୍ଡ଼ ଅର୍ନ୍ତଗତ ଦୁଇଟି ଗାଁ ବାଙ୍କତିରା ଓ ତୁମ୍ବାପଦୀ ଠାରେ। ସାମାନ୍ୟ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଆସୁଛନ୍ତି ଉକ୍ତ ୨ଗାଁର ବାସିନ୍ଦା। ରାସ୍ତା ସମସ୍ୟାକୁ ନେଇ ଦୈନିକ 'ସକାଳ'ରେ ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ପ୍ରଶାସନର ଚେତା ନ ପଶିବାରୁ ବର୍ଷାଦିନରେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ ଗ୍ରାମବାସୀ। ସରମରାଠାରୁ ପାଖାପାଖି ୬ ମିଟର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ସେହପରି ତୁମ୍ବାପଦିରୁ ବାଙ୍କତିରାକୁ ଲମ୍ବିଥିବା ପାଖାପାଖି ୨-୩ ମିଟର ରାସ୍ତା ଅବସ୍ଥା ମଧ୍ୟ ତଦ୍ରୂପ। ରାସ୍ତା ନିର୍ମାଣ ହୋଇମଧ୍ୟ ଏକ ସଂପୂର୍ଣ୍ଣ ସ୍ଥାୟୀ ରାସ୍ତା ନିର୍ମାଣ ନ ହୋଇପାରିବାରୁ ଦୁଇ ଗ୍ରାମବାସୀଙ୍କ ସ୍ଥାୟୀ ରାସ୍ତା ସ୍ୱପ୍ନ ହୋଇ ରହିଯାଇଛି। ତୁମ୍ବାପଦି ସ୍କୁଲ ପାଖରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ରାସ୍ତାକୁ ବୁଧବାର ତୁମ୍ବାପଦୀ ଗ୍ରାମର ଯୁବ ସମାଜସେବୀ ଉତ୍ତମ ଗିରୀଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହଯୋଗରେ ମରାମତି କରାଯାଇଥିଲା। ଉକ୍ତ ରାସ୍ତା ସରମରା ଗ୍ରାମ ସମେତ ବ୍ଲକକୁ ମଧ୍ୟ ସଂଯୋଗ କରୁଛି। ବିଭାଗ ବାକିଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଉକ୍ତ ରାସ୍ତାକୁ ସ୍ଥାୟୀ ରାସ୍ତାରେ ପରିଣତ କରିବାପାଇଁ ଗ୍ରାମବାସୀ ଦାବି କରୁଛନ୍ତି।

'ସକାଳ' ପ୍ରଭାବ

## ନିଯୁକ୍ତି ପାଇଲେ ପ୍ରଧାନଶିକ୍ଷକ

ଦୋଳସାହି, ୧୦।୧୦(ସମିସ): ପ୍ରଭାବ ପଡ଼ିଛି 'ସକାଳ'ର। ତିହିଡ଼ି ଥାନା ଅନ୍ତର୍ଗତ ଦୋଳସାହି ପଞ୍ଚାୟତ ରାମନାରାୟଣ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ନଥିବା ନେଇ ଖବର ପ୍ରକାଶିତ ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଜଣେ ପ୍ରଧାନଶିକ୍ଷକ ନିଯୁକ୍ତି ଦିଆଯାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ବିଦ୍ୟାଳୟର ଅଧୀର ରଞ୍ଜନ ତରାଇଙ୍କୁ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିବା ଜଣାପଡ଼ିଛି। ଦୋଳସାହି ସରକାରୀ ରାମନାରାୟଣ ଉଚ୍ଚବିଦ୍ୟାଳୟରେ ଅଦ୍ୟାବଧି ପ୍ରଧାନ ଶିକ୍ଷକଙ୍କ ସହ ୭ଟି ଶିକ୍ଷକ ପଦ ଅଭାବ ଯୋଗୁଁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିଲା ବେଳେ ବିଦ୍ୟାଳୟର ଖେଳ



ପଡ଼ିଆର ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନି। ଛାତ୍ରଛାତ୍ରୀମାନେ ଖେଳକୁଦରୁ ବଞ୍ଚିତ ରହୁଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ସରିଲା ତିନିଦିନିଆ ଉଚ୍ଛେଦ ଅଭିଯାନ

ଭଦ୍ରକ, ୧୦।୧୦(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରାଞ୍ଚଳର ଭଦ୍ରକ-ଚାନ୍ଦବାଲି ରାସ୍ତାର ପୁରୁଣା ଗ୍ରାମାଞ୍ଚଳ ଥାନାଠାରୁ ସରକାର ନଗର ଛକ ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମିରେ ନିର୍ମିତ ହୋଇଥିବା ୩ଟି ୨ମହଲା ବିଶିଷ୍ଟ ବୃହତ କୋଠାଘର (ମାର୍କେଟ କମ୍ପ୍ଲେକ୍ସ)କୁ ଭାଙ୍ଗି ମାଟିରେ ମିଶାଯାଇଛି। ସେହିଭଳି ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଉଚ୍ଛେଦ ଅଭିଯାନ ଶୁକ୍ରବାର ୩ୟ ଦିନରେ ଶେଷ ହୋଇଛି। ଏହି ଉଚ୍ଛେଦରେ ସରକାରୀ ଜମିକୁ ଅବରୋଧ କରିଥିବା ମୋଟ ୧୩୭ଟି ଛୋଟବଡ଼ ଉଚ୍ଛେଦ ହୋଇଥିବା ସୂଚନା ମିଳିଛି।



ଏହି ଉଚ୍ଛେଦ ବେଳେ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ, ଭଦ୍ରକ ତହସିଲ ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା, ଟାଉନ ଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର, ସଦର ଆର୍‌ଆଇ ଶରତ ମହାନ୍ତିଙ୍କ ସମେତ ପୌରପାଳିକା କର୍ମଚାରୀ ଓ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଦୋଳସାହି,୧୦।୧୦(ସମିସ): ତିହିଡି ବ୍ଲକ୍ କୁବେରା ପଞ୍ଚାୟତ ଇଟାଗଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗାନ୍ଧାରୀମଣି ନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭଦ୍ରକ ଜିଲ୍ଲାଶିକ୍ଷକସଂଘରପୂର୍ବତନସମ୍ପାଦକମନୋରଞ୍ଜନନାୟକମୁଖ୍ୟଅତିଥିଏବଂବାଞ୍ଛାନିଧିଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତଅତିଥି ଭାବେ ବ୍ଲକ୍ ଶିକ୍ଷକ ସଂଘ କାର୍ଯ୍ୟକାରୀ ସମ୍ପାଦକ ବଂଶୀଧର ଦାସ, ସମ୍ପାଦକ ରମାକାନ୍ତ ଦାସ, ଶିକ୍ଷକ ରୂପେଶ ସାହୁ, ଶିକ୍ଷକ ଗିରିଧାରୀ ଚାନ୍ଦ, ସିଆର୍‌ସିସି ବିଭୂତିଭୂଷଣ ରାଉତ, ଶିଶୁ ମନ୍ଦିର ଜୟପୁର ପ୍ରଧାନଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଭାବଗ୍ରାହ ମଲ୍ଲିକ, ବିମ୍ବାଧର ଦାସ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ସେଠୀ, ଶିକ୍ଷୟିତ୍ରୀ ନମିତା ବିଶ୍ୱାଳ, ଶିକ୍ଷକ ଦୀନବନ୍ଧୁ ସ୍ୱାଇଁ, ଏସ୍‌କେ କାଲାମ୍ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ ପଣ୍ଡା ଅତିଥିଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ମନ୍ମଥ ଦାସ ସଭା ପରିଚାଳନା କରିଥିଲେ। ପରିଚାଳନା କମିଟି ସଭାପତି ଶରତ ବେହେରା ଓ ସମସ୍ତ ସଭ୍ୟସଭ୍ୟା, ବିଦ୍ୟାଳୟ ଶିକ୍ଷକ ମାନସ ସେଠୀ, ସୁବାସଚନ୍ଦ୍ର ମହାଳିକ, ଏସ୍‌କେ ବବି ଓ ପାଚିକା ଜୟନ୍ତୀ ସାହୁ, ରଜନୀ ବେହେରା, ଅଭିଭାବକ, ଛାତ୍ରଛାତ୍ରୀ, ପୂର୍ବ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଓ ସଭାପତିଙ୍କୁ ଦିନିକିଆ ତାଲିମ୍

ବାସୁଦେବପୁର, ୧୦।୧୦(ସମିସ): ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ) ଓ ଭଦ୍ରକ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ବାସୁଦେବପୁର ବ୍ଲକ ପକ୍ଷରୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକମାନଙ୍କର ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରିକାଳୀନ ଅଧିକାରିଣୀ ସାଗରିକା ସାହୁ, ବାସୁଦେବପୁର ବିଡିଓ ତନ୍ମିତା କର, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁ, ଓଏସଡିଏମଏର ସେଲ୍ଟର ଆସୋସିଏଟ ସ୍ୱଦେଶ ସେଠୀ, ଡିପିଓ ସଙ୍ଗୀତା ଦାସ, ଡିପିଓ ଅମ୍ଲାନ ଅମିତାଭ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଭାବିକ ସମୟରେ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ମମତା କେନ୍ଦ୍ର, ଟୀକାକରଣ ସହ ଗ୍ରାମର ବିବାହ, ବ୍ରତଘର, ଭୋଜି,ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ। ଏଥିପାଇଁ କମିଟିର ନିଷ୍ପତ୍ତିକ୍ରମେ ଅର୍ଥ ପୈଠ କରିବାକୁ ପଡିବ; ଯାହାକି ଛୋଟବଡ଼ ମରାମତି ପଇଁ ବିନିଯୋଗ କରିବେ। ତେବେ, ବିଭିନ୍ନ ସରପଞ୍ଚ ତଥା ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକମାନେ ମରାମତିରେ କେବଳ ରଙ୍ଗ ମାରି ୬ ଲକ୍ଷ ବିଲ୍ ହେଉଛି କେମିତି ବୋଲି ପ୍ରଶ୍ନ କରିଥିଲେ। ଯଦି କାମ ହୋଇ ନଥିବା କମିଟିକୁ କାମ କରିବାର ସୁଯୋଗ ନଦେଲେ ଆଉ ସଭାପତି ଓ ସମ୍ପାଦକ ବାତ୍ୟା ଆଶ୍ରୟସ୍ଥଳୀର କୌଣସି କାମରେ ସହଯୋଗ କରିବୁ ନାହିଁ ବୋଲି କହିଥିଲେ। ସମସ୍ତ ଅଭିଯୋଗ ଶୁଣିବା ପରେ ଜିଲ୍ଲା ଜରୁରିକାଳୀନ ଅଧିକାରିଣୀ ଶ୍ରୀମତୀ ସାହୁ କହିଥିଲେ, ଅଭିଯୋଗ ଅନୁସାରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବ। ଯେଉଁ ଆଶ୍ରୟସ୍ଥଳୀର କାମ ଆରମ୍ଭ ହୋଇ ନାହିଁ, ସେଠାକାର ସିଏସଏମଏମସିକୁ କାମ ପ୍ରଦାନ କରାଯିବ।

## ପୋର୍ଟ କମ୍ପାନୀର ଶୋଷଣକୁ ଶ୍ରମିକ ସଂଗଠନର ବିରୋଧ

ଭଦ୍ରକ, ୧୦।୧୦(ସମିସ): ଧାମରା ପୋର୍ଟ ଶ୍ରମିକ ସଂଗଠନ ପକ୍ଷରୁ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୋର୍ଟ କମ୍ପାନୀର ଶୋଷଣ ବିରୋଧରେ ଶ୍ରମିକ ସଂଗଠନ ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି।




ଶୁକ୍ରବାର ଚାନ୍ଦବାଲି ବ୍ଲକ ବାଂଶଡାଠାରେ ଧାମରା ପୋର୍ଟରେ କାର୍ଯ୍ୟରତ ଶ୍ରମିକ ସଂଗଠନ ସିଆଇଟିୟୁ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ସିଆଇଟିୟୁ ଜିଲ୍ଲା ସଭାପତି ତଥା ରାଜ୍ୟ ଉପସଭାପତି ଦିବ୍ୟସିଂହ ନାୟକ ସଭାପତିତ୍ୱ କରିଥିଲେ। ଶ୍ରମିକ ନେତାଙ୍କ ସମେତ କାର୍ଯ୍ୟରତ ବହୁ ଶ୍ରମିକ ଯୋଗ ଦେଇଥିଲେ। ଡବଲ ଇଞ୍ଜିନ ସରକାର ଶ୍ରମିକ ବିରୋଧୀ, ଶ୍ରମିକଙ୍କୁ ଶୋଷଣ କରି ପୁଞ୍ଜିପତିଙ୍କୁ ସୁହାଇଲା ଭଳି କାର୍ଯ୍ୟ କରୁଛି ବୋଲି ବକ୍ତାମାନେ ମତ ରଖିଥିଲେ। ଶାଗମାଛ ଦରରେ କମ୍ପାନୀକୁ ଜମି ଦେଇଥିଲେ ସ୍ଥାନୀୟ ଲୋକ, ପ୍ରତିବଦଳରେ କମ୍ପାନୀ ଠିକା ସଂସ୍ଥାରେ ଚାକିରି ଦେଇ କମ୍ପାନୀ ହାତ ଟେକି ଦେଇଥିବା ଅଭିଯୋଗ କରିଛନ୍ତି ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା। ଦୀର୍ଘଦିନ ଧରି ଠିକା ସଂସ୍ଥା କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନିୟମିତ କରିବା ସହ ଶ୍ରମିକ ଶୋଷଣ ବନ୍ଦ କରିବାକୁ ସଂଘର ସଭାପତି ସୁଭଦ୍ର କୁମାର ସାମଲ ପ୍ରକାଶ କରିଛନ୍ତି।

# ଗଜଲକ୍ଷ୍ମୀ ପୂଜା ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ଅସୁରାଳି, ୧୦।୧୦(ସମିସ): ନିକଟସ୍ଥ ପଙ୍ଗଟା ଘାଟକୁଳ ଗାଁର ଗଜଲକ୍ଷ୍ମୀ ପୂଜା ମହୋତ୍ସବର ୪ର୍ଥ ସନ୍ଧ୍ୟା ଉତ୍ସାହ ଓ ଉଦ୍ଦୀପନାରେ ଅନୁଷ୍ଠିତ ହୋଇଯାଇଛି। ମା' ଗଜଲକ୍ଷ୍ମୀଙ୍କ ଆଶୀର୍ବାଦରେ ଆଲୋକିତ ମଞ୍ଚରେ ଉପସ୍ଥିତ ଥିଲେ ଜିଲ୍ଲାପାଳ ଦିଲୀପ ରାଉତରାଏ। ଗାଁ ଜୀବନର ସାଂସ୍କୃତିକ ଗଭୀରତା, ଉତ୍ସବର ଏକତା ଓ ଅନୁଭୂତିକୁ ଉଜାଗର କରିଥିଲେ। ଅତିଥି ତାଲିକାରେ ଉପସ୍ଥିତ ଥିଲେ ଧୂଷୁରୀ ଥାନାଧିକାରୀ ସୁଦର୍ଶନ ବାଗେ, ବରିଷ୍ଠ ନେତା ଚତୁର୍ଭୁଜ ନାୟକ, ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ଓ ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ। ମା' ଗଜଲକ୍ଷ୍ମୀ ସାଂସ୍କୃତିକ ଅନୁଷ୍ଠାନର ସଭାପତି ନିଶିକାନ୍ତ ନାୟକ ଓ ସମ୍ପାଦକ ସିମାଞ୍ଚଳ ଦାସ ନେତୃତ୍ୱ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ମିଛ କବିତା ସାହିତ୍ୟ ସଂସଦ ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ଯିଏ ଶବ୍ଦର ଶୃଙ୍ଗାରରେ ଉତ୍ସବର ଗାମ୍ଭୀର୍ଯ୍ୟକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାର ଦାୟିତ୍ୱ ନେଇଥିଲେ ଅରବିନ୍ଦ ଦାସ, ହିମାଂଶୁ ରାଉତ, ପ୍ରଦୀପ କୁମାର ମାଝୀ, ତନ୍ମୟ ମହାପାତ୍ର, ପ୍ରଶାନ୍ତ ନାୟକ ଓ ଅନୁଷ୍ଠାନର ସମସ୍ତ ସଦସ୍ୟ। ମହୋତ୍ସବ କମିଟି ତରଫରୁ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମଲ୍ଲିକ, ଦିଗମ୍ବର ମଲ୍ଲିକ, ବ୍ରହ୍ମାନନ୍ଦ ନାୟକ, ସଫଳ ଚାଷୀ ହୃଷୀକେଶ ବସନ୍ତିଆ, ସମାଜସେବୀ ସୁଦର୍ଶନ ବେହେରା ଓ ସାମ୍ବାଦିକ ଆଲୋକ କାନୁନଗୋ। ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକାରୀ ସଭାପତି ରତିକାନ୍ତ ନାୟକ। ଜିଲ୍ଲାପାଳ ଦିଲୀପ ରାଉତରାଏ ଧୂଷୁରୀ ପ୍ରେସ ୟୁନିଅନର କୋଷାଧ୍ୟକ୍ଷ ରତିକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଝୋଟର ବଜାର ମୂଲ୍ୟରେ ହ୍ରାସ

# ନଳିତା ଚାଷ ପ୍ରତି ବିମୁଖ ଚାଷୀ

ବନ୍ତ/ଆଗରପଡ଼ା,୧୦।୧୦(ସମିସ): ଝୋଟର ବଜାର ମୂଲ୍ୟରେ ହ୍ରାସ ଘଟୁଛି। ଦିନକୁ ଦିନ ନଳିତା ଚାଷ ପ୍ରତି ବିମୁଖ ହେବାରେ ଲାଗିଛି ଚାଷୀ। ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଚାଷ ପାଇଁ ଭିତ୍ତିଭୂମି ରହିଥିଲେ ସୁଦ୍ଧା ପରିଶ୍ରମ ତୁଳନାରେ ସେମାନେ ସେମାନଙ୍କ ପ୍ରାପ୍ୟ ପାଇପାରୁ ନଥିବାରୁ ଉକ୍ତ ଚାଷ ପ୍ରତି ବିମୁଖ ହେବାରେ ଲାଗିଥିବା ଜଣାପଡ଼ିଛି। ଓଡ଼ଙ୍ଗ ପଞ୍ଚାୟତ ବୋଡ଼କପାଟଣା ଓ ବୋଡ଼କମୁହାଜୀବୀ ଗ୍ରାମର କିଛି ଚାଷୀଙ୍କ କହିବାନୁଯାୟୀ, ଦିନଥିଲା ଉକ୍ତ ଅଂଚଳରେ ପାଖାପାଖି ୭ ହେକ୍ଟରରୁ ଅଧିକ ଜମିରେ ନଳିତା ଚାଷ କରାଯାଉଥିଲା। କିଛି ବର୍ଷ ହେବ ଝୋଟର ବଜାର ଦର କ୍ୱିଣ୍ଟାଲ ପ୍ରତି ୪ହଜାରରୁ ସାଢେ୪ହଜାର ରହିଥିବା ବେଳେ ଏହାର ମୂଲ୍ୟ ଯଦି ବୃଦ୍ଧି ପାଇ ୭ହଜାରରୁ ୮ହଜାର ହୋଇପାରନ୍ତା ତେବେ ସେମାନେ ସେମାନଙ୍କ ପରିଶ୍ରମ ଅନୁସାରେ କିଛି ଲାଭ ପାଇପାରନ୍ତେ। ଚଳିତ ବର୍ଷ ଉକ୍ତ ଅଞ୍ଚଳରେ ୪ରୁ ୫ହେକ୍ଟର ଜମିରେ ଉକ୍ତ ଚାଷ ହୋଇଛି। ଅପରପକ୍ଷରେ, କିଛି ଚାଷୀ ନିଜ ଚାଷ ଜମିରେ ପରିବା ଚାଷ କରି ଏହାଠୁ ଅଧିକ ଲାଭ ପାଉଥିବାର ମଧ୍ୟ ପ୍ରକାଶ କରିଛନ୍ତି। ସରକାରଙ୍କ ଦ୍ୱାରା ଉକ୍ତ ଚାଷ ପ୍ରତି ମିଳୁଥିବା ପ୍ରୋତ୍ସାହନ ରାଶି ମଧ୍ୟ ଚାଷୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରୁନଥିବା ସେମାନେ ଅଭିଯୋଗ କରନ୍ତି। ବିଭାଗୀୟ ଅଧିକାରୀଙ୍କ ମନମୁଖୀ ଯୋଗୁଁ ନଳିତା ଚାଷରେ ନିୟୋଜିତ ଚାଷୀ ପ୍ରୋତ୍ସାହନ ରାଶି ପାଇପାରୁ ନାହାନ୍ତି।



ଓଡ଼ଙ୍ଗ ପଞ୍ଚାୟତର ବୋଡ଼କପାଟଣା ଓ ବୋଡ଼କମୁହାଜୀବୀ ଗ୍ରାମର ଭଗବାନ ପୃଷ୍ଟି, କାର୍ତ୍ତିକ ଜେନା, ମହେନ୍ଦ୍ର ଜେନା, ହରିହର ଜେନା, ବାଉଲି ଖିଲାର, ଜଲି ଦାସ, ନୃସିଂହ ଦାସ, ଅପର୍ତ୍ତି ସାହୁ, ବାବୁଲି ସାହୁ, ସୁରେନ୍ଦ୍ର ଜେନା ଏହିପରି ପାଖାପାଖି ୫୦ ଜଣ ଚାଷୀ ଏହି ଚାଷରେ ନିଜକୁ ପଞ୍ଜିକୃତ କରି ଗୁଜୁରାଣ ମେଣ୍ଟାଉଥିଲେ ସୁଦ୍ଧା ଏହି ଚାଷ ସମୟରେ ଚାଷୀଙ୍କୁ ଉପଯୁକ୍ତ ବିହନ, ବୈଷୟିକ କୋ÷ଶଳ ଓ ଆବଶ୍ୟକ ପ୍ରୋତ୍ସାହନ ମିଳୁ ନଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଚାଷର ବିକାଶ ଆଶାନୁରୂପ ହୋଇପାରୁନଥିବା ଜଣାପଡ଼ିଛି। ବୁଡ଼ି ଯାଉଥିବା ଚାଷକୁ ଉଜ୍ଜୀବିତ କରିବା ସହ ଝୋଟର ଚାହିଦା ବୃଦ୍ଧି ପାଇଁ ସରକାର ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ସିବିଆଇ ପଞ୍ଝାରେ ଆରପିଏଫ୍ ଯବାନ



ରାଉରକେଲା, ୧୦।୧୦ (ସମିସ): ଚକ୍ରଧରପୁର ରେଳ ଡିଭିଜନ୍ ଅଧୀନ ବନ୍ଧମୁଣ୍ଡାରେ ଜଣେ ଅଳିଆ ସଂଗ୍ରହକାରୀଙ୍କଠାରୁ ଲାଞ୍ଚ ନେବା ବେଳେ ଜଣେ ଆରପିଏଫ୍ ଯବାନଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଆରପିଏଫ୍ ଯବାନ ହେଉଛନ୍ତି, ମହମ୍ମଦ ଅସରାର। ସୂଚନାନୁସାରେ, ଅସରାର ବନ୍ଧମୁଣ୍ଡା ଆରପିଏଫ୍ ପୋଷ୍ଟରେ ନିଯୁକ୍ତ ଥିଲେ। ସ୍ଥାନୀୟ ରେଲୱେ କଲୋନୀରେ ପ୍ଲାଷ୍ଟିକ୍ ବୋତଲ ଏବଂ ସ୍କ୍ରାପ୍ ଅଳିଆ ସଂଗ୍ରହ କରୁଥିବା ଜଣେ ମହିଳାଙ୍କଠାରୁ ପ୍ରତି ମାସରେ ୧୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ସେ ସିବିଆଇରେ ଅଭିଯୋଗ କରିଥିଲେ। ଏହି କ୍ରମରେ ଶୁକ୍ରବାର ସକାଳେ ଅଭିଯୋଗକାରିଣୀଙ୍କଠାରୁ ବିଶ୍ରା ଛକଠାରେ ଆରପିଏଫ୍ ଯବାନ ମହମ୍ମଦ ଅସରାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସିବିଆଇ ଟିମ୍ ଚଢ଼ଉ କରିଥିଲେ। ଏହା ଦେଖି ଯବାନଜଣଙ୍କ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ ସିବିଆଇ ଟିମ ତାଙ୍କୁ କାବୁ କରିନେବା ସହ ତାଙ୍କଠାରୁ ରାସାୟନିକ ରଙ୍ଗ ବୋଳା ଉକ୍ତ ଲାଞ୍ଚ ଟଙ୍କାକୁ ଜବତ କରିଥିଲା। ସିବିଆଇ ଟିମ୍ ଅସରାରଙ୍କୁ ଅଧିକ ପଚରାଉଚରା ପାଇଁ ନେଇଯାଇଛି। ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ ଉକ୍ତ ଚଢ଼ଉ ବନ୍ଧମୁଣ୍ଡା ଓ ରାଉରକେଲାରେ ତୃତୀୟ ଘଟଣା। ପୂର୍ବରୁ ରେଲୱେ କର୍ମଚାରୀ ଓ ଆରପିଏଫ୍ ଲାଞ୍ଚ ନେଉଥିବା ସମୟରେ ଗିରଫ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାରିଆ ମାଚାଡ଼ୋଙ୍କୁ...

ଶୁକ୍ରବାର ଘୋଷଣା କରାଯାଇଛି। ମାରିଆ ପ୍ରତିଷ୍ଠା କରିଥିବା 'ସୁମାତେ' ନାମକ ଏନ୍‌ଜିଓ ଦେଶରେ ଏକଛତ୍ରବାଦ ଶାସନ ବିରୋଧରେ ଏବଂ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଆସୁଛି। ଏହି ସଂସ୍ଥା ଦେଶରେ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ ପାଇଁ ଦାବି କରିଆସୁଛି।

ମାରିଆଙ୍କୁ ପୁରସ୍କାର ବାବଦରେ ୧୧ ମିଲିଅନ ସ୍ୱିଡିଶ କ୍ରୋନର ଅର୍ଥାତ ୧୦.୩ କୋଟି ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ମିଳିବ। ଡିସେମ୍ବର ୧୦ରେ ନରୱେର ରାଜଧାନୀ ଓସଲୋରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ୧୯୬୭ ଅକ୍ଟୋବର ୭ରେ ଭେନଜୁଏଲାର କାରାକାସ୍‌ରେ ଜନ୍ମଗ୍ରହଣ କରିଥିବା ମାରିଆ ରାଜନୀତିକୁ ଆସିବା ପୂର୍ବରୁ ଜଣେ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟର ଭାବେ ବେଶ୍ ସଫଳତା ହାସଲ କରିଥିଲେ। ୨୦୨୫ରେ ପ୍ରକାଶିତ ସବୁଠାରୁ ପ୍ରଭାବଶାଳୀ ତାଲିକାରେ ମାରିଆଙ୍କୁ ସାମିଲ କରାଯାଇଥିଲା। ୨୦୧୧ରୁ ୨୦୧୪ ମଧ୍ୟରେ ସେ ଭେନଜୁଏଲାର ରାଷ୍ଟ୍ରୀୟ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ମଧ ସେ ଏକାଧିକ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ୨୦୨୪ରେ ୟୁରୋପୀୟ ସଂଘର ସାଖାରୋଭ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଏହା ୟୁରୋପୀୟ ସଂଘ ତାଙ୍କୁ ସର୍ବୋଚ୍ଚ ମାନବାଧୀକାର ପୁରସ୍କାର ଦେଇଥିଲା। ୨୦୨୪ରେ ସେ ଭେନଜୁଏଲାରେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ସେ ଏବଂ ତାଙ୍କ ପାର୍ଟି ବିଜୟୀ ହୋଇଥିଲେ ମଧ ତାଙ୍କୁ ଶାସନରୁ ଦୂରେଇ ରଖାଯାଇଥିଲା।

ଶୁଳ୍କ ଯୁଦ୍ଧ ଆରମ୍ଭ କରି ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କୁ ନିରାଶ ହେବାକୁ ପଡ଼ିଛି। ପାକିସ୍ତାନ, ତୁର୍କୀ, ଇସ୍ରାଏଲ, କାମ୍ବୋଡିଆ, ଥାଇଲାଣ୍ଡ, ରାୱାଣ୍ଡା, କଙ୍ଗୋ, ଆର୍ମେନିଆ, ଆଜରବୈଜାନ ଏବଂ ଶେଷରେ ରୁଷ୍‌ର ସମର୍ଥନ ସତ୍ତ୍ୱେ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରି ନାହିଁ। ଏହି ପୁରସ୍କାର ପାଇବା ପାଇଁ ଦୀର୍ଘ ଦିନ ହେଲା ଟ୍ରମ୍ପ କରିଥିବା ପ୍ରଚାରପ୍ରସାର ବ୍ୟର୍ଥ ହୋଇଯାଇଛି। ୮ଟି ଯୁଦ୍ଧ ବନ୍ଦ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ଦାବି ସହିତ ସ୍ୱିଡେନ ଅର୍ଥମନ୍ତ୍ରୀଙ୍କୁ ଫୋନ କରିବା ପରେ ବି ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପ ଅଯୋଗ୍ୟ ହୋଇଛନ୍ତି।

### ପୂର୍ବ ଜେଲ୍...

ଅନ୍ୟପକ୍ଷରେ ଏହି ସମଗ୍ର ଘଟଣାରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ଼୍ (ଓପିଆର୍‌ବି) ସହ ନିଯୁକ୍ତି ପରୀକ୍ଷା ଟେଣ୍ଡର ପାଇଥିବା ଆଇଟିଆଇ ଲିମିଟେଡ୍ ଅନୁରୂପ ଦାୟୀ ବୋଲି ଅଭିଯୋଗ ହୋଇଛି । ଓପିଆରବି ସହ ଆଇଟିଆଇ କରିଥିବା ବୁଝାମଣା ଅନୁସାରେ ସମ୍ପୃକ୍ତ ସଂସ୍ଥା କେବଳ ପରୀକ୍ଷା ପରିଚାଳନା ନିମନ୍ତେ ଅନ୍ୟ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବା ବ୍ୟବସ୍ଥା ରହିଥିଲା। ମାତ୍ର ପରୀକ୍ଷା ପରିଚାଳନାରେ ସହଯୋଗ ନେବା ପରିବର୍ତ୍ତେ ଆଇଟିଆଇ ଲିଃ ପୁରା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବ୍‌କୁ ପ୍ରଦାନ କରିଥିଲା। ଅର୍ଥାତ୍ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାକୁ ଛାପିବା, ଲିଖିତ ପରୀକ୍ଷା ପରିଚାଳନା କରିବା ସମସ୍ତ ଦାୟିତ୍ୱ ସିଲିକନ୍ ନେଇଥିଲା। କୌତୂହଳର କଥା ହେଉଛି ସିଲିକନ୍ ଟେକଲାବ୍ ନିଜେ ପରୀକ୍ଷା ପରିଚାଳନା କରିବା ପରିବର୍ତ୍ତେ ଏହାକୁ ଅନ୍ୟଏକ ଅଖ୍ୟାତ ସଂସ୍ଥା ପଞ୍ଚସଫ୍ଟକୁ ପ୍ରଦାନ କରିଥିଲା। ଦୁଇଟି ପର୍ଯ୍ୟାୟରେ ଦୁଇଟି ସବ୍‌ଲେଟ୍ ଏସ୍‌ଆଇ ପରୀକ୍ଷାରେ ଦୁର୍ନୀତି ପାଇଁ ବାଟ ଖୋଲି ଦେଇଥିଲା । ଅନୁରୂପ ଟେଣ୍ଡରରେ ରହିଥିବା ଅନ୍ୟଏକ ସର୍ତ୍ତ ଅନୁସାରେ ଆଇଟିଆଇ ପରୀକ୍ଷା ପରିଚାଳନା ନିମନ୍ତେ ଯେଉଁ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବ, ସେହି ସଂସ୍ଥା ସମ୍ପର୍କରେ ପୁରା ବିବରଣୀ ଓପିଆର୍‌ବିକୁ ଆଗୁଆ ଦେବା କଥା। ମାତ୍ର ତାହା କରାଯାଇ ନ ଥିବା ଯୋଗୁଁ ଆଇଟିଆଇକୁ ଓପିଆର୍‌ବି ପକ୍ଷରୁ ନୋଟିସ ଜାରି କରାଯାଇଥିବା କୁହାଯାଉଛି।

କୌତୂହଳର କଥା ହେଉଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ଏସ୍‌ଆଇ ପରୀକ୍ଷା ସମ୍ପର୍କରେ ଏବେ ଦେଖାଉଥିବା ଅଜ୍ଞତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଦାୟିତ୍ୱ ପାଇଥିବା ସଂସ୍ଥା ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରୁ ନ ଥିବା ଓ ଏହାକୁ ଅନ୍ୟ ସଂସ୍ଥାକୁ ସବ୍‌ଲେଟ କରାଯାଇଥିବା ସଂକ୍ରାନ୍ତରେ ଓପିଆର୍‌ବିର ସମସ୍ତ ଅଧିକାରୀ ଅବଗତ ଥିଲେ । ଏପରିକି ଓପିଆରବି ସହ ଜଡ଼ିତ ଅନେକ ଅଧିକାରୀ ନିୟମିତ ଭାବରେ ସିଲିକନ୍ ଟେକ୍‌ଲାବ ଓ ପଞ୍ଚସଫ୍ଟ ଅଫିସକୁ ଯିବାଆସିବା କରିବା ଏହି ସନ୍ଦେହକୁ ଦୃଢ଼ୀଭୂତ କରିଛି। ଅନୁରୂପ ଭାବରେ ସିଲିକନ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ପ୍ରଶାସନର ଅନେକ ବଡ଼ ଅଧିକାରୀଙ୍କ ସମ୍ପର୍କ ଏବଂ ପଞ୍ଚ ସଫ୍ଟ ମୁଖ୍ୟ କୁହାଯାଉଥିବା ଶଙ୍କର ପୃଷ୍ଟି, ତାର ସହଯୋଗୀ ମୁନ୍ନା ମହାନ୍ତି ସହ ଶାସକ ଦଳର ବହୁ ନେତାଙ୍କ ଘନିଷ୍ଠତାର ପ୍ରମାଣ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଏହି ପରିପ୍ରେକ୍ଷୀରେ ଓପିଆର୍‌ବି ନିଜ ମୁଣ୍ଡରୁ ଅଠା ଛଡ଼ାଇବାକୁ ଯେପରି ବ୍ୟାକୁଳ, ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ମଧ ଓପିଆରବି ଓ ଶଙ୍କର ପୃଷ୍ଟି ସହ ଜଡ଼ିତ ଶାସକ ଦଳ ନେତାଙ୍କୁ ସୁରକ୍ଷା ଦେବାକୁ ବ୍ୟସ୍ତ ।

ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାରେ ଏସ୍‌ଆଇ ଚାକିରି ବିକ୍ରି କେବଳ ରାଜ୍ୟ ପ୍ରସଙ୍ଗ ହୋଇନାହିଁ । ଏହାର ଚେର ଅନ୍ୟ ରାଜ୍ୟକୁ ବି ବ୍ୟାପିଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟିର ମହାରାଷ୍ଟ୍ର ସମ୍ପର୍କ ଜଣାପଡ଼ିବା ପରେ ଶାସକ ଦଳର କିଛି ନେତାଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି ।

### ଦିଲ୍ଲୀରୁ ଫେରିଲେ...

ସମ୍ପ୍ରତି ପୁଲିସ ଚାକିରି ବିକ୍ରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ସେହିପରି ଭସାଣି ସମୟରେ କଟକରେ ଘଟିଥିବା ଅଘଟଣ ମଧ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିରନ୍ତର ଏହି ଘଟଣା ସମ୍ପର୍କରେ ଖବର ରଖୁଥିବା ଓ ପ୍ରତିକ୍ରିୟା ଦେଉଥିବା ସତ୍ତ୍ୱେ ନବୀନଙ୍କ ଓଡ଼ିଶା ପ୍ରତ୍ୟାବର୍ତ୍ତନକୁ ରାଜ୍ୟବାସୀ ଚାହିଁ ରହିଥିଲେ। ଏହା ସହିତ ଆଗକୁ ନୂଆପଡ଼ା ଉପନିର୍ବାଚନ ଥିବାରୁ ନବୀନଙ୍କ ନିଷ୍ପତ୍ତି ଉପରେ ସବୁ ଦଳର ନଜର ରହିଛି । ଯଦିଓ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳ ପକ୍ଷରୁ ନବୀନ ବରିଷ୍ଠ ନେତାଙ୍କୁ ନେଇ ଷ୍ଟିଅରିଂ କମିଟି ଗଠନ କରିଛନ୍ତି, ତଥାପି ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ । ଏହି ପରିପ୍ରେକ୍ଷୀରେ ଦିନେ ଦୁଇଦିନ ମଧ୍ୟରେ ନୂଆପଡ଼ା ଆସନ ପାଇଁ ନବୀନ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି ।

## ହାଇକୋର୍ଟରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ମାମଲା

# ୧୦ ହଜାର ତଣ୍ଡ ଗଣିବେ ଆବେଦନକାରୀ

କଟକ, ୧୦।୧୦ (ସମିସ): ୨୦୨୪ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇଥିବା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ ଆଣି ନିର୍ବାଚନୀ ମକଦ୍ଦମା ଦାୟର କରିଥିବା ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ତଣ୍ଡ ରାଶି ପଇଠ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲଙ୍କ ଯୋଗ୍ୟତା ଉପରେ ଆପତ୍ତି ଉଠାଇ ଆବେଦନକାରୀ ଡ. ସୁବାସ ମହାପାତ୍ର ଦାଖଲ କରିଥିବା ଅନ୍ତରୀଣ ଆବେଦନକୁ ଅଦାଲତ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନ୍ତରୀଣ ଆବେଦନଗୁଡ଼ିକ ଅଯଥା ଏବଂ ଅଦାଲତଙ୍କ ମୂଲ୍ୟବାନ ନ୍ୟାୟିକ ସମୟର ଅପଚୟ। ଏହାବ୍ୟତୀତ, ନିର୍ବାଚନୀ ମକଦ୍ଦମାର ଆବେଦନକାରୀଙ୍କ ଆଚରଣ ଲୋକ ପ୍ରତିନିଧି ଆଇନ, ୧୯୫୧ର ଧାରା ୮୬(୭) ଅନୁଯାୟୀ ନିର୍ଦ୍ଦେଶର ଉଲ୍ଲଙ୍ଘନ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ ହାଇକୋର୍ଟ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ୧୦ ହଜାର ଟଙ୍କା ତଣ୍ଡ ଆକାରରେ ଦୁଇ ସପ୍ତାହ ମଧ୍ୟରେ ଜମା କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ପ୍ରକାଶଥାଉକି ପ୍ରତିପକ୍ଷଙ୍କ ଆଇନଜୀବୀ ଶ୍ରୀ ଅଗ୍ରୱାଲ ଜାଲ୍ ଏଲଏଲବି ପ୍ରମାଣପତ୍ର ହାସଲ କରିଥିବା ଅଭିଯୋଗ ସହ ଉଭୟ ପ୍ରତିପକ୍ଷ ସାଂସଦ ଶ୍ରୀ ପ୍ରଧାନ ଓ ନିର୍ବାଚନ କମିସନଙ୍କ ପାଇଁ ମାମଲା ପରିଚାଳନା କରୁଥିବାରୁ ତାଙ୍କୁ ମାମଲା ପରିଚାଳନାରୁ ବିରତ କରିବା, ଅଦାଲତକୁ ବିଭ୍ରାନ୍ତ କରିଥିବା ଘଟଣାର ସିବିଆଇ ତଦନ୍ତ, ଆବେଦନକାରୀଙ୍କୁ ନିର୍ବାଚନ କମିସନ ୧୦ କୋଟି କ୍ଷତିପୂରଣ ଦେବା ପାଇଁ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ ଡ. ମହାପାତ୍ର। ଏହାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ତେବେ ମୂଳ ନିର୍ବାଚନୀ ମକଦ୍ଦମାର ଶୁଣାଣି ଆସନ୍ତା ଅକ୍ଟୋବର୨୪କୁ ଧାର୍ଯ୍ୟ କରାଯାଇଛି।

**ପୀତବାସ ପଣ୍ଡା ହତ୍ୟା ଘଟଣା**

## ପୁରୁଣା ଅପରାଧୀଙ୍କ ଫାଇଲ ଓଲଟାଉଛି ପୁଲିସ

- ସ୍କାନରରେ ସାର୍ପ ସୁଟର୍
- ଆସିଲା ପୋଷ୍ଟମର୍ଟମ ଓ ସାଇଣ୍ଟିଫିକ ରିପୋର୍ଟ, ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା
- ୫ ଦିନ ପରେ ବି ସ୍ପଷ୍ଟ ହେଉନି କାରଣ
- ୬ରୁ ଊର୍ଦ୍ଧ୍ୱ ଅଟକ ଓ ଦାମୀ ଗାଡ଼ି ଜବତ

ବ୍ରହ୍ମପୁର,୧୦।୧୦(ସମିସ): ବହୁଚର୍ଚ୍ଚିତ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ଘଟଣାକୁ ଇତି ମଧ୍ୟରେ ୫ଦିନ ବିତିଯାଇଥିଲେ ହେଁ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ସେହିପରି, କେଉଁ କାରଣରୁ ପୀତବାସଙ୍କୁ ହତ୍ୟା କରାଯାଇଛି, ତାହା ମଧ ସାମ୍ନାକୁ ଆଣିପାରିନାହିଁ। ହତ୍ୟାକାଣ୍ଡ ପଛରେ ଏକାଧିକ ତଥା ସମ୍ବେଦନଶୀଳ କାରଣକୁ ନେଇ ଆଲୋଚନା ପରେ ପୁଲିସର ଦ୍ୱନ୍ଦ୍ୱ ବଢ଼ିଯାଇଛି। କେଉଁ ଦିଗକୁ ନେଇ ତଦନ୍ତ ଆଗକୁ ବଢ଼ାଇବ, ତାହା ବର୍ତ୍ତମାନ ପରିସ୍ଥିତିରେ ପୁଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ସହରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ସଂଗୃହୀତ ସିସିଟିଭି ଫୁଟେଜ ଆଧାରରେ ୫୫ରୁ ଅଧିକ ବ୍ୟକ୍ତିଙ୍କୁ ସନ୍ଦେହରେ ପଚରାଉଚରା କରିଛି ପୁଲିସ। ସେପଟେ ଦାମୀ ଗାଡ଼ି ସହ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ସେଥିମଧ୍ୟରେ ଜଣେ ଏସ୍‌ଓଜି କମାଣ୍ଡୋ ଓ ଅନ୍ୟ ଜଣେ ସିଆଇଏସଏଫ ଯବାନ ରହିଛନ୍ତି।

ହତ୍ୟାକାଣ୍ଡରେ ସାର୍ପସୁଟର୍ ବା ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିବା ନେଇ ପୁଲିସର ସନ୍ଦେହ ଘନୀଭୂତ ହୋଇଛି। ସେମାନଙ୍କୁ ଗିରଫ କରିବାକୁ ପୁଲିସ ପ୍ରସ୍ତୁତି ଆରମ୍ଭ କରିଛି। ଜିଲ୍ଲାରେ ପୂର୍ବରୁ ସଂଘଟିତ ବିଭିନ୍ନ ଗୁଳିକାଣ୍ଡ ଘଟଣାରେ ନିୟୋଜିତ ସାର୍ପସୁଟର୍‌ଙ୍କ ତାଲିକା ପ୍ରସ୍ତୁତ କରିବାକୁ ଯାଇ ପୁରୁଣା ଅପରାଧିଙ୍କ ଫାଇଲକୁ ଓଲଟାଉଛି ପୁଲିସ। ପୂର୍ବରୁ କେଉଁ କେଉଁ ମାମଲାରେ ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିଲା ଏବଂ କେଉଁଠାରୁ ଆମଦାନୀ କରାଯାଇଥିଲା, ସେମାନଙ୍କ କୁଣ୍ଡଳୀ ଖୋଜୁଛି ପୁଲିସ।

ଅପରପକ୍ଷେ, ପୀତବାସଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁଲିସକୁ ଅପେକ୍ଷା କରିଥିବା ବେଳେ ଆଜି ତାହା ପୁଲିସ ହାତରେ ଲାଗିଛି। ଏମ୍‌କେସିଜି ମେଡିକାଲର ଏଫଏମ୍‌ଟି ବିଭାଗ ପକ୍ଷରୁ ତଦନ୍ତକାରୀ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ ହସ୍ତାନ୍ତର କରାଯାଇଛି। ପୀତବାସଙ୍କୁ ଅନ୍ୟୂନ ୨ରୁ ୨.୫ମିଟର ଦୂରରୁ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ ପରେ ତାଙ୍କ ଶରୀରରୁ ପ୍ରାୟ ୪ଲିଟର ରକ୍ତସ୍ରାବ ହୋଇଥିଲା। ପ୍ରଚୁର ରକ୍ତସ୍ରାବ ଓ ଛାନିଆ ଯୋଗୁଁ ପୀତବାସଙ୍କ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନଙ୍କ ଗୁଳି ଛାତିରେ ସିଧାନବାଜି ସାମାନ୍ୟ ବଙ୍କା ହୋଇ ବାଜିଥିଲା। ଫଳରେ ଗୁଳିଟି ଶରୀରର ଅନେକ ଶିରାପ୍ରଶିରାକୁ ଭେଦ କରି ମେରୁଦଣ୍ଡ ନିକଟରେ ଲାଖି ରହିଥିଲା ଏବଂ ଗୁଳିଟିକୁ ବାହାର କରିବାକୁ ପ୍ରାୟ ଦେଢ଼ଘଣ୍ଟା ସମୟ ଲାଗିଥିଲା। ଏଭଳି ପୂର୍ବରୁ ଅନ୍ୟ କେଉଁ ମାମଲାରେ ଦେଖାଯାଇନଥିବା କହିଛନ୍ତି ଏଫଏମଟି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଦୀପା ଦାସ। ଅପରପକ୍ଷେ, ପୀତବାସଙ୍କ ରକ୍ତଜୁଡ଼ୁବୁଡ଼ୁ ପୋଷାକର ନମୁନା ସହ ଗୁଳିର ଖୋଖାକୁ ସାଇଣ୍ଟିଫିକ ଟିମ୍ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିଲା। ଇତିମଧ୍ୟରେ ସାଇଣ୍ଟିଫିକ ରିପୋର୍ଟ ପୁଲିସର ହସ୍ତଗତ ହୋଇଥିବା ବେଳେ ଜବତ ଖୋଖା ଓ ଶରୀରରୁ ଉଦ୍ଧାର କରାଯାଇଥିବା ଗୁଳିର ବାଲାଷ୍ଟିକ୍ ରିପୋର୍ଟକୁ ଅପେକ୍ଷା କରାଯାଇଥିବା କହିଛନ୍ତି ବ୍ରହ୍ମପୁର ଏସପି।

## ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ଯୁବକଙ୍କୁ ୨ ବର୍ଷ ଜେଲ

କାକଟପୁର, ୧୦।୧୦ (ସମିସ): ଜୁଡିସିଆଲ ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ପ୍ରଥମ ରାୟରେ ଏକ ସମ୍ବେଦନଶୀଳ ଘଟଣାର ଶୁଣାଣି ହୋଇଥିଲା। ଶୁଣାଣିରେ ଏକ ଐତିହାସିକ ରାୟ ଶୁଣାଇଛନ୍ତି ବିଚାରପତି ଶ୍ରୀଚନ୍ଦନ ଦାଶ। ଜଣେ ଯୁବକ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ବେଳେ ପ୍ରଥମ ପତ୍ନୀ ଆପତ୍ତି ଉଠାଇ ନ୍ୟାୟଭିକ୍ଷା କରିଥିଲେ। ଯାହାର ବିଚାର କରି ବିଚାରପତି ସଂପୃକ୍ତ ଯୁବକଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନାନୁଯାୟୀ, କାକଟପୁର ଥାନା ବାଲିସାହି ଗ୍ରାମର ସୁକାନ୍ତ କାନୁନ୍‌ଗୋ, ଶକୁନ୍ତଳା କାନୁନ୍‌ଗୋଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ତାଙ୍କୁ ନିର୍ଯାତନା ଦେଇ ଘରୁ ତଡ଼ିଦେବା ପରେ ପୁଣି ନୟାହାଟ ଅଞ୍ଚଳ ବିନିସପୁର ଗ୍ରାମର ରୀତା ତରାଇଙ୍କୁ ଦ୍ୱିତୀୟ ବିବାହ କରି ଏକାଠି ରହି ଆସୁଥିଲେ। ତେବେ ପ୍ରଥମ ପତ୍ନୀ ଶକୁନ୍ତଳା ଏହାର ପ୍ରତିବାଦ କରି ୨୦୦୫ରେ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା କେସ୍ ନମ୍ବର ୬୬/୨୦୫ର ତଦନ୍ତ କରିଥିଲା ପୁଲିସ। ପରବର୍ତ୍ତୀ ସମୟରେ ଏହି ମାମଲା ନିମାପଡ଼ା କୋର୍ଟଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲା। ତେବେ କାକଟପୁରରେ ନୂତନ କୋର୍ଟ ଖୋଲିବା ପରେ ଉକ୍ତ ମାମଲାଟି କାକଟପୁର କୋର୍ଟକୁ ବିଚାର ପାଇଁ ପଠାଯାଇଥିଲା। ଯାହାକି କୋର୍ଟର ପ୍ରଥମ ମାମଲା ଥିଲା। ଏହାର ବିଚାର କରି ଶୁକ୍ରବାର କୋର୍ଟଙ୍କ ଦ୍ୱାରା ରାୟ ପ୍ରକାଶ ପାଇଛି। ଜୁଡିସିଆଲ ମାଜିଷ୍ଟ୍ରେଟ୍ ଶ୍ରୀଚନ୍ଦନ ଦାଶଙ୍କ ଦ୍ୱାରା ସୁକାନ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଅନାଦେୟ ଆହୁରି ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ଶକୁନ୍ତଳାଙ୍କ ପକ୍ଷରୁ ସରକାରୀ ଓକିଲ ଅନୀଲ କୁମାର ଦୀକ୍ଷିତ ମାମଲା ପରିଚାଳନା କରୁଥିଲେ। ସେହିପରି ସୁକାନ୍ତଙ୍କ ପାଇଁ ଏମ୍‌କେଏମ୍ ମହାପାତ୍ର ଏବଂ ରୀତା ତରାଇଙ୍କ ପକ୍ଷରୁ ଓକିଲ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରିଥିଲେ।

## ଆଇଇଡି ବିସ୍ଫୋରଣରେ ଶିଶୁ ଗୁରୁତର



ମାଲକାନଗିରି, ୧୦।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ପିଡ଼ିଆ ଅଞ୍ଚଳରେ ନକ୍ସଲମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ନିର୍ଦ୍ଦୋଷ ଶିଶୁ ଗୁରୁତର ଆହତ ହୋଇଛି। ଗ୍ରାମୀଣ ଅଞ୍ଚଳରେ ଏହି ପ୍ରକାର ଘଟଣା ଲଗାତାର ଘଟୁଥିବାରୁ ସ୍ଥାନୀୟ ଲୋକମାନେ ଭୟଭୀତ ଓ ଉତ୍ତେଜିତ ହୋଇପଡ଼ିଛନ୍ତି।

ସୂଚନାନୁସାରେ, ଶିଶୁଟି ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଯାଉଥିବା ବେଳେ ଆଇଇଡି ଉପରେ ତା'ର ପାଦ ପଡ଼ିଯିବାରୁ ବିସ୍ଫୋରଣ ଘଟିଥିଲା। ଫଳରେ ଶିଶୁଟି ଗୁରୁତର ଭାବେ ଆହତ ହୋଇଥିଲା। ଘଟଣାସ୍ଥଳରେ ସିଆରପିଏଫର ୧୯୯ ଓ ୮୫ ବଟାଲିଅନ୍‌ର ଯବାନମାନେ ପହଞ୍ଚି ଆହତ ଶିଶୁକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଶିଶୁଟିର ଗୋଟିଏ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସେ ଗାଇ ଚରାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଛି।

## ୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୦।୧୦(ସମିସ): ତେଲେଙ୍ଗାନାରେ ମାଓବାଦୀ ଆନ୍ଦୋଳନକୁ ଝଟ୍‌କା ଲାଗିଛି। ମାଓବାଦୀ ସଂଗଠନର ତିନିଜଣ ବରିଷ୍ଠ ମାଓନେତା ଆଜି ଡିଜିପି ଶିବଧର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, କୁକାଟି ଭେଙ୍କଟ ଓରଫ ବିକାଶ, ମୋଗିଲିଚର୍ଲା ରାଜୁ ଓରଫ୍ ସିଏନଏମ ଚନ୍ଦୁ ଏବଂ ଗଙ୍ଗୱା ଓରଫ ସୋନି। ଏମାନେ ଦୀର୍ଘବର୍ଷ ଧରି ମାଓବାଦୀ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିଲେ। ତେଲଙ୍ଗାନା, ଓଡ଼ିଶା, ଛତିଶଗଡ଼ ଆଦି ଅଞ୍ଚଳରେ ମାଓ ଅଭିଯାନ ଚଳାଇଥିଲେ। ଡିଜିପି ଶିବଧର ରେଡ୍ଡୀ କହିଛନ୍ତି ଯେ ରାଜ୍ୟ ସରକାର ଯେକୌଣସି ମାଓବାଦୀଙ୍କୁ ହିଂସା ଛାଡ଼ି ସମାଜର ମୁଖ୍ୟଧାରାକୁ ଫେରିବା ପାଇଁ ସୁଯୋଗ ଦେଉଛନ୍ତି। ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି, ସେମାନଙ୍କୁ ପୁନର୍ବାସ ଯୋଜନା ଅନୁଯାୟୀ ସମସ୍ତ ସହାୟତା ଦିଆଯିବ।

**ପଦୋନ୍ନତି ପାଇ କି' ଲାଭ**

## ୫ ମାସ ପରେ ବି ଇନ୍ସପେକ୍ଟର୍ ପଦରେ ଡିଏସ୍‌ପି

- ନିଯୁକ୍ତି ଅପେକ୍ଷାରେ ୯୯ ଡିଏସ୍‌ପି
- ଚୌଦ୍ୱାର ହାଜତ ମୃତ୍ୟୁ ପରେ ମନରେ ଛନକା

ଭୁବନେଶ୍ୱର, ୧୦।୧୦(ସମିସ): ଗତ ଏପ୍ରିଲରେ ୧୬୯ ଜଣ ଇନ୍ସପେକ୍ଟର୍‌ଙ୍କ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି କରାଯାଇଥିଲା। ଜୁନ୍ ୨୬ରେ ସେଥିମଧ୍ୟରୁ ୭୦ଜଣଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଗଲା। ଅର୍ଡର୍ ସିନା ବାହାରିଗଲା, ହେଲେ ସେମାନଙ୍କୁ ରିଲିଭ୍ କରାଗଲା ନାହିଁ। କେତେଜଣ ଅଧିକାରୀଙ୍କୁ ଛାଡ଼ିଦେଲେ, ବାକି ଯିଏ ଯେଉଠି ଥିଲେ, ଏବେ ବି ସେଇଠି ଅଛନ୍ତି। ଅଧା ପଦୋନ୍ନତି ପାଇଥିଲେ ମଧ ନିଯୁକ୍ତି ପାଇନାହାନ୍ତି। ଆଉ କିଛି ନିଯୁକ୍ତି ପାଇଥିଲେ ବି ନୂଆ ସ୍ଥାନରେ ଯୋଗ ଦେଇପାରୁନାହାନ୍ତି। ରାଜ୍ୟ ପୁଲିସର ଅନ୍ୟତମ ମେରୁଦଣ୍ଡ କୁହାଯାଉଥିବା ଡିଏସ୍‌ପି ରାଙ୍କର ଅଧିକାରୀଙ୍କ ଅବସ୍ଥା ଏବେ ଏମିତି।

ପୂର୍ବରୁ ଡିଏସ୍‌ପି ବଦଳି କ୍ଷମତା ପୁଲିସ ଡିଜି କରୁଥିବା ବେଳେ ନୂଆ ସରକାର ଆସିବା ପରେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ଛଡ଼ାଇ ନେଇଥିଲା। ଡିଏସ୍‌ପିମାନେ ନିଯୁକ୍ତି ନ ପାଇବା ଖୋଦ୍ ଗୃହ ବିଭାଗର ଅକ୍ଷମତାକୁ ପଦାରେ ପକାଇଥିବା ବେଳେ ପୁଲିସ ଅଧିକାରୀଙ୍କ ମନୋବଳ ଭାଙ୍ଗିବାରେ ଲାଗିଛି।

ସୂଚନାନୁସାରେ, ଗତ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ କୁହାଯାଇଥିଲା। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସ୍‌ପିଙ୍କୁ ନିଯୁକ୍ତି ମିଳିଥିଲା। ହେଲେ, ବାକି ୯୯ ଜଣ ଡିଏସ୍‌ପି ଏବେ ମଧ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି। ଡିଏସ୍‌ପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚ୍‌ର ଅଧିକାରୀଙ୍କୁ ନିଯୁକ୍ତି ମିଳିଥିବା ବେଳେ ବରିଷ୍ଠମାନଙ୍କୁ ଏ ପର୍ଯ୍ୟନ୍ତ ମିଳିନାହିଁ। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହା ଭିତରେ ପଦୋନ୍ନତିକୁ ୫ ମାସ ବିତିଯାଇଥିଲେ ମଧ ୯୯ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ, ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି(ଇନ୍‌ଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି।

ସେପଟେ ଗତ ମାସ ତୃତୀୟ ସପ୍ତାହରେ ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ନୂଆ କରି ପଦୋନ୍ନତି ପାଇଥିବା ଡିଏସ୍‌ପି ତଥା ତତ୍କାଳୀନ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କୁ ନିଲମ୍ବିତ କରାଯାଇଥିଲା। ଏହାଦ୍ୱାରା ପଦୋନ୍ନତି ପାଇ ଥାନା ଦାୟିତ୍ୱରେ ଥିବା ଡିଏସ୍‌ପିମାନଙ୍କ ମନରେ ଛନକା ପଶିଛି। ଗୋଟିଏପଟେ, ଉପର ପାହ୍ୟାର ଅଧିକାରୀ ହୋଇ ଥାନା ଦାୟିତ୍ୱରେ ରହିବେ, ଅନ୍ୟପଟେ କୌଣସି ଅଘଟଣ ଘଟିଲେ ନିନ୍ଦା ଅପବାଦ ମୁଣ୍ଡାଇବା ସହ ନିଲମ୍ବନ ହେବାର ଭୟ ଏବେ ସେମାନଙ୍କୁ ଘାରିଛି। ଏଥିସହ ପଦୋନ୍ନତି ପାଇ ଅସ୍ଥାୟୀ ଭାବେ ଥାନା ଦାୟିତ୍ୱରେ ଥିବାରୁ ତଳ କର୍ମଚାରୀମାନେ ମଧ ସେମାନଙ୍କ କଥାକୁ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ପଦୋନ୍ନତିର ୫ ମାସ ପରେ ମଧ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପିଲାଙ୍କ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବାକୁ ନିମନ୍ତେ ପରାମର୍ଶ

# ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ମନା

ଭୁବନେଶ୍ୱର,୧୦।୧୦(ସମିସ): ଦେଶର ବିଭିନ୍ନ ସ୍ଥାନରେ ବିଷାକ୍ତ କଫ ସିରଫ ଯୋଗୁଁ ଶିଶୁମାନଙ୍କ ମୃତ୍ୟୁ ପରେ ଓଡ଼ିଶାରେ ମଧ ଏହାକୁ ନେଇ ଚର୍ଚ୍ଚା ହେଉଛି। ଏଣୁ ଶୁକ୍ରବାର ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ, ହସ୍ପିଟାଲ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ଚିକିତ୍ସା ବିଶେଷଜ୍ଞ ସଂଘ, ଓଡ଼ିଶା ମେଡିକାଲ ସେବା ସଂଘ ପ୍ରଭୃତିକୁ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ,ସୁଚିନ୍ତିତ ଓ ଯୌକ୍ତିକ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ। ସେଥିପାଇଁ ସବୁବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ। ଅପରପକ୍ଷେ ଶରୀରର ପର୍ଯ୍ୟାପ୍ତ ଜଳଯୋଜନ (ଆଡ଼ିକ୍ୟୁଏଟ ହାଇଡ୍ରେସନ), ବିଶ୍ରାମ ଏବଂ ଆନୁସଙ୍ଗିକ ସହାୟତା ଆଦି ଉପରେ ଅଗ୍ରାଧିକାର ଦିଆଯିବା ଦରକାର। ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ଦିଆଯିବା ଉଚିତ୍ ନୁହେଁ। ଏହି ସବୁ ଔଷଧ ମଧ ୫ବର୍ଷରୁ କମ ପିଲାଙ୍କ ପାଇଁ ସୁପାରିଶ ଯୋଗ୍ୟ ନୁହେଁ। ଏପରିକି ୫ବର୍ଷରୁ ଅଧିକ ବୟସ୍କ ପିଲାଙ୍କ ପାଇଁ ଏସବୁ ପ୍ରକାର ଔଷଧ ଉପଯୁକ୍ତ ପରୀକ୍ଷା ନିରୀକ୍ଷା, ସମ୍ପୃକ୍ତ ପିଲାର ସ୍ୱାସ୍ଥ୍ୟ ଅବସ୍ଥାର ସଠିକ୍ ଆକଳନ ଆଦି ପରେ ଡାକ୍ତରଙ୍କ ସିଧାସଳଖ ତତ୍ତ୍ୱାବଧାନରେ କରାଯିବା ଦରକାର। ପିଲା କେତେ ମାତ୍ରାରେ ଔଷଧ କେତେ ଥର ଓ କେତେବେଳେ ଖାଇବ ତାହା ମଧ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ହେବା ଦରକାର।

ଶିଶୁ ରୋଗ ଚିକିତ୍ସା ଓ ଔଷଧ ବଣ୍ଟନ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟମାନଙ୍କୁ ଏହି ପରାମର୍ଶ ଅନୁପାଳନ ନିମନ୍ତେ କୁହାଯାଇଛି।

**Government of Odisha "e" Procurement Notice**

Bid Identification No. TENDER ONLINE SNPR-03 OF 2025-26 O-967

| | | |
|---|---|---|
| 1. | Name of the work | Building Works as per DTCN available in the website www.tendersodisha.gov.in |
| 2. | Total No. of Work | 02 (Two) Nos. |
| 3. | Approximate Estimated Cost | Vary from Rs. 23.57 lakh to Rs. 47.70 lakh |
| 4. | Period of Completion | 6 (Six Calendar months) to 9 (Nine Calendar months) |
| 5. | Period and time of availability of bid document in the portal for bidding | 13.10.2025 at 11.00 AM to 24.10.2025 up to 5.00 PM |
| 6. | Date and time of opening of Tender | 27.10.2025 at 11.00 AM (Technical Bid) & (Financial Bid will be intimated later on) |
| 7. | Name and address of the officer inviting bid | S.E.R.W. Division, Sonepur |

(1) Other details can be seen from detailed notice
(2) Inviting tenders, available in website www.tendersodisha.gov.in
(3) Corrigendum if any shall only be published in the website: www.tendersodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0037/2526

## ଆଜିର ରାଶିଫଳ

**ମେଷ:** ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ ବିତିବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ । ସଫଳତା ପାଇଁ କଠିନ ପରିଶ୍ରମ କରିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପଢ଼ା ପାଇଁ ଅର୍ଥ ନିବେଶ କରିବେ । ଦୂରସ୍ଥାନକୁ ଯାତ୍ରା କରିବେ । ଧାର କରଜରୁ ନିବୃତ୍ତ ରହିବେ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ ।

## ଆଜିର ଇତିହାସ

- ୧୮୫୨- ସିଡ୍‌ନୀ ବିଶ୍ୱବିଦ୍ୟାଳୟର ସ୍ଥାପନା ।
- ୧୯୦୨- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମ ।
- ୧୯୩୬- ପ୍ରଫେସର କ୍ୱିଜ୍ ନାମରେ ରେଡିଓରେ ପ୍ରଥମ କ୍ୱିଜ୍ କାର୍ଯ୍ୟକ୍ରମର ପ୍ରସାରଣ ଆରମ୍ଭ ହେଲା ।
- ୧୯୪୨- ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଜନ୍ମ ।
- ୧୯୪୫- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେଲା ।
- ୧୯୮୭- ଭାରତୀୟ ଶାନ୍ତି ସେନା ଶ୍ରୀଲଙ୍କାରେ ଅପରେସନ୍ ପବନର ଆରମ୍ଭ କଲା ।

## ଆନ୍ତର୍ଜାତିକ ବାଳିକା ଦିବସ




ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ବିରୋଧରେ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି । ବାଳିକାମାନଙ୍କୁ ସେମାନଙ୍କ ଅଧିକାର, ଆହ୍ୱାନ ଏବଂ ସୁଯୋଗ ବିଷୟରେ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଏ । ୧୯ ଡିସେମ୍ବର ୨୦୧୧ରେ ଜାତିସଂଘ ସାଧାରଣ ପରିଷଦରେ ଏହି ଦିବସ ପାଳନ କରାଯିବା ପାଇଁ ଘୋଷଣା କରାଯିବା ପରେ ୨୦୧୨ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା । ଆଜି ବି ବାଳିକାମାନେ ସବୁ କ୍ଷେତ୍ରରେ ଉପେକ୍ଷିତ । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ସମ୍ମୁଖୀନ ହେଉଛନ୍ତି । ଏଣୁ ସେମାନଙ୍କ ପାଇଁ ବି ଏକ ସୁରକ୍ଷିତ ପରିବେଶର ଆବଶ୍ୟକତା ରହିଛି । ଏହା ସହ ବାଲ୍ୟ ବିବାହ, ଭ୍ରୁଣହତ୍ୟା ରୋକିବାର ଆବଶ୍ୟକତା ରହିଛି । ଏହି କଥାକୁ ଗମ୍ଭୀରତାର ସହ ଉପଲବ୍ଧି କରି ମିଳିତ ଜାତିସଂଘ ପକ୍ଷରୁ ବାଳିକାଙ୍କ ସଶକ୍ତୀକରଣ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି । ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ବାଳିକାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଦିଗରେ ସଚେତନ ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ । ଭାରତ ସରକାର ବାଳିକାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ଆରମ୍ଭ କରିଛନ୍ତି । କେବଳ ସରକାର ନୁହେଁ, ଆମ ସମସ୍ତଙ୍କ ଭିତରେ କନ୍ୟା ଶିଶୁଟି ପ୍ରତି ଆନ୍ତରିକ ଭଲପାଇବା ସହ ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନିଜ ନିଜର ଦାୟିତ୍ୱବୋଧତାର ଅଗ୍ରଗତି ଜରୁରି । ତାହେଲେ ଯାଇ ଆଜି ଦିନଟିର ସାର୍ଥକତା ପ୍ରତିପାଦିତ ହେବ । ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତିଟି ଝିଅ କିପରି ପାଠ ପଢ଼ିବେ, ଶିକ୍ଷିତ ହେବେ, ସମାନ ଅଧିକାର ପାଇବା ସହ କିପରି ସମାଜ କଲ୍ୟାଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ସେ ବାବଦରେ ଧ୍ୟାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ।

## ମୃତ୍ୟୁ ପରର ଦୁନିଆ ଦେଖିଥିବା କହିଲେ ଡାକ୍ତର



କଥାରେ ଅଛି, 'ରଖେ ହରି ତ ମାରେ କିଏ' । ଏହାର ଅର୍ଥ ଭଗବାନ ଯାହାକୁ ରକ୍ଷା କରିବାକୁ ଚାହିଁବେ ଅନ୍ୟ କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ । ବିଶ୍ୱରେ ଅନେକ ଲୋକ ମୃତ୍ୟୁକୁ ଅତି ନିକଟରେ ଦେଖି ପୁଣି ଜୀବିତ ରହିଥିବା କଥା ଯୁକ୍ତି ବାଢ଼ନ୍ତି । ଏଭଳି ଏକ ଘଟଣା ବିଷୟରେ ନିକଟରେ ଖୋଦ୍ ଜଣେ ଡାକ୍ତର କହିଛନ୍ତି । ଭାରତୀୟ ବଂଶୋଦ୍ଭବ ରାଜୀବ ପାରତୀ ଏକଦା ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ ବେକର୍ସଫିଲ୍ଡ ହାର୍ଟ ହସ୍ପିଟାଲର ମୁଖ୍ୟ ନିଶ୍ଚେତକ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ । ଏକଦା ସେ କିପରି ମୃତ୍ୟୁକୁ ଅତି ନିକଟରେ ଦେଖିଥିଲେ ସେକଥା ନିକଟରେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ୨୦୦୮ ମସିହାରେ ତାଙ୍କୁ ୫୧ ବର୍ଷ ହୋଇଥିବାବେଳେ ତାଙ୍କର ମୂତ୍ରାଶୟ କର୍କଟ ଅସ୍ତ୍ରୋପଚାର କରାଯାଇଥିଲା । ଏହିସମୟରେ ହଠାତ୍ ତାଙ୍କର ହୃଦ୍‌ସ୍ପନ୍ଦନ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା । କିଛି ସମୟ ପାଇଁ ସେ ମରି ଯାଇଥିଲେ ବୋଲି କହିଛନ୍ତି । ତାଙ୍କ କହିବାନୁସାରେ, ମୃତ୍ୟୁ ପରେ ସେ ଯନ୍ତ୍ରଣା ଜର୍ଜରିତ କିଛି ଲୋକଙ୍କ ଆର୍ତ୍ତ ଚିତ୍କାର ଶୁଣିଥିଲେ । ଏହି ସମୟରେ ସେ ଏକ ଜଳନ୍ତା ରାସ୍ତାରେ ଥିବାର ଅନୁଭବ କଲେ । ତାଙ୍କୁ ପୋଡ଼ା ମାଂସର ଗନ୍ଧ ଆସିଥିଲା । ଧୂଆଁ ତାଙ୍କ ନାକରେ ଭର୍ତ୍ତି ହୋଇଗଲା । ସେତେବେଳେ ସେ ନର୍କଦ୍ୱାରରେ ଥିବା ପରି ଅନୁଭବ କରିଥିବା କୁହନ୍ତି । ଏହାପରେ ତାଙ୍କୁ ଦୁଇଜଣ ଦେବଦୂତ ମିଳିଥିଲେ । ସେମାନେ ତାଙ୍କୁ ନର୍କରୁ ଏକ ସୁଡ଼ଙ୍ଗ ପରି ଦ୍ୱାର ଦେଇ ଏକ ଅଦ୍ଭୁତ ଓ ସୁନ୍ଦର ସ୍ଥାନକୁ ନେଇଗଲେ । ସେଠାରେ ସେ କେବଳ ଉଜ୍ଜ୍ୱଳ ଆଲୋକ ଦେଖିପାରୁଥିଲେ । ସେହି ଆଲୋକରୁ ଜଣେ ବ୍ୟକ୍ତି ବାହାରି ଡାକ୍ତରଙ୍କୁ କିଛି ପ୍ରଶ୍ନ ପଚାରିଥିବା ସେ କହିଥିଲେ । ସେହିସମୟରେ ସେ ଅସ୍ତ୍ରୋପଚାର ଟେବୁଲ ଉପରେ ନିଜକୁ ପଡ଼ିଥିବାର ମଧ୍ୟ ଦେଖିଥିଲେ । ଏହା ତାଙ୍କର ମୃତ୍ୟୁ ପରର ଜୀବନ ଥିଲା ବୋଲି ଡାକ୍ତର ଜଣକ ଦାବି କରିଛନ୍ତି । ଏହି ଘଟଣା ପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା । ସେ ତାଙ୍କ ଡାକ୍ତରୀ ପେସା ମଧ୍ୟ ଛାଡ଼ିଦେଇଥିଲେ ।



## ଆସିବ 'ବାହୁବଳି ୩'

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଅଭିନୀତ 'ବାହୁବଳି' ଓ 'ବାହୁବଳି ୨'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ଦୁଇଟି ଯାକ ଫିଲ୍ମ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା । ଏବେ ଏହି ଦୁଇଟି ଫିଲ୍ମକୁ ମିଶାଇ ଏସ୍. ଏସ୍. ରାଜମୌଲି 'ବାହୁବଳି: ଦ ଏପିକ୍' ନିର୍ମାଣ କରିଛନ୍ତି । ଏହା ଏଇ ୩୧ରେ ରିଲିଜ୍ ହେବ । ଇତିମଧ୍ୟରେ ଫିଲ୍ମ ନିର୍ମାତା ଶୋଭୁ ୟାର୍ଲାଗଡ୍ଡା 'ବାହୁବଳି ୩'କୁ ନେଇ ଖୁଲାସା କରିଛନ୍ତି । 'ବାହୁବଳି: ଦ ଏପିକ୍'ର ପ୍ରଚାର ସମୟରେ 'ବାହୁବଳି ୩'କୁ ନେଇ କୌଣସି ପ୍ରକାରର ଘୋଷଣା କରାଯିବ ନାହିଁ ବୋଲି ସେ କହିଛନ୍ତି । ଯଦିଓ ଶୋଭୁ ଫିଲ୍ମ ରିଲିଜ୍ କେବେ ହେବ ସେନେଇ କିଛି କହିନାହାନ୍ତି କିନ୍ତୁ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ତେବେ 'ବାହୁବଳି: ଦ ଏପିକ୍'ର ଶେଷରେ ଫିଲ୍ମ ନିର୍ମାତା 'ବାହୁବଳି ୩' ବିଷୟରେ କିଛି ସୂଚନା ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି ।

## ଆମ ବିଦ୍ୟାଳୟ



**କ୍ଷମାନିଧି ଭୋଇ**

ଆମ ବିଦ୍ୟାଳୟ ଶିକ୍ଷାର ଭଣ୍ଡାର
ଦିଶଇ କେଡ଼େ ସୁନ୍ଦର
ଆମକୁ ଦିଅଇ କେତେ କେତେ ଶିକ୍ଷା
ଅଭୁଲା ତା' ଉପକାର ।
ତା' ପାଖରେ କେତେ ଗୁରୁଜୀ ଗୁରୁମା
ଅଟନ୍ତି ସତେ ଈଶ୍ୱର
ଶିକ୍ଷା ଦେଇଥାନ୍ତି ସେନେହ ସହିତ
ଅଜ୍ଞାନକୁ କରି ଦୂର ।
ବଗିଚା ତାହାର ଆହା କି ସୁନ୍ଦର
ମନ ପ୍ରାଣ ନିଏ ଟାଣି
ସୁରଭିତ ଫୁଲ ସୁଆଦିଆ ଫଳ
ଭରି ରହିଅଛି ପୁଣି ।
ପରଜାପତି ଓ ଭଅଁର ଉଡ଼ନ୍ତି
ଫୁଲେ ଫୁଲେ ଚୁମି ଚୁମି
କେତେ ଆନନ୍ଦରେ ଡେଣାକୁ ମେଲେଇ
ଚାରିଆଡ଼େ ଯାନ୍ତି ଘୂରି ।
କେତେ ବୈଜ୍ଞାନିକ କେତେ ଗାଣିତିକ
କେତେ କେତେ ରାଜନେତା
ଗଢ଼ି ଦେଇଅଛି ବିଦ୍ୟାଳୟ ଏହି
ଦେଖାଇ ତା' ମହାନତା ।
କେତେ ଶାସ୍ତ୍ର ଜ୍ଞାନ କେତେ ତର୍କ ଜ୍ଞାନ
ଇଂରାଜୀ ଓ ଚିତ୍ରାଙ୍କନ
ସାମାଜିକ ପାଠ କେତେ ନାଚ ଗୀତ
ଶିଖିଅଛୁ ତା'ଠୁଁ ପୁଣ ।
ଆହା କି ସୁନ୍ଦର ଆମ ବିଦ୍ୟାଳୟ
ଅଟଇ ଶିକ୍ଷା ମନ୍ଦିର
ମଣିଷ ଗଢ଼ା ଏ କାରଖାନା ପରା
ଆମେ ରତନ ତାହାର ।
ଆମକୁ ଗଢ଼ଇ ମଣିଷ ପରି ସେ
ସେନେହ ଆଦର କରି
ଆସ ଆମେ ତା'ର କରିବା ବିକାଶ
ତନୁ ମନ ପ୍ରାଣ ଭରି ।■

ସାଗୁନପାଲି, ସମ୍ବଲପୁର
ମୋ -୯୩୮୨୯୨୯୩୩





## ବାଇଆ ବସା






**ମନୀଷା ପଣ୍ଡା**

କି ଦିନ ରାତି ଖରା ବରଷା
ଆନନ୍ଦେ ଝୁଲୁଥାଏ
ଦେଖିଲେ ତା'ର ଟିକି ବସାଟି
ସବୁରି ମନ ପାଏ ।
ଗୋଟେଇ ନେଇ କାଠି କୁଟାକୁ
ଥଣ୍ଟେ ପତର ଚିରି,
ବାୟା ଚଢ଼େଇ ଗଢ଼ଇ ବସା
କେତେ ଯତନ କରି ।
ବସାଟି ତା'ର ଏଡ଼େ ସୁନ୍ଦର
ଧନ୍ୟ ତା' କାରିଗରୀ,
ଟିକି ମୁଣ୍ଡରେ ଗଦାଏ ବୁଦ୍ଧି
ବିହି ଦେଇଛି ଭରି ।
ମାଟିଆ ରଙ୍ଗ ଦେହଟି ତା'ର
ଥଣ୍ଟରେ ପୋକ ଖୁଣ୍ଟି,
ପେଟର ଭୋକ ମେଣ୍ଟାଇ ନିଏ
ଛୁଆଙ୍କୁ ଦିଏ ବାଣ୍ଟି ।
ଝୁଲାମୁଣି ଭଳି ଝୁଲାଇ ବସା
ଭିତରେ ଖୋପ କରି,
ଛୁଆଙ୍କୁ ତା'ର ଅତି ଯତନେ
ଆହାର ଦିଏ ଭରି ।
କଳି କଜିଆ ରାଗ ରୁଷାରୁ
ବାଇଆର କି' ଯାଏ !
ଗଛରେ ଥାଇ ବାଆ ବେଳେ ତା
ବସାରେ ଝୁଲୁଥାଏ ।■

ଅଙ୍ଗରାନ୍ତିପୁର, ଢେଙ୍କାନାଳ
ମୋ-୮୨୪୯୬୮୬୦୯୩

# ସୁମନ

## ଭାଲୁର ଆଳୁ ଚାଷ



**ରମେଶ ଚନ୍ଦ୍ର ଦାଶ**

ବିଲୁଆ ଆଳୁ ଚାଷ କରିବା ଦେଖି ବଣରାଇଜର ସମସ୍ତ ପ୍ରାଣୀ ପ୍ରଶଂସା କଲେ । ଏହା ଦେଖି ଭାଲୁ ବି ଆଳୁ ଚାଷ କରିବାକୁ ବାହାରିଲା । ସେ ଦିନେ ସଂଧ୍ୟାରେ ବିଲୁଆ ପାଖରେ ପହଞ୍ଚି ଆଳୁ ଚାଷ ବିଷୟରେ ପଚାରି ବୁଝିଲା । ବିଲୁଆ ବି ଯାହା ଜାଣିଥିଲା ସବୁ କହିଲା । ଶେଷରେ ବିଲୁଆ ଭାଲୁକୁ କହିଲା- ଆଉ ଯାହା ଜାଣିବାର ଅଛି, ଚାଷ ସମୟରେ ନିଜେ ଚେଷ୍ଟାକଲେ ଜାଣିପାରିବ । ଏଥିରେ ଭାଲୁର ମନ ବୁଝିଲା ନାହିଁ । ସେ ବିଲୁଆକୁ କହିଲା- ତୁ ମୋତେ ଅସଲ କଥା ଲୁଚାଉଛୁ । ଆଳୁ ଚାଷ କଲେ ସମସ୍ତେ ମୋତେ ପ୍ରଶଂସା କରିବେ ବୋଲି ତୁ ଈର୍ଷା କରୁଛୁ । ଏତକ କହିବା ସହିତ ଭାଲୁ ନିଜେ ଆଳୁ ଚାଷ କଲା । ମଝିରେ ମଝିରେ ଯାହା ଦରକାର ପଡ଼େ ବିଲୁଆ ପାଖକୁ ଯାଇ ବୁଝେ । ତା'ର ଆଗ୍ରହ ଥିବାରୁ ଆଳୁଚାଷ ଭଲ ହେଲା । ଏହା ଦେଖି ସମସ୍ତେ ପ୍ରଶଂସା କଲେ । ଏପରିକି ନିଜେ ବିଲୁଆ ମଧ୍ୟ ପ୍ରଶଂସା କଲା । ଦିନେ ଭାଲୁ ବିଲୁଆକୁ କହିଲା- ମୋର ବୁଦ୍ଧି ଅଧିକ ଯୋଗୁଁ ମୁଁ ତୋ ଠାରୁ ବଢ଼ିଆ ଆଳୁଚାଷ କଲି । ଏଥିରେ ବିଲୁଆ ଆଶ୍ଚର୍ଯ୍ୟ ହୋଇଗଲା । ସେ ଆଉ କିଛି ନ କହି କହିଲା- ହଁ ହଁ ନିଶ୍ଚୟ । ତୁମେ ତ ବୟସରେ ବଡ଼ । ତୁମର ବୁଦ୍ଧି ବି ଅଧିକ । ତେଣୁ ତୁମ ଆଳୁ ଚାଷ ବଢ଼ିଆ ହୋଇଛି । ମୋର ସେଭଳି କରିବାର ଯୋଗ୍ୟତା ନାହିଁ । ଏହା ଶୁଣି ଭାଲୁର ମନ କୁଣ୍ଢେମୋଟ ହୋଇଗଲା । ବିଲୁଆ ଓ ଭାଲୁର କଥାବାର୍ତ୍ତା ସମୟରେ ଶୁଆଟିଏ ସେଇବାଟେ ଯାଉଥିଲା । ଭାଲୁ ଯେଉଁଦିନ ବିଲୁଆ ପାଖକୁ ଯାଇ ଆଳୁଚାଷ ସମ୍ପର୍କରେ ବୁଝୁଥିଲା, ସେଦିନ ବି ଶୁଆଟି ଗଛ ଡାଳରେ ରହି ସବୁ ଶୁଣିଥିଲା । ସେ ନିଜକୁ ସମ୍ଭାଳି ନ ପାରି ଭାଲୁକୁ କହିଲା- ମଉସା, ତୁମେ ବଡ଼ ଠକ । ତୁମକୁ ଆଳୁଚାଷ ବିଷୟରେ କିଛି ଜଣା ନ ଥିଲା । ବିଲୁଆ ଠାରୁ ଶିଖି ଆଳୁ ଚାଷ କଲ । ସେଥିରେ ବିଲୁଆକୁ ଧନ୍ୟବାଦ ନ ଦେଇ ନିଜକୁ ବୁଦ୍ଧିଆ ବୋଲି କହୁଛ, ଲାଜ ଲାଗୁନାହିଁ । ଏହା ଶୁଣି ଭାଲୁର ମୁହଁ ଶୁଖିଗଲା । ସେ ବିଲୁଆ ପାଖରେ ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କଲା ।■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ- ୯୭୭୬୨୩୮୫୨୨

## ପ୍ରହେଳିକା

ହେମନ୍ତ ଋତୁରେ ସେ ମାସ ଆସେ
ଧର୍ମ ମାସ ବୋଲି ରାଇଜ ହସେ
ବୃନ୍ଦାବତୀ ପାଶେ ବସିକି ଆଇ
ତପ ଜପ କରେ ପ୍ରଭୁଙ୍କୁ ଧ୍ୟାୟୀ
ଶିରୀ ମନ୍ଦିରରେ ହୁଏ ଗହଳି
ବ୍ରତ ପାଳିଥାନ୍ତି ହବିଷିଆଳୀ
ପଞ୍ଚୁକରେ ହୁଏ ଶରତ ରାସ
ଏବେ କୁହ ମିତ ସେ କେଉଁ ମାସ ।

ଉତ୍ତର-କାର୍ତ୍ତିକ ମାସ

ବାରଟିଏ ସିଏ କାର୍ତ୍ତିକ ମାସେ
ସାରା ଶୈବପୀଠ ଗହଳି ଦିଶେ
ସଭିଏଁ କରନ୍ତି ଜଳ ଅର୍ପଣ
ଶିବ କରିଥାନ୍ତି ରିଷ୍ଟ ଖଣ୍ଡନ
ଶୁଭ ବାର ବୋଲି ଖ୍ୟାତ
ଶିବ ପୂଜା କଲେ ପୂଣ୍ୟ ମିଳିଥାଏ
କୁହ ତା'ର ନାମ ମିତ ।

ଉତ୍ତର-ସୋମବାର

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬





**ଅଦ୍ୱିତା ବିଶ୍ୱାଳ**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ବିଦ୍ୟାମନ୍ଦିର
ଭୀମଟାଙ୍ଗି
ଭୁବନେଶ୍ୱର





**କୀର୍ତ୍ତି କ୍ରିଷ୍ଣା ରାଉତ**
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ
ବିଦ୍ୟାଳୟ
ହଂସପଡ଼ା, ପୁରୀ





**ଆରୁଷି ପଟ୍ଟନାୟକ**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଶାନ୍ତାସାହି, କେନ୍ଦ୍ରାପଡ଼ା



# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

## ଦ୍ୱିତୀୟ ଟେଷ୍ଟ; ୧୭୩ ରନ୍‌ରେ ଜୟସ୍ୱାଲ ଅପରାଜିତ

# ପ୍ରଥମ ଦିନରେ ଭାରତର ପ୍ରାଧାନ୍ୟ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି)

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କର ଆକ୍ରମଣାତ୍ମକ ୧୭୩ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଛି। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୭ମ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ସାଇ ସୁଦର୍ଶନଙ୍କ ସହ ୧୯୩ ରନ୍ ସଂଗ୍ରହ କରିବା ଫଳରେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୩୧୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୟସ୍ୱାଲଙ୍କ ସହ ଅଧିନାୟକ ଶୁବମନ ଗିଲ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଆଉଟ ହୋଇଥିବା ଦୁଇ ଖେଳାଳିଙ୍କ ମଧ୍ୟରୁ ଓପନର ଲୋକେଶ ରାହୁଲ ୩୮ ଓ ସୁଦର୍ଶନ ୮୭ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ୨ଟି ଯାକ ୱିକେଟ ଅକ୍ତିଆର କରିଥିଲେ। ଟସ୍ ଜିତିଥିବା ଭାରତ ଏଠାରେ ସିରିଜ୍ ସୁଇପ୍ ଲକ୍ଷ୍ୟ ନେଇ ପ୍ରଥମେ ବ୍ୟାଟିଂ କରିଥିଲା। ଅନ୍ୟ ପକ୍ଷରେ କ୍ରମାଗତ କ୍ଲିନ୍ ସୁଇପ୍ ଏଡାଇବା ଲାଗି ୱେଷ୍ଟଇଣ୍ଡିଜ୍ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଅଧିନାୟକ ରୋଷ୍ଟୋନ ଚେଜ୍ କହିଥିଲେ।



ଏଠାରେ ଟସ୍ ଜିତିବା ପରେ ଶୁବମନ ଗିଲ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁଇ ଓପନର ଜୟସ୍ୱାଲ ଓ ରାହୁଲ ପ୍ରଥମ ୱିକେଟରେ ୫୮ ରନ୍ ଉଠାଇଥିଲେ। ଏମାନେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ ମଧ୍ୟ ପ୍ରତିପକ୍ଷ ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କ ପ୍ରଥମ ଓଭରରେ ଓଭର ଷ୍ଟେପ୍ କରି ସଟ୍ ମାରିବାକୁ ଚେଷ୍ଟା କରିଥିବା ରାହୁଲ ୩୮ ରନ୍‌ରେ ଷ୍ଟମ୍ପ୍ ଆଉଟ ହୋଇଯାଇଥିଲେ। ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌କୁ ବ୍ରେକ୍ ଥ୍ରୁ ଦେବାରେ ୱାରିକାନ ସମର୍ଥ ହୋଇଥିଲେ। ରାହୁଲଙ୍କ ଆଉଟ ପରେ ଜୟସ୍ୱାଲଙ୍କ ଓ ସାଇ ସୁଦର୍ଶନ ଲଞ୍ଚ୍ ସୁଦ୍ଧା ୧ ୱିକେଟରେ ୯୪ ରନ୍ କରିଥିଲା। ଲଞ୍ଚ୍ ପରେ ଉଭୟ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରି ଉନ୍ନତ ହାରରେ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ସୁଦର୍ଶନ ୫୮ ରନ୍ କରିଥିଲାବେଳେ ଆଉଟ ହେବାର ଏକ ସୁଯୋଗ ଦେଇଥିଲେ। ତାହାକୁ କିନ୍ତୁ ୱେଷ୍ଟଇଣ୍ଡିଜ୍ ହାତଛଡ଼ା କରିଥିଲା। ଯାହା ଫଳରେ ଜୟସ୍ୱାଲ ଓ ସୁଦର୍ଶନଙ୍କ ଭାଗୀଦାରିରୁ ୧୯୩ ରନ୍ ମିଳିଥିଲା। ସୁଦର୍ଶନ ତାଙ୍କ ସ୍ୱଳ୍ପ ଟେଷ୍ଟ କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଜୟସ୍ୱାଲ ୨୬ତମ ଟେଷ୍ଟରେ ୭ମ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ୭ଟି ଶତକ ମଧ୍ୟରେ ସେ ୫ମଥର ଲାଗି ୧୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଡେବ୍ୟୁ ଟେଷ୍ଟରେ ୧୭୧ ରନ୍ ସାମିଲ। ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ଭାରତ ଲାଗି ଚତୁର୍ଥ ସର୍ବାଧିକ ସ୍କୋର କରିଛନ୍ତି। ତାଙ୍କ ପୂର୍ବରୁ ୨୦୦୭ରେ କୋଲକାତା ଟେଷ୍ଟର ପାକିସ୍ତାନ ବିପକ୍ଷରେ ୱାସିମ୍ ଜାଫର ୧୯୨, ୨୦୧୭ ଗଲ ଟେଷ୍ଟର ଶ୍ରୀଲଙ୍କା ବିପକ୍ଷରେ ଶିଖର ଧାୱନ ୧୯୦ ଓ ୨୦୨୪ ଭାଇଜାଗ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ ୧୭୯ ରନ୍ କରିଥିଲେ।

ତୃତୀୟ ସେସନରେ ସୁଦର୍ଶନଙ୍କ ଆଉଟ ହେବା ପରେ ଜୟସ୍ୱାଲଙ୍କ ସହ ଯୋଗ ଦେଇ ଅଧିନାୟକ ଶୁବମନ ଗିଲ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳିଙ୍କ ଡିଫେନ୍ସ ଏତେ ଷ୍ଟ୍ରଙ୍ଗ୍ ହୋଇଥିଲା ଯେ, ୱେଷ୍ଟଇଣ୍ଡିଜ୍ ବୋଲରମାନେ ଆଉଟ କରିବାକୁ ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ଗିଲ ୨୦ ରନ୍ କରି ଜୟସ୍ୱାଲଙ୍କ ସହ ଅପରାଜିତ ରହିଥିଲେ। ସେ ୨୫୩ଟି ବଲ୍‌ର ସାମ୍ନା କରି ୨୨ ଚୌକା ସହ ୧୭୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ କୌଣସି ବୋଲର ଭାରତୀୟ ବ୍ୟାଟରଙ୍କ ଉପରେ ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲେ। କିନ୍ତୁ ୨ରୁ ୩ଟି ସ୍ପେଲ୍‌ରେ ଟାଇଟ ବୋଲିଂ କରି ରନ୍ ସଂଗ୍ରହ ହାର କମାଇଦେଇଥିଲେ। ଦଳର ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କୁ ୨ଟି ଯାକ ଭାରତୀୟ ୱିକେଟ ମିଳିଥିଲା। ରାହୁଲଙ୍କୁ ଆଉଟ କରିବା ଲାଗି ସେ ୮.୪ ଡିଗ୍ରି ଓ ସୁଦର୍ଶନଙ୍କୁ ଏଲବିଡବ୍ଲ୍ୟୁ କରିବାକୁ ୬.୪ ଡିଗ୍ରିରେ ବଲ ଟର୍ଣ୍ଣ କରାଇଥିଲେ। ଏହାକୁ ବାଦ୍ ଦେଲେ ଆଉ କୌଣସି ବଲ ଏତେ ଟର୍ଣ୍ଣ ନେଇ ନ ଥିଲା। ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ଭାରତୀୟ ଦଳ କୌଣସି ଖେଳାଳି ପରିବର୍ତ୍ତନ ନ କରି ଏହି ମ୍ୟାଚ୍ ଖେଳିଥିଲା। କିନ୍ତୁ ୱେଷ୍ଟଇଣ୍ଡିଜ୍ ଦୁଇ ଜଣ ଖେଳାଳି ବଦଳାଇଥିଲା। ବ୍ରାଣ୍ଡନ କିଙ୍ଗ୍‌ଙ୍କ ସ୍ଥାନରେ ଯୁବ ୱିକେଟରକ୍ଷକ ଟେଭିନ ଇମ୍‌ଲାଚ୍ ଏଠାରେ ଡେବ୍ୟୁ କରିଛନ୍ତି। ସେହିପରି ଜୋହାନ ଲେନ୍‌ଙ୍କ ସ୍ଥାନରେ ଆଣ୍ଡରସନ ଫିଲିପ୍‌ଙ୍କୁ ସାମିଲ କରାଯାଇଛି।

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ: ୩୧୮/୨, ୯୦ ଓଭର** (ଯଶସ୍ୱୀ ଜୟସ୍ୱାଲ-ବ୍ୟାଟିଂ-୧୭୩, ଲୋକେଶ ରାହୁଲ-ଷ୍ଟମ୍ପ୍. ଇମ୍‌ଲାଚ୍ ବୋ.ୱାରିକାନ୍-୩୮, ସାଇ ସୁଦର୍ଶନ-ଏଲ୍‌ବିଡବ୍ଲ୍ୟୁ ବୋ.ୱାରିକାନ୍-୮୭, ଶୁବମନ ଗିଲ-ବ୍ୟାଟିଂ-୨୦, ଅତିରିକ୍ତ-୦)।

**ୱିକେଟ ପତନ**: ୧/୫୮ (ରାହୁଲ), ୨/୨୫୧ (ସୁଦର୍ଶନ)।

**ବୋଲିଂ ବିଶ୍ଳେଷଣ (ୱେଷ୍ଟଇଣ୍ଡିଜ୍)**: ଜେଡେନ ସିଲ୍ସ: ୧୬-୧-୫୯-୦, ଆଣ୍ଡରସନ ଫିଲିପ୍: ୧୩-୨-୪୪-୦, ଜଷ୍ଟିନ ଗ୍ରିଭ୍‌ସ: ୮-୧-୨୬-୦, ଖାରୀ ପିଏରେ: ୨୦-୧-୭୪-୦, ଜୋମେଲ ୱାରିକାନ୍: ୨୦-୩-୬୦-୨, ରୋଷ୍ଟୋନ ଚେଜ୍: ୧୩-୦-୫୫-୦।

## କିଂବଦନ୍ତିଙ୍କ ସହ ସମକକ୍ଷ ହେଲେ ଯଶସ୍ୱୀ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୧୭୩ ରନ୍ କରି କିଂବଦନ୍ତିଙ୍କ ସହ ସକମକ୍ଷ ହୋଇପାରିଛନ୍ତି। ୧୪୫ ବଲ୍‌ରେ ୭ମ ଟେଷ୍ଟ ଶତକ ହାସଲ କରିଥିବା ଏହି ଯୁବ ଓପନର ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୨୪ ବର୍ଷ ପୂର୍ବରୁ ଜୟସ୍ୱାଲ ୭ଟି ଶତକ ହାସଲ କରି ପାକିସ୍ତାନର ଜାଭେଦ୍ ମିଆଁଦାଦ୍, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍, ଇଂଲଣ୍ଡର ଆଲିଷ୍ଟର କୁକ୍ ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କ ସହ ସମକକ୍ଷ ହୋଇଛନ୍ତି। ଏମାନଙ୍କଠାରୁ କେବଳ ୩ଜଣ ଖେଳାଳି ୨୪ ବର୍ଷ ବୟସରେ ଅଧିକ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସେମାନେ ହେଲେ ଡନ୍ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗାରଫିଲ୍ଡ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଯଶସ୍ୱୀ ଜୟସ୍ୱାଲ ଟେଷ୍ଟ ଡେବ୍ୟୁ କରିବା ପରେ ୭ଟି ଶତକ ହାସଲ କରିଥିଲାବେଳେ ତାଙ୍କର ପାର୍ଟନର ହୋଇଥିବା ସମସ୍ତ ଖେଳାଳି ମାତ୍ର ୬ଟି ଶତକ କରିପାରିଛନ୍ତି। ଏହି ସମୟରେ ଇଂଲଣ୍ଡର ବେନ୍ ଡକେଟ ୪ଟି ଶତକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହାଛଡ଼ା ଅନ୍ତର୍ଜାତୀୟ କ୍ରିକେଟରେ ଯଶସ୍ୱୀ ୫୦ତମ ମ୍ୟାଚ୍‌ରେ ୩୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଏହି ରନ୍ ସହ ସେ କେତେ ପରିପକ୍ୱ ହୋଇଛନ୍ତି, ତାହାର ଝଲକ ଏଠାରେ ଦେଇଛନ୍ତି।

### ■ ମହିଳା ବିଶ୍ୱକପ୍ କ୍ରିକେଟ

## ବାଂଲାର ଶୋଚନୀୟ ପ୍ରଦର୍ଶନ

ଗୁଆହାଟୀ,୧୦।୧୦(ଏଜେନ୍ସି): ଏଠାରେ ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା ବିଶ୍ୱକପ୍ ମୁକାବିଲାରେ ବାଂଲାଦେଶ ଶୋଚନୀୟ ପ୍ରଦର୍ଶନ କରିଛି। ନ୍ୟୁଜିଲାଣ୍ଡ ପ୍ରଦତ୍ତ ୨୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୨୭ ଓଭର ଖେଳ ଶେଷସୁଦ୍ଧା ବାଂଲାଦେଶ ୭ ୱିକେଟରେ ୭୫ ରନ୍ କରି ପରାଜୟର ସମ୍ମୁଖୀନ ହୋଇଛି। ଏହି ସମୟରେ ଫାହିମା ଖାତୁନ ୧୯ ଓ ରାବେୟା ଖାନ୍ କୌଣସି ରନ୍ ନକରି ବ୍ୟାଟିଂ କରୁଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୩ ପେସ ବୋଲର ରୋଜ୍‌ମେରୀ ମେୟାର, ଜେସ୍ କେର ଓ ଲିଆ ତାହୁହୁ ୨ଟି ଲେଖାଏଁ ୱିକେଟ ନେଇ ବାଂଲାର ବ୍ୟାଟିଂ ବିପର୍ଯ୍ୟୟ ରଚନା କରିଥିଲେ। ପୂର୍ବରୁ ଅଧିନାୟିକା ସୋଫି ଡିଭାଇନଙ୍କ ୬୩ ଓ ବ୍ରୁକ୍ ହ୍ୟାଲିଡେ'ଙ୍କ ୬୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୨୭ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଜି ବେଟ୍ସ ୨୯ ଓ ମ୍ୟାଡି ଗ୍ରୀନ୍ ୨୫ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ବାଂଲା ପକ୍ଷରୁ ରାବେୟା ଖାନ୍ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

**ଆଜିର ମ୍ୟାଚ୍**
**ଇଂଲଣ୍ଡ-ଶ୍ରୀଲଙ୍କା**
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

### ● ସିକେ ନାଇଡୁ ଟ୍ରଫି

## ସାଇଦୀପଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୧୦।୧୦(ସମିସ): ଆସନ୍ତା ୧୬ ତାରିଖରୁ ୨୩ବର୍ଷରୁ କମ୍ ପୁରୁଷ ସି.କେ ନାଇଡୁ ଟ୍ରଫି ଆରମ୍ଭ ହେବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ୧୫ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଦଳ ଚୟନ କମିଟି ସଦସ୍ୟ ଅବକାଶ ଖଟୁଆ, ୨୩ବର୍ଷରୁ କମ୍ ପୁରୁଷ ଦଳର ମୁଖ୍ୟ କୋଚ୍ ସୁବିତ ବିଶ୍ୱାଳ, ସହକାରୀ କୋଚ୍ ବିଭୂଦତ୍ତ ପଣ୍ଡା ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ସାଇଦୀପ ମହାପାତ୍ର ରାଜ୍ୟ ଦଳର ନେତୃତ୍ୱ ନେବେ। ଓମ ଟି ମୁଣ୍ଡେଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ମିଳିଛି। ଦଳରେ ଆୟୁଷ ସୂତାର, ପାନକଳ ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜଳ ସିଂହ, ଦିନେଶ ମାଝୀ(ୱିକେଟ କିପର), ଆକାଶ ମହାପାତ୍ର(ୱିକେଟ କିପର), ବିମଳ କୁମାର, ମହମ୍ମଦ ଡାନିସ୍, ସୌମ୍ୟ ରଞ୍ଜନ ଲେଙ୍କା, ଆୟୁଷ ବାରିକ, ରିତେଶ ପ୍ରିୟରଞ୍ଜନ, ମହମ୍ମଦ ସୋହେଲ, ଆଶୁତୋଷ ଛୁରିଆ ସ୍ଥାନ ପାଇଛନ୍ତି। ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମରେ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଘରୋଇ ହାଇଦ୍ରାବାଦ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

### ● ୧୯ ବର୍ଷରୁ କମ୍ ମହିଳା ଟି-୨୦

## ୧୬ ଜଣିଆ ରାଜ୍ୟ ଦଳ ଘୋଷିତ

କଟକ,୧୦।୧୦(ସମିସ): ଅକ୍ଟୋବରରୁ ୨୬ରୁ ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଆଜି ଓସିଏ ସମ୍ମିଳନୀ କକ୍ଷରେ ମହିଳା ଚୟନ କମିଟି ସଦସ୍ୟା ଶୁଭ୍ରାଂଶୁବାଳା ଭୂୟାଁ ଓ ୧୯ ବର୍ଷରୁ କମ୍ ମହିଳା ଦଳ କୋଚ୍ କାଦମ୍ବିନୀ ମହାକୁଡ ଉପସ୍ଥିତ ରହି ରାଜ୍ୟ ଦଳ ଘୋଷଣା କରିଥିଲେ। ଘୋଷିତ ୧୬ଜଣିଆ ଦଳରେ ପ୍ରିୟଙ୍କାରୀ ମୁଦୁଲିଙ୍କୁ ନେତୃତ୍ୱ ଦିଆଯାଇଛି। ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ(ୱିକେଟ କିପର), ଅନୁଷ୍କା ମହାନ୍ତି(ୱିକେଟ କିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପସିତା ପରିଡା, ଯଶମଣି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂହ, ସ୍ୱାତିକା ବେହେରା, ଯୁବଲୀପି ପରିଡ଼ା ଦଳରେ ରହିଛନ୍ତି। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

### ● ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତା

## ପ୍ରଥମ ଦିନରେ ଓଡ଼ିଶାକୁ ୬ ପଦକ




ଭୁବନେଶ୍ୱର,୧୦।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଉତ୍ତରପ୍ରଦେଶର ସାହରଣପୁରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ୩ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ବରିଷ୍ଠ ଫାଇଟିଂରେ ନିରୁପମା ସ୍ୱାଇଁ, ବିଦ୍ୟା ପୃଷ୍ଟି ଓ ପ୍ରିୟଦର୍ଶିନୀ ଘଟୁଆରୀ ରୌପ୍ୟ ପଦକ ହାସଲ କରିଛନ୍ତି।

### ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ ସିରିଜ୍

## କିସ୍‌ର ଡୁମୁଣି ଭାରତର ଉପଅଧିନାୟିକା

ଭୁବନେଶ୍ୱର,୧୦।୧୦ (ସମିସ): କିସ୍‌ର ଛାତ୍ରୀ ଡୁମୁଣି ମାର୍ଣ୍ଡି ଏସିଆ ରଗ୍‌ବୀ ସେଭେନ୍ସ ସିରିଜ୍ ଲାଗି ଭାରତୀୟ ମହିଳା ଦଳର ଉପଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ପକ୍ଷରୁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ସ୍ଥାନ ପାଇଥିଲାବେଳେ କିସ୍‌ରୁ ୩ଜଣ ରହିଛନ୍ତି। କିସ୍‌ର ଅନ୍ୟ ଦୁଇ ଖେଳାଳି ହେଲେ ତରୁଲତା ନାୟକ ଓ ନିର୍ମାଲ୍ୟ ରାଉତ। ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ ଚତୁର୍ଥ ଓଡ଼ିଆ ଖେଳାଳି ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କାର କଲମ୍ବୋଠାରେ ଏହି ସିରିଜ୍ ଅକ୍ଟୋବର ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଖେଳାଯିବ। କୋଲକାତାର ସାଇ ସେଣ୍ଟରଠାରେ ଅନୁଷ୍ଠିତ ନ୍ୟାସନାଲ କୋଚିଂ କ୍ୟାମ୍ପରେ ଏହି ଖେଳାଳିମାନେ ପ୍ରଶିକ୍ଷଣ ନେଇଥିଲେ। ଭାରତ ଲାଗି ମନୋନୀତ ସମସ୍ତ ଖେଳାଳିଙ୍କୁ କିଟ୍ ତଥା କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




ନିର୍ମାଲ୍ୟ ରାଉତ, ଡୁମୁଣି ମାର୍ଣ୍ଡି ଓ ତରୁଲତା ନାୟକ

## ଜାତୀୟ ଦଳରେ ମୟୂରଭଞ୍ଜ ଝିଅ ସନ୍ଧ୍ୟା

ବାରିପଦା, ୧୦।୧୦ (ସମିସ): ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ ସିରିଜ-୨୦୨୫ ଲେଗ୍-୨ରେ ଖେଳିବା ପାଇଁ ବରିଷ୍ଠ ମହିଳା ଦଳରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ। ଗତ ମାସ ଚୀନରେ ଅନୁଷ୍ଠିତ ଲେଗ୍-୧ ସିରିଜରେ ପ୍ରଥମଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ସନ୍ଧ୍ୟାରାଣୀ ସର୍ବାଧିକ ୨୪ ପଏଣ୍ଟ ହାସଲ କରି ଇତିହାସ ରଚିଥିଲେ। ତାଙ୍କର ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଭାରତୀୟ ଦଳ ଏସିଆରେ ୧୦ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇପାରିଥିଲା। ଏବେ ସେ ପୁଣିଥରେ ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ମୟୂରଭଞ୍ଜରେ ଖୁସିର ଲହରି ଖେଳିଯାଇଛି।



ଗତ ୨୦୨୩ ଓ ୨୦୨୫ ମସିହାରେ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣପଦକ ଆଣିବାରେ ସନ୍ଧ୍ୟାରାଣୀଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ଫ୍ରାନ୍ସଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ରଗବୀ ପ୍ରତିଯୋଗିତା-୨୦୨୪ରେ ମଧ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଫିଉଚର୍ ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କହିଛନ୍ତି ଯେ ସନ୍ଧ୍ୟାଙ୍କ ସଫଳତାର କାହାଣୀ ଆଗାମୀପିଢ଼ିକୁ ପ୍ରେରଣା ଯୋଗାଉଥିବ। ଜିଲ୍ଲାପାଳ ହେମକାନ୍ତ ସଏ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲ୍ଲା କ୍ରୀଡ଼ାଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ସନ୍ଧ୍ୟାଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

ଭୁବନେଶ୍ୱର, ୧୦।୧୦ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ ଆସନ୍ତାକାଲିଠାରୁ ଅର୍ଥାତ୍ ଅକ୍ଟୋବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ର ଆୟୋଜନ କରାଯିବ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଆୟୋଜିତ ହେଉଛି।

୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପରେ ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କାଜାକିସ୍ତାନ, କିରଗୀଜସ୍ତାନ, ମାଲେସିଆ, ମାଲଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିୟନସିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଟପ୍ ରାଙ୍କିଙ୍ଗ ଟେବୁଲ ଟେନିସ୍ ଖେଳାଳିମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ରେ ଅଂଶ ଗ୍ରହଣ କରିଛନ୍ତି। ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି। ଇତି ମଧ୍ୟରେ ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍‌ମାନେ ଆସି ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି। ଖେଳାଳୀମାନେ ପ୍ରତିଯୋଗିତା ପାଇଁ ନିଜର ଅଭ୍ୟାସ ମଧ୍ୟ ଆରମ୍ଭ କରିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ ବିଭାଗ ପକ୍ଷରୁ ସୁନିଶ୍ଚିତ କରାଯାଇଛି। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବୁକ୍ ମାଇ ସୋ (Book My Show) ୱେବ୍ସାଇଟରେ ମଧ୍ୟ ଟିକେଟ ବୁକିଂ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବୁକ୍ ମାଇ ସୋ (Book My Show) ୱେବସାଇଟକୁ ଯାଇ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଦେଖିବା ପାଇଁ ନିଜର ଟିକେଟ ବୁକ୍ କରିପାରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ।




ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡ଼େଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏନ. ଗଣେଶନ, ଅଲମ୍ପିଆନ୍ ତଥା ପଦ୍ମଶ୍ରୀ ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟାସ୍‌ନାଲ୍ ଜୁନିଅର ଆଥଲେଟିକ୍ସ ଆରମ୍ଭ

ଭୁବନେଶ୍ୱର,୧୦।୧୦ (ସମିସ): କଳିଙ୍ଗ ଷ୍ଟାଡ଼ିୟମ ଠାରେ ଆଜିଠାରୁ ୪୦ତମ ନ୍ୟାସନାଲ ଜୁନିଅର ଆଥଲେଟିକ୍ସ ଚାମ୍ପିୟନସିପ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଆସନ୍ତା ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ୩୮ଜଣ ପୁରୁଷ ଏବଂ ୩୭ଜଣ ମହିଳା ସର୍ବମୋଟ ୭୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରେ ଏକା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ବିଗତ ଅଗଷ୍ଟ ମାସରେ ଭାରତର ପ୍ରଥମ ୱାର୍ଲଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜର ଆୟୋଜନ ମଧ୍ୟ କଳିଙ୍ଗ ଷ୍ଟାଡ଼ିୟମରେ ସଫଳତାର ସହ କରାଯାଇଥିଲା। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଠାରୁ ନେଇ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ କରିବା ସହ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS